# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-142 ◆TUESDAY ◆18 NOVEMBER 2025 ◆PAGE-12 ◆₹ 6.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୧୪୨ ◆ମଙ୍ଗଳବାର ◆୧୮ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ପରଲୋକରେ ହ୍ୟୁମାନ ସାଗର

▶ପୃଷ୍ଠା ୩ ଦେଖନ୍ତୁ...









ମଦିନା ଦୁର୍ଘଟଣାରେ ୪୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଏମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ସାମିଲ ଥିଲେ। ହାଇଦରାବାଦର ବିମାନ ବନ୍ଦରରେ ନଭେମ୍ବର ୯ରେ ମକ୍କା ଯିବା ପୂର୍ବରୁ ଏହି ପରିବାରର ସଦସ୍ୟଙ୍କୁ ନିକଟ ସମ୍ପର୍କୀୟ ବିଦାୟ ଦେଉଛନ୍ତି। ଦୁର୍ଘଟଣା ସ୍ଥଳୀର ଦୃଶ୍ୟ (ବାମ)।

# ବିହାର: ମନ୍ତ୍ରୀପଦ ପାଇଁ କସରତ

## ବିଜେପିରୁ ୧୬, ଜେଡିୟୁରୁ ୧୪ ଜଣ ହୋଇପାନ୍ତି ମନ୍ତ୍ରୀ

■ ଅଧିକ ମନ୍ତ୍ରୀପଦ ପାଇଁ ଚିରାଗ ପାଶ୍ୱାନଙ୍କ ଦାବି

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ବିହାର ବିଧାନସଭା ନର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ଐତିହାସିକ ବିଜୟ ପରେ ନୂଆ ସରକାର ଗଠନ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଜି ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍‌ଙ୍କୁ ଭେଟି ବିଧାନସଭା ଭଙ୍ଗ ପାଇଁ ସୁପାରିସ କରିଛନ୍ତି। ଆଜି ନୀତୀଶଙ୍କ ଅଧ୍ୟକ୍ଷତାରେ ଶେଷ କ୍ୟାବିନେଟ ବୈଠକ ହୋଇଥିଲା। ବୈଠକରେ ବିଧାନସଭା ଭଙ୍ଗ ପାଇଁ ସୁପାରିସ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆସନ୍ତାକାଲି ବିଜେପି ଓ ଜେଡିୟୁର ମିଳିତ ବିଧାୟକ ଦଳ ବୈଠକ ଡକାଯାଇଛି। ଏଥିରେ ଏନ୍‌ଡିଏର ବିଧାୟକ ଦଳର ନେତା ନିର୍ବାଚିତ କରାଯିବ। ଏହାପରେ ଯାଇ ନୂଆ ସରକାର ଗଠନ କରିବା ଲାଗି ଦାବି ଉପସ୍ଥାପନ କରାଯିବ। ନଭେମ୍ବର ୨୦ରେ ପାଟନା ଗାନ୍ଧୀ ମଇଦାନରେ ନୀତୀଶ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦର ଶପଥ ଗ୍ରହଣ କରିବେ। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ କେନ୍ଦ୍ର ମନ୍ତ୍ରୀ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଇତିମଧ୍ୟରେ ମନ୍ତ୍ରୀ ତାଲିକାକୁ ନେଇ କସରତ ଆରମ୍ଭ ହୋଇଛି। କେଉଁ ଦଳରୁ କେତେ ଜଣ ମନ୍ତ୍ରୀ ହେବେ ତାହାକୁ ନେଇ ବୁଝାମଣା ପ୍ରାୟ ଚୂଡ଼ାନ୍ତ ହୋଇଯାଇଛି। ନୂଆ କ୍ୟାବିନେଟ୍‌ରେ ୩୬ ଜଣ ମନ୍ତ୍ରୀଙ୍କୁ ସାମିଲ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ ରାମ ମାଞ୍ଝି କହିଛନ୍ତି। ନବଗଠିତ ମନ୍ତ୍ରିମଣ୍ଡଳରେ ବିଜେପିର ୧୬, ଜେଡିୟୁର ୧୫, ଚିରାଗ ପାଶୱାଙ୍କ ଏଲ୍‌ଜେପି (ଆର୍), ଏଚ୍‌ଏଏମ୍ ଓ ଆରଏଲ୍‌ଏସ୍‌ପିର ଜଣେ ଲେଖାଏ ମନ୍ତ୍ରୀ ସାମିଲ ହେବେ। ତେବେ ୧୯ଟି ଆସନ ଜିତିଥିବା ଚିରାଗ ପାଶ୍ୱାନଙ୍କ ଏଲଜେପି ନୂଆ ସରକାରରେ ଆଉ ଗୋଟିଏ ମନ୍ତ୍ରୀ ପଦ ପାଇଁ ଦାବି କରିଛି। ଏପରିକି ଏହି ଦଳରୁ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ଲାଗି ମଧ୍ୟ ପାଶ୍ୱାନ ଦାବି କରିଥିବା ଜଣାପଡ଼ିଛି।

ଜେଡିୟୁ ଏହାର ମନ୍ତ୍ରୀ ତାଲିକାରେ ଅଦଳବଦଳ କରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ବିଜେପି ଏହାର ପୁରୁଣା ମନ୍ତ୍ରୀଙ୍କୁ ବଜାୟ ରଖିବାର ସମ୍ଭାବନା ରହିଛି। ତଥାପି କିଛି ପରିବର୍ତ୍ତନ ହୋଇପାରେ। ତେଣୁ ନୂଆ ସରକାରରେ ମନ୍ତ୍ରୀ ପଦ ପାଇବା ଲାଗି ଅନେକ ଆଶାୟୀ ଲବି କରିବା ଆରମ୍ଭ କରିଦେଇଛନ୍ତି।

ସୂଚନାଯୋଗ୍ୟ, ନଭେମ୍ବର ୨୨ରେ ରାଜ୍ୟ ବିଧାନସଭାର କର୍ଯ୍ୟକାଳ ଶେଷ ହେବ। ନିର୍ବାଚନ କମିସନ ଇତିମଧ୍ୟରେ ବିଧାନସଭା ନିର୍ବାଚନ ।।ରେ ବିଜୟୀ ପ୍ରାର୍ଥୀଙ୍କ ତାଲିକା ରାଜଭବନକୁ ପ୍ରଦାନ କରିଛନ୍ତି। ନିର୍ବାଚନରେ ୨୪୩ ଆସନରୁ ଏନ୍‌ଡିଏ ମେଣ୍ଟ ୨୦୨ଟିରେ ବିଜୟୀ ହୋଇଛି। ଏଥିରେ ବିଜେପି ୮୯, ଜେଡିୟୁ ୮୫, ଏଲ୍‌ଜେପି ୧୯, ଏଚ୍‌ଏଏମ୍‌ର ୫, ଆରଏଲ୍‌ଏମ୍‌ର ୪ ଆସନରେ ବିଜୟୀ ହୋଇଛନ୍ତି।



## ଡ୍ରଗ୍ସ ବୋଟ୍ ଉପରେ ଆକ୍ରମଣ, ୩ ମୃତ, ୭୫ ଦିନରେ ୮୩

ୱାସିଂଟନ, ୧୭ ।୧୧(ଏଜେନ୍ସି): ଆମେରିକା ଶନିବାର ପୂର୍ବ ପ୍ରଶାନ୍ତ ମହାସାଗରରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ନେଇ ଯାଉଥିବା ଏକ ବୋଟ୍ ଉପରେ ଆକ୍ରମଣ କରିଛି। ଏଥିରେ ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏ ନେଇ ରବିବାର ଆମେରିକା ସେନା ତରଫରୁ ସୂଚନା ଦିଆଯାଇଛି। ଗତ ସେପ୍ଟେମ୍ବର ମାସ ଆରମ୍ଭରୁ ଏପର୍ଯ୍ୟନ୍ତ ଆମେରିକା ସେନା ଡ୍ରଗ୍ସ ନୌକା ଉପରେ ୨୧ତମ ଆକ୍ରମଣ କରିଛି। ଏହି ଆକ୍ରମଣରେ ଏପର୍ଯ୍ୟନ୍ତ ୮୩ରୁ ଅଧିକ ଲୋକ ମୃତ୍ୟୁବରଣ କଲେଣି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିୟା କହିଛନ୍ତି। ଆମେରିକାରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ଯୋଗାଣକୁ ବନ୍ଦ କରିବା ପାଇଁ ନିହାତି ଜରୁରୀ ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି। ଏହାକୁ ମଧ୍ୟ ନ୍ୟାୟ ବିଭାଗ ଉଚିତ୍ ପଦକ୍ଷେପ ବୋଲି ଦର୍ଶାଇଛି। ତେଣୁ ଏହି ଆକ୍ରମଣରେ ସାମିଲଥିବା ଆମେରିକା ସୈନିକଙ୍କ ବିରୋଧରେ କୌଣସି ଆଇନଗତ ପଦକ୍ଷେପ ନିଆଯିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଆମେରିକା ସେନା ଏହି ଆକ୍ରମଣର ଭିଡିଓ ମଧ୍ୟ ଜାରି କରିଛି। ଟ୍ରମ୍ପ କହିଛନ୍ତି ଯେ, ମୋ ନିର୍ଦ୍ଦେଶରେ ଆମେରିକା ସେନା ଡ୍ରଗ୍ସ ଚୋରାଚାଲାଣ କରୁଥିବା ନାର୍କୋ ଟେରରିଷ୍ଟ ଉପରେ ଆକ୍ରମଣ କରିଛି। ଏମାନେ ଭେନେଜୁଏଲାରୁ ଆମେରିକାକୁ ନିଶାଦ୍ରବ୍ୟ ନେଇ ଯାଉଥିଲେ। ପୂର୍ବରୁ ଗତ ନଭେମ୍ବର ୧୦ରେ ଆମେରିକା ପୂର୍ବ ପ୍ରଶାନ୍ତ ମହାସାଗରରେ ଦୁଇଟି ସନ୍ଦିଗ୍ଧ ନୌକା ଉପରେ ସମାନ କାରଣ ପାଇଁ ଆକ୍ରମଣ କରିଥିଲା ଓ ଏଥିରେ ୬ ଜଣ ମୃତ୍ୟୁବରଣ କରିଥିଲେ।

ନକଲି ପାନ୍‌କାର୍ଡ ମାମଲରେ ରାମପୁର କୋର୍ଟଙ୍କ ରାୟ

## ଆଜମ ଖାନ, ପୁଅଙ୍କୁ ୭ ବର୍ଷ ଜେଲ୍ ଦଣ୍ଡ

ରାମପୁର, ୧୭ ।୧୧(ଏଜେନ୍ସି): ସମାଜବାଦୀ ପାର୍ଟି ବରିଷ୍ଠ ନେତା ଆଜମ ଖାନ୍ ଓ ତାଙ୍କ ପୁଅ ଅବଦୁଲ୍ଲାଙ୍କୁ ପୁଣିଥରେ ୭ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ସୋମବାର ରାମପୁରର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ଦୁହିଁଙ୍କୁ ନକଲି ପାନ୍‌କାର୍ଡ ମାମଲାରେ ଦୋଷୀ ସାବ୍ୟସ୍ତ କରିବା ସହ ଏହି ଦଣ୍ଡ ଶୁଣାଇଛନ୍ତି। ଉଭୟଙ୍କ ଉପରେ ୫୦ ହଜାର ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଛି।



କୋର୍ଟ ରାୟ ଦେବା ପରେ ପୁଲିସ ଦୁଇଜଣଙ୍କୁ କୋର୍ଟ ରୁମ୍‌ରୁ ନିଜ ହେପାଜତକୁ ନେବା ସହ ପୁଣି ଜେଲ୍‌କୁ ପଠାଇଛି। ଦୁଇମାସ ତଳେ ସେପ୍ଟେମ୍ବର ୨୩ରେ ଆଜମ ସୀତାପୁର ଜେଲ୍‌ରୁ ଛାଡ଼ପାଇ ବାହାରକୁ ଆସିଥିଲେ। ଅବଦୁଲ୍ଲା ହରଦୋଇ ଜେଲ୍‌ରୁ ୯ ମାସ ତଳେ ଛାଡ଼ ପାଇଥିଲେ। ଏବେ ଦୁଇଜଣ ଜେଲକୁ ଫେରିଛନ୍ତି। ୨୦୧୯ରେ ଏହି ନକଲି ପାନ୍ କାର୍ଡ ମାମଲା ଦାଏର କରାଯାଇଥିଲା। ବିଜେପି ନେତା ଆକାଶ ସାକସେନା ସିଭିଲ ଲାଇନ୍ସ ଥାନାରେ ଏହି ମାମଲା ରୁଜୁ କରିଥିଲେ। ଆଜମ ତାଙ୍କ ପୁଅ ଅବଦୁଲ୍ଲାଙ୍କୁ ଦୁଇଟି ଭିନ୍ନ ଭିନ୍ନ ଜନ୍ମ ପ୍ରମାଣପତ୍ର ସହ ଦୁଇଟି ପାନ୍ କାର୍ଡ ବେଆଇନ ଭାବେ ଉପଲବ୍ଧ କରାଇବାରେ ସହାୟତା ପ୍ରଦାନ କରିଥିଲେ। ନିର୍ବାଚନ ଲଢ଼ିବା ପାଇଁ ଏହି ବେଆଇନ କାର୍ଯ୍ୟ ହୋଇଥିଲା ବୋଲି ରାମପୁର କୋର୍ଟ ହୃଦୟଙ୍ଗମ କରିବା ପରେ ଏହି ରାୟ ପ୍ରଦାନ କରିଛନ୍ତି।

## କଙ୍ଗୋ ଖଣିରେ ଦୁର୍ଘଟଣା, ୮୦ ମୃତ

କିନ୍‌ଶାସା, ୧୭ ।୧୧(ଏଜେନ୍ସି): କେନ୍ଦ୍ର ଆଫ୍ରିକୀୟ ଦେଶ କଙ୍ଗୋରେ ଏକ ଖଣିରେ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଶନିବାର ଏକ ଖଣି ଧସିବା ଫଳରେ ୮୦ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ବହୁ ଲୋକ ଅବଶେଷ ତଳେ ଦବି ରହିଥିବା ଆଶଙ୍କା କରାଯାଉଛି। ଏହି ଦୁର୍ଘଟଣା ଲଆଲାବା ପ୍ରଦେଶର ମୁଲୋଣ୍ଡୋର କାଲାଣ୍ଡୋ ଖଣିରେ ଘଟିଥିଲା ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରବଳ ବର୍ଷା ଓ ଭୂସ୍ଖଳନ ଆଶଙ୍କା ଥିବାରୁ ଏହି ଖଣିକୁ ଯିବା ପାଇଁ ବାରଣ କରାଯାଇଥିଲା। ଏହା ସତ୍ତ୍ୱେ ବେଆଇନ ଖଣି ଖନନ କରୁଥିବା ଲୋକେ ଜବରଦସ୍ତି ସେଠାକୁ ଯାଇଥିଲେ। ଖଣିରେ ମାଇନିଂ କରୁଥିବା ଲୋକେ ସୈନିକଙ୍କ ଫାୟାରିଂରେ ଆତଙ୍କିତ ହୋଇ ଖଣିର ଉପରେ ଥିବା ପୋଲ ଉପରକୁ ଦୌଡ଼ିଥିଲେ। ଫଳରେ ପୋଲ ଭୁଶୁଡି ପଡ଼ିଥିଲା। ଘଟଣାର ଏକ ଭିଡିଓ ଏବେ ସାମ୍ନାକୁ ଆସିଛି। ଅଚାନକ ଏକ ଖଣିର ଏକ ଅଂଶ ଧସିବା ଫଳରେ ବହୁ ଲୋକ ଦବି ଯାଇଥିଲେ। ବହୁ ଲୋକ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପରସ୍ପର ଉପରେ ଚଢ଼ି ଯାଇଥିଲେ। ଫଳରେ ବହୁ ଲୋକଙ୍କୁ ଜୀବନ ହରାଇବାକୁ ପଡ଼ିଥିଲା ବୋଲି କୁହାଯାଇଛି।

## ‘ଅପରେସନ ସିନ୍ଦୂର ୮୮ ଘଣ୍ଟାର ଟ୍ରେଲର ଥିଲା’

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ଭାରତୀୟ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ପାକିସ୍ତାନ ବିରୋଧରେ ଗ୍ରହଣ କରାଯାଇଥିବା ‘ଅପରେସନ ସିନ୍ଦୂର’ ନେଇ ପୁଣି ଥରେ ମନ୍ତବ୍ୟ ଦେଇଛନ୍ତି। ଏହା ୮୮ ଘଣ୍ଟାର ଏକ ଟ୍ରେଲର ମାତ୍ର ଥିଲା। ଯଦି ପୁଣିଥରେ ପାକିସ୍ତାନ ସୁଯୋଗ ଦେବ ତେବେ, କଡ଼ା ଜବାବ ଦିଆଯିବ ବୋଲି ସେ କହିଛନ୍ତି। ଏକ ଦାୟିତ୍ୱ ସମ୍ପନ୍ନ ଦେଶ କିପରି ପଡୋଶୀ ଦେଶ ପ୍ରତି ଆଚରଣ ପ୍ରଦର୍ଶନ କରେ ତାହା ଦେଖାଇବାକୁ ଆମେ ପଛକୁ ହଟିବୁ ନାହିଁ ବୋଲି ସେ ଦିଲ୍ଲୀରେ ଆୟୋଜିତ ଚାଣକ୍ୟ ଡିଫେନ୍ସ ଡାଇଲଗ୍ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହି କଥା କହିଛନ୍ତି। ଭାରତ ସବୁବେଳେ ପ୍ରଗତି ଓ ଉନ୍ନତିର କଥା କହିଥାଏ। ଖାସ୍ ଏଥିପାଇଁ ଯେଉଁ ଲୋକ ଆତଙ୍କବାଦ କଥା କହୁଛନ୍ତି ଓ ଏହାର ପଚାର ପ୍ରସାର କରୁଛନ୍ତି ସେମାନଙ୍କୁ ରୋକିବା ପାଇଁ କଡ଼ା କର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ଭାରତୀୟ ସେନା ଭବିଷ୍ୟତକୁ ମାଟି ସହିତ ସାମିଲ କରି ଦେଖିଥାଏ। ଆମେ ୫ଟି ପୀଢ଼ିର ୱାରଫେୟାରରେ ଲଢ଼ିଆସିଛୁ ଓ ସେନା ସେହି ଅନୁସାରେ ନିଜର ପରିବର୍ତ୍ତନ କରିଆସିଛି। ପ୍ରଥମେ ଯୁଦ୍ଧର ନିଷ୍ପତ୍ତି ନେବା ପାଇଁ ବହୁ ଦିନ ଲାଗୁଥିଲା। କିନ୍ତୁ ଏବେ ସ୍ଥିତିରେ ପରିବର୍ତ୍ତନ ଆସିଛି। ଯଦି ଯୁଦ୍ଧ ୪୮ ଘଣ୍ଟା ମଧ୍ୟରେ ଲଢ଼ିବାକୁ ହୁଏ, ତେବେ ଦେଶର ସବୁ ସାମର୍ଥ୍ୟ ଓ ଶକ୍ତି



■ ପୁଣି ସୁଯୋଗ ଦେଲେ ପାକିସ୍ତାନକୁ କଡ଼ା ଜବାବ ଦିଆଯିବ
■ ଆତଙ୍କ ସୃଷ୍ଟି କରୁଥିବା ଦେଶ ଉପରେ କାର୍ଯ୍ୟାନୁଷ୍ଠାନ ଜରୁରୀ

ଲଗାଇବାକୁ ପଡ଼ିବ ବୋଲି ସେ କହିଛନ୍ତି। କୌଣସି ଭୁଲ କଲେ, ଭାରତ ତୁରନ୍ତ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଯଦି କୌଣସି ଶତ୍ରୁ ଦେଶ ଚିନ୍ତା କରେ, ତାହାହିଁ ପ୍ରକୃତ ଶକ୍ତି ଓ ସାମର୍ଥ୍ୟ ବୋଲି ସେ କହିଛନ୍ତି। ଏବେ ଭାରତର ପ୍ରତିରକ୍ଷା କ୍ଷମତା ବହୁତ ମଜଭୂତ ହୋଇପାରିଛି। ଫଳରେ ପ୍ରତିପକ୍ଷ ତଥା ଶତ୍ରୁଦେଶ ଏବେ ଆମର ଆଭିମୁଖ୍ୟକୁ ଗମ୍ଭୀରତା ସହ ବିଚାର କରୁଛି। ଭାରତର ନୀତି ସଦାବେଳେ ସ୍ପଷ୍ଟ ରହିଛି। ପାଣି ଓ ରକ୍ତ ଏକା ସଙ୍ଗେ ପ୍ରବାହିତ ହେବ ନାହିଁ। ଆତଙ୍କବାଦ ଓ ଆଲୋଚନା ଏକାସାଥିରେ ହୋଇପାରିବ ନାହିଁ। କୁଟନୀତି ତଥା ଡିପ୍ଲୋମାସିରେ ସେନାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାରତ ଓ ଚୀନ୍ ମଧ୍ୟରେ ରାଜନୈତିକ ଓ କୂଟନୈତିକ ସମ୍ପର୍କରେ ପରିବର୍ତ୍ତନ ହୋଇଛି। ଏବେ ଲୋକେ ଜମ୍ମୁ-କାଶ୍ମୀର ଯିବାକୁ ଚାହୁଁଛନ୍ତି। ସେନା ଏବେ ଦ୍ରୁତ ପରିବର୍ତ୍ତନ ଓ ଉନ୍ନତି ଦିଗରେ କାର୍ଯ୍ୟକରୁଛି। ଆଧୁନିକ ଯୁଦ୍ଧର ରୂପରେଖ ଏବେ ବଦଳୁଛି। ଏବେ ଯୁଦ୍ଧ କେବଳ ଆକାଶ, ମାଟି ଓ ସମୁଦ୍ରରେ ସୀମିତ ହୋଇ ରହିନାହିଁ। ଏହା ଏବେ ସାଇବର, ସ୍ପେଶ, ଇନଫର୍ମେଶନ ୱାରିୟର, ଇଲେକଟ୍ରୋମାଗ୍ନେଟିକ୍ସ ସ୍ପେକ୍ଟ୍ରମ, କଗ୍‌ନିଟିଭ ୱାରଫେୟାର ସହିତ ଜଡିତ ହେଲାଣି। ତେଣୁ ଏବେ ଦୁଇଟି ସୀମା ଓ ଅଭ୍ୟନ୍ତରଣ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରିବାକୁ ହେଉଛି। ପ୍ରତିରକ୍ଷା ବଜେଟରେ ବୃଦ୍ଧି ଜରୁରୀ ହୋଇଥିବା ବେଳେ ପାଣ୍ଠିର ଅଭାବ ରହିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ତେଜସ୍ୱୀ ବିରୋଧୀ ଦଳ ନେତା ନିର୍ବାଚିତ

ପାଟଣା, ୧୭ ।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ ସୋମବାର ରାଷ୍ଟ୍ରୀୟ ଜନତା ଦଳର (ଆରଜେଡି)ର ପ୍ରଥମ ସମୀକ୍ଷା ବୈଠକ ବସିଥିଲା। ଏଥିରେ ତେଜସ୍ୱୀ ଯାଦବଙ୍କୁ ବିଧାନସଭାର ବିରୋଧୀ ଦଳ ନେତା ଭାବେ ନିର୍ବାଚିତ କରାଯାଇଛି। ଏହି ବୈଠକରେ ଆରଜେଡି ସୁପ୍ରିମୋ ଲାଲୁ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ରାବଡୀ ଦେବୀ, ଆରଜେଡି ସାଂସଦ ମିସା ଭାରତୀ, ପୂର୍ବତନ ପ୍ରଦେଶ ଅଧ୍ୟକ୍ଷ ଜଗଦାନନ୍ଦ ସିଂ, ବାହୁବଳୀ ସୁରଜ ଭାନ ସିଂଙ୍କ ସମେତ ଆରଜେଡିର ଏକାଧିକ ବରିଷ୍ଠ ନେତା ଉପସ୍ଥିତ ଥିଲେ। ମାତ୍ର ୨ଟି ଆସନ ଅନ୍ତର କାରଣରୁ ତେଜସ୍ୱୀଙ୍କ ବିରୋଧୀ ଦଳ ନେତା ପଦ ସୁରକ୍ଷିତ ହୋଇଛି। ୨୪୩ ଆସନ ବିଶିଷ୍ଟ ବିଧାନସଭାରେ ମୁଖ୍ୟ ବରୋଧୀ ଦଳର ମାନ୍ୟତା ପାଇବା ପାଇଁ ଯେକୌଣସି ପାର୍ଟିକୁ ୧୦ ପ୍ରତିଶତ ଅର୍ଥାତ ୨୪ଟି ଆସନରେ ବିଜୟୀ ହେବା ଜରୁରୀ।

## ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ କେନ୍ଦ୍ରକୁ ଦାୟୀ କଲେ ମେହବୁବା

ଶ୍ରୀନଗର, ୧୭ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀର ପ୍ରମୁଖ ରାଜନୈତିକ ଦଳ ପିଡିପି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତି ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ କେନ୍ଦ୍ର ସରକାରକୁ ଦାୟୀ କରିଛନ୍ତି। କଶ୍ମୀର ପ୍ରସଙ୍ଗ ଏବେ ଦିଲ୍ଲୀ ଲାଲ୍‌କିଲ୍ଲାରେ ପ୍ରତିଧ୍ୱନିତ ହୋଇଛି। ଦେଶରେ ବୃଦ୍ଧି ପାଉଥିବା ଅସୁରକ୍ଷା ଓ ଜମ୍ମୁ-କଶ୍ମୀର ବ୍ୟାପାରରେ କେନ୍ଦ୍ର ସରକାରଙ୍କ ବିଫଳ ନୀତି କାରଣରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। କଶ୍ମୀରେ ସବୁକିଛି ଠିକ୍ ଅଛି ବୋଲି କେନ୍ଦ୍ର ସରକାର ସାରା ବିଶ୍ୱକୁ ଅବଗତ କରାଉଛନ୍ତି। କିନ୍ତୁ କଶ୍ମୀର ସମସ୍ୟା ଏବେ ଲାଲ୍‌କିଲ୍ଲାରେ ମଧ୍ୟ ପହଞ୍ଚିଛି। ଜମ୍ମୁ-କଶ୍ମୀର ସୁରକ୍ଷା ବଢ଼ାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଭୁଲ ନୀତି କାରଣରୁ ଦେଶର ରାଜଧାନୀ ଦିଲ୍ଲୀ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଯଦି ଜଣେ ଶିକ୍ଷିତ ବ୍ୟକ୍ତି ନିଜ ଦେହରେ ଆରଡିଏକ୍ସ ବାନ୍ଧି ନିଜକୁ ଓ ଅନ୍ୟକୁ ହତ୍ୟା କରୁଛି, ତାହାଲେ ଦେଶ ଆଦୌ ସୁରକ୍ଷିତ ନାହିଁ। କେନ୍ଦ୍ର ସରକାରଙ୍କ କଶ୍ମୀର ନୀତି ସମ୍ପୂର୍ଣ୍ଣ ଭାବେ ବିଫଳ ହେବା ପ୍ରମାଣିତ ହୋଇଛି ବୋଲି ସେ କହିଛନ୍ତି।

## ଏସ୍‌ଆଇଆର୍ ଚାପ: ରାଜସ୍ଥାନ, କେରଳରେ ୨ ବିଏଲ୍‌ଓଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ରାଜସ୍ଥାନ ଓ କେରଳରେ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ସାମିଲ ଥିବା ଦୁଇଜଣ ବୁଥ ସ୍ତରର ଅଧିକାରୀ (ବିଏଲ୍‌ଓ) ଆତ୍ମହତ୍ୟା କରିଛନ୍ତି। କାମ କରିବାର ଚାପକୁ ନିୟନ୍ତ୍ରଣ କରିନପାରି ଦୁହେଁ ଏହି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ସେମାନଙ୍କ ପରିବାର ସଦସ୍ୟ କହିଛନ୍ତି। କେରଳର କନ୍ନୁର ଜିଲ୍ଲାର ଜଣେ ସରକାରୀ ସ୍କୁଲର କର୍ମଚାରୀ ୪୪ ବର୍ଷୀୟ ଅନିଶ ଜର୍ଜ ରବିବାର ଫାସି ଦେଇ ଆତ୍ମହତ୍ୟା କରିଛନ୍ତି। ନିର୍ବାଚନ ପାଇଁ ତାଙ୍କୁ ବିଏଲ୍‌ଓ ଭାବେ ନିଯୁକ୍ତି ଦିଆଯାଇଥିଲା। ସେହିପରି ରାଜସ୍ଥାନର ଜୟପୁରର ୪୮ ବର୍ଷୀୟ ମୁକେଶ କୁମାର ଜାଙ୍ଗିଡ୍ ଏସ୍‌ଆଇଆର ପ୍ରକ୍ରିୟାରେ କାର୍ଯ୍ୟର ଚାପ ପାଇଁ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୁକେଶ କଲୱାଡାର ଧରମପୁରାରେ ଏକ ସରକାରୀ ସ୍କୁଲରେ ଶିକ୍ଷକତା କରୁଥିଲେ। ତାଙ୍କ ପକେଟରୁ ଏକ ସୁସାଇଡ୍ ନୋଟ୍ ଉଦ୍ଧାର କରାଯାଇଛି। ଉପରସ୍ତରର ଅଧିକାରୀମାନେ ତାଙ୍କୁ ହଇରାଣ ଓ ଅପମାନିତ କରିବା ସହ ସସ୍‌ପେଣ୍ଡ କରିବାକୁ ଧମକ ଦେଇଥିଲେ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି। ସେପଟେ କୋଲକାତାରେ ମଧ୍ୟ ଜଣେ





ବିଏଲ୍‌ଓ ଅସୁସ୍ଥତା କରାଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏସ୍‌ଆଇଆର କାର୍ଯ୍ୟ କରିବା ପାଇଁ ତାଙ୍କ ଉପରେ ବହୁତ ଚାପ ଥିଲା ବୋଲି ତାଙ୍କ ପତ୍ନୀ କହିଛନ୍ତି।

## ‘ଡି-୬’ ଆକ୍ରମଣ ଯୋଜନା କରିଥିଲା ଜୈସ ଆତଙ୍କୀ

ନୂଆଦିଲ୍ଲୀ, ୧୭ ।୧୧(ଏଜେନ୍ସି): ଦିଲ୍ଲୀର ଲାଲ୍‌କିଲ୍ଲା ଆତଙ୍କବାଦୀ ବିସ୍ଫୋରଣ ନେଇ ଦିନକୁ ଦିନ ନୂଆ ତଥ୍ୟ ସାମ୍ନାକୁ ଆସିଛି। ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ ‘ଜୈସ-ଇ-ମହମ୍ମଦ’ ଏବେ ଏହି ଆକ୍ରମଣ ସହିତ ଜଡିତ ଥିବା ସ୍ପଷ୍ଟ ହୋଇଛି। ଜୈସର ଏକ ସଂଦିଗ୍ଧ ହ୍ୱାଇଟ୍- କଲର ଟେରର ମଡ୍ୟୁଲ ଡିସେମ୍ବର ୬ରେ ବାବରୀ ମସଜିଦ୍ ଧ୍ୱଂସର ପ୍ରତିଶୋଧ ନେବା ପାଇଁ ଏକ ବ୍ୟାପକ ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରିଥିଲା ବୋଲି ଏହି ମାମଲାରେ ଯାଞ୍ଚ କରୁଥିବା ଏଜେନ୍ସିଗୁଡିକ ନିକଟରେ ସୂଚନା ହସ୍ତଗତ ହୋଇଛି। ଫରିଦାବାଦ ଓ କାଶ୍ମୀରରୁ ଗିରଫ ହୋଇଥିବା ସଂଦିଗ୍ଧ ଆତଙ୍କବାଦୀଙ୍କୁ ପଚରାଉଚରା କରାଯିବା ପରେ ଏଜେନ୍ସି ଗୁଡିକ ଏହି ଯୋଜନାକୁ ‘ଅପରେସନ ଡି-୬’ ନାମ ଦିଆଯାଇଛି ବୋଲି ଜାଣିବାକୁ ପାଇଛନ୍ତି। କାର୍‌ରେ ବିସ୍ଫୋରକ ଲଗାଇ ବଡ଼ ଧରଣର ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରାଯାଇଥିଲା ଓ ଏଥିପାଇଁ କେତେ ସପ୍ତାହ ପୂର୍ବରୁ ପ୍ରସ୍ତୁତ ଜାରି ରହିଥିଲା। ଆତ୍ମଘାତୀ ଆକ୍ରମଣର ପ୍ରସ୍ତୁତି ନାମ ଥିଲା ‘ଅପରେସନ ଡି-୬’। ବାବରୀ ମସଜିଦର ପ୍ରତିଶୋଧ ନେବାପାଇଁ ଆତଙ୍କବାଦୀମାନେ ସହରର ଭିନ୍ନ୍ ଭିନ୍ନ ସ୍ଥାନରେ ବିସ୍ଫୋରଣ କରାଇବାକୁ ଚାହୁଁଥିଲେ। ଲାଲକିଲ୍ଲାରେ ହୋଇଥିବା ବିସ୍ଫୋରଣ ପ୍ଲାନ୍-ବି ଅର୍ଥାତ ଦ୍ୱିତୀୟସ୍ତରର ଯୋଜନା ଥିଲା ବୋଲି କୁହାଯାଇଛି। ଆକ୍ରମଣ ଉଦ୍ୟମକୁ ପଣ୍ଡ କରାଯିବା ଫଳରେ ଲାଲ୍‌କିଲ୍ଲା ବିସ୍ଫୋରଣକୁ କର୍ଯ୍ୟକାରୀ କରାଯାଇଥିଲା। ମହିଳା ଡାକ୍ତର ଶାହିନ ସହିଦ ଓ ଲାଲକିଲ୍ଲା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଉମର ଏହି ଷଡ଼ଯନ୍ତ୍ରର ମୁଖ୍ୟ ନାୟକ ଓ ନାୟିକା ଥିଲେ ବୋଲି ତଦନ୍ତ ବେଳେ ସୂଚନା ମିଳିଛି।

### ଉମର, ଡାକ୍ତର ଶାହିନ ମୁଖ୍ୟ ଷଡ଼ଯନ୍ତ୍ରକାରୀ

ଶାହିନକୁ ଭାରତରେ ଜୈସର ମହିଳା ଶାଖା ସ୍ଥାପନା ଓ ନେତୃତ୍ୱର ଦାୟିତ୍ୱ ଦିଆଯାଇଥିଲା ବୋଲି ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି। ଫରିଦାବାଦର ଅଲ୍ ଫଲାହ ବିଶ୍ୱବିଦ୍ୟାଳୟ ସହିତ ଜଡିତ ଥିବା ମୁଜାମ୍ମିଲ ଅହମ୍ମଦ ଗନଇ ଗିରଫ ହେବା ପରେ ଡାକ୍ତର ଶାହିନଙ୍କୁ ଗିରଫ କାରାଯାଇଥିଲା। ଉମର ବ୍ୟାପକ ଧରଣର ଆତ୍ମଘାତୀ ଆକ୍ରମଣ କରିବାକୁ ଏକାଧିକ ଯୁବକଙ୍କୁ ପ୍ରସ୍ତୁତ କରିବାକୁ ଯୋଜନା କରୁଥିଲା ଓ ସକ୍ରିୟ ଭାବେ ସେମାନଙ୍କ ବ୍ରେନ୍‌ୱାସ କରୁଥିଲା। ‘ଅପରେସନ ଡି-୬’ ସହିତ ଜଡିତ ବହୁ ସୂଚନା ମଧ୍ୟ ହସ୍ତଗତ ହୋଇଛି। ସେପଟେ ଲାଲ୍‌କିଲ୍ଲା ବିସ୍ଫୋରଣରେ ଯୋତା ବୋମା ବ୍ୟବହାର କରାଯାଇଥିବା ନେଇ ଆଶଙ୍କା କରାଯାଉଛି। ବିସ୍ଫୋରଣ ହୋଇଥିବା କାର୍‌ରୁ ଏକ ଯୋତା ମିଳିଛି। ଯାଞ୍ଚରୁ ଏଥିରେ ଆମୋନିୟମ ନାଇଟ୍ରେଟ୍ ଓ ଟ୍ରାଇଆସେଟୋନ ଟ୍ରାଇପେରକ୍ସାଇଡ୍ (ଟିଏଟିପି)ର ଚିହ୍ନ ମିଳିଛି। ଟିଏଟିପିକୁ ସବୁଠାରୁ ବିପଜ୍ଜନକ ବିସ୍ଫୋରକ ଭାବେ ବ୍ୟବହାର କରାଯାଇଥାଏ। ଟିଏଟିପିକୁ ‘ମଦର ଅଫ୍ ସୈତାନ’ ବା ସୈଇତାନର ମା ବୋଲି କୁହାଯାଇଥାଏ। ଉମର କେତେବେଳେ, କେଉଁଠିକୁ ଯାଉଥିଲା ଏବେ ରୁଟ୍ ରିକ୍ରିଏଟ କରିବାକୁ ପ୍ରସ୍ତୁତି ଚାଲିଛି। ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ ମାମଲାରେ ଆତଙ୍କବାଦୀ ଉମରର ଆଉ ଜଣେ ସହଯୋଗୀକୁ ଗିରଫ କରାଯାଇଛି। ସୋମବାର ଏନ୍‌ଆଇଏ ଜସିର ବିଲାଲ ବାଣୀ ଉରଫ୍ ଦାନିଶକୁ ଜମ୍ମୁ- କଶ୍ମୀର ଶ୍ରୀନଗରରୁ ଗିରଫ କରିଛି। ଜସିର ଉମରକୁ ବୈଷୟିକ ସହଯୋଗ ପ୍ରଦାନ କରୁଥିଲା। ଇତିମଧ୍ୟରେ ଦିଲ୍ଲୀ ବିସ୍ଫୋରଣରେ ଆଜି ଆଉ ଦୁଇ ଜଣ ପ୍ରାଣ ହରାଇଥିବାରୁ ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି ପାଇଛି।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-142 ◆TUESDAY ◆18 NOVEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୪୨ ◆ମଙ୍ଗଳବାର ◆୧୮ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





**ରେକର୍ଡ ୪୪.୯ କୋଟି ଜିତିଲେ ସିନ୍ନର୍**

▶କ୍ରୀଡ଼ା ପୃଷ୍ଠାରେ...

## ମାନବତା ବିରୋଧରେ ଅପରାଧ ପାଇଁ ରାୟ ଶୁଣାଇଲେ ଇଣ୍ଟରନ୍ୟାସନାଲ୍ କ୍ରାଇମ୍ ଟ୍ରିବ୍ୟୁନାଲ୍

# ଶେଖ୍ ହସିନାଙ୍କୁ ଫାଶୀ ଦଣ୍ଡାଦେଶ

**ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଭାରତକୁ ବାଂଲାଦେଶର ପରାମର୍ଶ**

**ବାଂଲାଦେଶରେ ଶାନ୍ତି, ସ୍ଥିରତା ଓ ଗଣତନ୍ତ୍ରର ସୁରକ୍ଷା ପ୍ରତି ଭାରତର ଗୁରୁତ୍ୱ**

**ରାୟ ରାଜନୈତିକ ପ୍ରତିଶୋଧ: ହସିନା**



■ **ଢାକା, ୧୭ ।୧୧(ଏଜେନ୍ସି):** ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନା ୱାଜେଦଙ୍କୁ ଦୋଷୀ ସାବ୍ୟସ୍ତ କରିଛି ବାଂଲାଦେଶର କୋର୍ଟ। ମାନବିକତା ବିରୋଧରେ ଅପରାଧ ପାଇଁ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ହସିନାଙ୍କୁ ଫାଶୀଦଣ୍ଡ ଶୁଣାଇଛନ୍ତି। ତାଙ୍କ ସହିତ ତାଙ୍କର ଦୁଇ ଜଣ ଘନିଷ୍ଠ ସହଯୋଗୀ ତତ୍କାଳୀନ ଗୃହ ମନ୍ତ୍ରୀ ଓ ପୁଲିସ ମୁଖ୍ୟଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରାଯାଇଛି। ଏହି ଦଣ୍ଡାଦେଶକୁ ରାଜନୈତିକ ପ୍ରତିଶୋଧ ବୋଲି ବର୍ଣ୍ଣନା କରିଛନ୍ତି ହସିନା। ଅନ୍ୟପକ୍ଷେରେ ଭାରତରେ ନିର୍ବାସିତ ଜୀବନ ବିତାଉଥିବା ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଭାରତକୁ ଅନୁରୋଧ କରିଛନ୍ତି ବାଂଲାଦେଶ ସରକାର। ତେବେ ଭାରତ ଏସଂପର୍କରେ କୌଣସି ସିଧାସଳଖ ପ୍ରତିକ୍ରିୟା ଦେଇ ନାହିଁ।

ଗତବର୍ଷ ତାଙ୍କ ବିରୋଧରେ ହୋଇଥିବା ଛାତ୍ର ଆନ୍ଦୋଳନକୁ ଦମନ କରିବା ଲାଗି ତତ୍କାଳୀନ ପ୍ରଧାନମନ୍ତ୍ରୀ ହସିନା ୱାଜେଦ ଆନ୍ଦୋଳନକାରୀଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହାସହିତ ଦେଶବାସୀଙ୍କୁ ନ୍ୟାୟ ଦେବାରେ ପ୍ରତିବନ୍ଧକ ସାଜିବା ସହିତ ବିରୋଧୀଙ୍କ ବିରୋଧରେ ଚାଲିଥିବା ଅପରାଧ/ହତ୍ୟାକୁ ରୋକିବାରେ ବିଫଳ ହୋଇଥିଲେ। ଏହି ତିନିଟି ଅଭିଯୋଗ ଉପରେ ବିଚାର ପାଇଁ ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବୁନାଲ ଗଠନ କରାଯାଇଥିଲା। ସେହି ଟ୍ରିବୁନାଲ ଆଜି ତାଙ୍କୁ ଫାଶୀଦଣ୍ଡ ଶୁଣାଇଛି। ସେହିପରି ଟ୍ରିବୁନାଲ ଅନ୍ୟତମ ଅଭିଯୁକ୍ତ ପୂର୍ବତନ ଗୃହମନ୍ତ୍ରୀ ଅସଦୁଜ୍ଜାମାନ ଖାନଙ୍କୁ ମଧ୍ୟ ୧୨ଜଣ ଲୋକଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ମଧ୍ୟ ଫାଶୀଦଣ୍ଡ ଦେଇଛନ୍ତି। ତେବେ ମାମଲାରେ ତୃତୀୟ ଅଭିଯୁକ୍ତ ପୂର୍ବତନ ପୁଲିସ ମୁଖ୍ୟ ▶ପୃଷ୍ଠା-୭

# ବିହାର ରାଜନୀତିରେ 'ହାଇଡ୍ରାମା'

**ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେନାହିଁ ନୀତୀଶ**

**ଦୁଇଦିନ ପରେ ମନ୍ତ୍ରିମଣ୍ଡଳ ଭାଙ୍ଗିବାକୁ ସୁପାରିସ**

**ନିତ୍ୟାନନ୍ଦଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଛି ବିଜେପି**

**ନୀତିଶଙ୍କୁ ବୁଝାଇବାରେ ଲଲନ-ସଞ୍ଜୟ ବିଫଳ**



■ **ପାଟନା, ୧୭।୧୧ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଆରମ୍ଭ ହୋଇଛି ରାଜନୈତିକ ଖେଳ। ଅତୀତରେ ମହାରାଷ୍ଟ୍ରରେ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଏନ୍‌ଡିଏ ନିର୍ବାଚନ ଲଢ଼ି ବିଜୟୀ ହେବା ପରେ ଯେଉଁ ନାଟକର ଅବତାରଣା ହୋଇଥିଲା, ଏବେ ବିହାରରେ ଠିକ୍ ସମାନ ନାଟକ ମଞ୍ଚସ୍ଥ ହେବାକୁ ଯାଉଛି। ଏନ୍‌ଡିଏର ଅଂଶୀଦାର ଦଳ ଭାବରେ ନୀତୀଶ କୁମାରଙ୍କ ଜେଡିୟୁ ତୁଳନାତ୍ମକ ଭାବରେ ବିଜେପିଠାରୁ କମ୍ ଆସନ ପାଇଥିବାରୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ବିଜେପି ପ୍ରଥମ ଦାବିଦାର ବୋଲି ଯେଉଁ ପ୍ରାୟୋଜିତ ରାଜନୈତିକ ଚର୍ଚ୍ଚା ବିହାରରେ ଆରମ୍ଭ ହୋଇଛି; ତାହା ହିଁ ସବୁ ଗଣ୍ଡଗୋଳର ମୂଳ ବୋଲି କୁହାଯାଉଛି। ସେଥିପାଇଁ ନୀତୀଶ କୁମାର ସୋମବାର ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କୁ ଭେଟି ଇସ୍ତଫା ଦେବାକୁ ନେଇଥିବା ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି ଓ ରାଜ୍ୟପାଳଙ୍କୁ ଭେଟିଥିଲେ ମଧ୍ୟ ଇସ୍ତଫା ଦେଇ ନାହାନ୍ତି। ଆସନ୍ତା ୧୯ ତାରିଖରେ ସେ ମନ୍ତ୍ରିମଣ୍ଡଳ ଭଙ୍ଗ କରିବାକୁ ସୁପାରିସ କରିବା ସହ ଇସ୍ତଫା ଦେଇପାରନ୍ତି ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ନୀତିଶଙ୍କ ପରିବର୍ତ୍ତେ ବିଜେପି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଛି ବୋଲି ଚର୍ଚ୍ଚା ହେଉଛି। ଏପରିକି ବିଜେପିର ପ୍ରସ୍ତାବରେ ସହମତ ହେବାକୁ ଦୁଇ ସହଯୋଗୀ ସଞ୍ଜୟ ଝା ଓ ଲଲନ୍ ସିଂହ ପରୋକ୍ଷରେ ନୀତିଶକୁମାରଙ୍କୁ ବୁଝାଇବାରେ ଲାଗିଥିଲେ ହେଁ ଏହାକୁ ସେ ସ୍ୱୀକାର କରିନାହାନ୍ତି। ଅନ୍ୟପକ୍ଷରେ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବାକୁ ନେଇ ଏବେ ବି ଦ୍ୱନ୍ଦ୍ୱ ଲାଗି ରହିଥିବାରୁ ସେ ମଧ୍ୟ ଚୁପ୍ ବସି ନାହାନ୍ତି। ନିର୍ବାଚନ ଫଳ ପ୍ରକାଶ ପରଠାରୁ ସେ ନିୟମିତ ଭାବରେ ବିଜେପି ଓ ଅନ୍ୟ ସହଯୋଗୀ ଦଳର ନେତାମାନଙ୍କ ସହ ସାକ୍ଷାତ ଓ ଆଲୋଚନା କରି ଚାଲିଛନ୍ତି। ଇତିମଧ୍ୟରେ ସେ ଚିରାଗ ପାସୱାନ, ଉପେନ୍ଦ୍ର କୁଶୱାହା, ଜିତନ ରାମ ମାଞ୍ଝି, ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନାଙ୍କ ସମେତ ଅନେକ ପ୍ରମୁଖ ନେତାଙ୍କୁ ଭେଟିଛନ୍ତି। ନିର୍ବାଚନ ଫଳ ପ୍ରକାଶର ୩ ଦିନ ବିତିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏନ୍‌ଡ଼ିଏ ବିଧାୟକ ଦଳ ନେତା ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ଏହା ପଛରେ କିଛି କେଁ ଥିବା ସ୍ୱାଭାବିକ ମନେ ହେଉଛି।

ଯେଉଁଥିପାଇଁ ଆଜି କ୍ୟାବିନେଟ୍ ବୈଠକ ଓ ମୁଖ୍ୟମନ୍ତ୍ରୀ ପଦରୁ ନୀତୀଶଙ୍କ ଇସ୍ତଫା ବିଳମ୍ବିତ ହୋଇଛି। ନୀତୀଶ କ୍ୟାବିନେଟ୍ ବୈଠକ ଡ଼ାକିଥିଲେ। ବୈଠକରେ ନିଜ ସହଯୋଗୀଙ୍କ ସହ ଆଲୋଚନା କରିବା ପରେ ସେ ରାଜଭବନକୁ ଯାଇଥିଲେ। ମାତ୍ର ସେଠାରେ ପହଞ୍ଚିବା ପୂର୍ବରୁ ଆଜି ତାଙ୍କର ଇସ୍ତଫା ପ୍ରଦାନ ନିଷ୍ପତ୍ତି ପରିବର୍ତ୍ତନ କରିଥିଲେ। ନଭେମ୍ବର ୧୯ ତାରିଖରେ ସେ ବିଧାନସଭା ଭଙ୍ଗ କରିବାକୁ ରାଜ୍ୟପାଳଙ୍କୁ ଏକ ସୁପାରିସ ପତ୍ର ଦେଇଥିଲେ। କେଉଁ ନିର୍ଦ୍ଦିଷ୍ଟ କାରଣରୁ ନୀତୀଶ କୁମାର ଶେଷ ମୁହୂର୍ତ୍ତରେ ତାଙ୍କର ଯୋଜନା ପରିବର୍ତ୍ତନ କଲେ, ତାହା କେହି ଜାଣି ପାରିନାହାନ୍ତି। ସେହିପରି ଜେଡିୟୁ ବିଧାୟକ ଦଳ ବୈଠକ ନଭେମ୍ବର ୧୭ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିର ହୋଇଥିବାରୁ ଦଳର ସମସ୍ତ ୮୫ ବିଧାୟକ ପାଟନାରେ ପହଞ୍ଚିଥିଲେ। ମାତ୍ର ନୀତିଶ ଶେଷ ମୁହୂର୍ତ୍ତରେ ବୈଠକକୁ ସ୍ଥଗିତ ରଖାଯାଇଛି ଏବଂ ସମସ୍ତ ଦଳୀୟ ବିଧାୟକଙ୍କୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ରାଜଧାନୀ ନ ଛାଡ଼ିବାକୁ ▶ପୃଷ୍ଠା-୭

**ଟ୍ୟାଙ୍କର ସହ ଧକ୍କା ପରେ ମଦିନାରେ ଜଳିଗଲା ବସ୍**

# ୪୫ ଭାରତୀୟ ଶ୍ରଦ୍ଧାଳୁ ଦଗ୍ଧ

**ହାଇଦରାବାଦ୍‌ର ଗୋଟିଏ ପରିବାରର ୧୮ ମୃତ**



■ **ରିୟାଦ, ୧୭।୧୧ (ଏଜେନ୍ସି):** ସାଉଦି ଆରବରେ ସୋମବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪୫ ଜଣ ଭାରତୀୟ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରେ ହାଇଦରାବାଦର ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ଥିବା ଜଣାପଡ଼ିଛି। 'ଉମରା' ପାଇଁ ଭାରତୀୟ ଶ୍ରଦ୍ଧାଳୁଙ୍କୁ ନେଇ ମଦିନା ଯାଉଥିବା ବସ୍‌ଟି ଏକ ଡିଜେଲ ଟ୍ୟାଙ୍କର ସହ ଧକ୍କା ହେବାରୁ ବିସ୍ଫୋରଣ ଘଟିଥିଲା। ଏହାପରେ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଦୁର୍ଘଟଣାରୁ କେବଳ ବସ୍ ଚାଳକ ବଞ୍ଚିଯାଇଥିବା ବେଳେ ଅନ୍ୟ ସମସ୍ତ ୪୫ ଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକଙ୍କ ମଧ୍ୟରେ ୧୮ ମହିଳା, ୧୭ ପୁରୁଷ ଓ ୧୦ଜଣ ଛୋଟପିଲା ଅଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍‌ରେ ୪୬ ଜଣ ଲୋକ ଯାତ୍ରା କରୁଥିଲେ। ମୃତକଙ୍କ ମଧ୍ୟରେ ଅଧିକାଂଶ ହାଇଦରାବାଦ୍‌ର ବାସନ୍ଦା ବୋଲି କୁହାଯାଇଛି।

ହାଇଦରାବାଦ୍ ପୁଲିସର ସୂଚନା ଅନୁଯାୟୀ, ନଭେମ୍ବର ୯ରେ ୫୪ ଜଣ ଲୋକ 'ଉମରା' ପାଇଁ ହାଇଦରାବାଦ୍‌ରୁ ସାଉଦି ଆରବ ଯାଉଥିଲେ। ଏମାନେ ନଭେମ୍ବର ▶ପୃଷ୍ଠା-୭

**ଭାରତ-ଦକ୍ଷିଣ ଆଫ୍ରିକା ବାରବାଟୀ ଟି-୨୦**

# ଏଥର କମ୍ ଟିକଟ



**ଚଉଡ଼ା ହେଉଛି ସମସ୍ତ ଗ୍ୟାଲେରୀ**

**ସିଟ୍ ନମ୍ବରିଂ ପରେ ଜଣାପଡ଼ିବ ଦର୍ଶକ ସଂଖ୍ୟା**

■ **କଟକ,୧୭।୧୧(ସମିସ):** ଆସନ୍ତା ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମ୍ୟାଚ୍। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରସ୍ତୁତି ଆଗେଇ ଚାଲିଛି। ତେବେ ଆଗାମୀ ମ୍ୟାଚ୍‌ରେ ଷ୍ଟାଡିୟମର ଦର୍ଶକ କ୍ଷମତା ପୂର୍ବାପେକ୍ଷା ହ୍ରାସ ପାଇବ। ୭ଟି ଯାକ ଗ୍ୟାଲେରୀର ସିଟ୍‌କୁ ଚଉଡା କରାଯାଉଛି। ୧୯ ଇଞ୍ଚ ବିଶିଷ୍ଟ ସିମେଣ୍ଟ ସିଟ୍ ଗୁଡିକୁ ୨୨ ଇଞ୍ଚ କରାଯାଉଛି। ଗ୍ୟାଲେରୀ ନଂ-୫ ଏବଂ ଗ୍ୟାଲେରୀ ନଂ-୬ରେ ଏହି ନିର୍ମାଣ କାମ ଶେଷ ହୋଇଥିବା ବେଳେ ଅବଶିଷ୍ଟ ଗ୍ୟାଲେରୀ ଗୁଡିକର ନବୀକରଣ କାର୍ଯ୍ୟ ଜାରି ରହିଛି। ପ୍ରତ୍ୟେକ ଦର୍ଶକ ସୁବିଧାରେ ବସି କିଭଳି ମ୍ୟାଚ୍ ଉପଭୋଗ କରିପାରିବେ ତାହାକୁ ଉପଲବ୍ଧି କରି ଓସିଏ ଏଭଳି ପଦକ୍ଷେପ ନେଇଛି। ଅନ୍ୟପକ୍ଷରେ ମୋଟ୍ କେତେ ସଂଖ୍ୟକ ଟିକଟ ଏଥର ଛପା ଯିବ ତାହା ମଧ୍ୟ ସ୍ଥିର ହୋଇ ପାରିନାହିଁ। ନବୀକରଣ ପ୍ରକ୍ରିୟାରେ ଗ୍ୟାଲେରୀର ସମସ୍ତ ସିଟ୍‌କୁ ଚଉଡା କରାଯାଇ ପ୍ରଥମେ ନମ୍ବରିଂ ହେବ। ଏହା ପରେ ସମୁଦାୟ ଟିକଟ ସଂଖ୍ୟା ଜଣାପଡିବ। ପ୍ରକାଶଯୋଗ୍ୟ, ବାରବାଟୀରେ ପ୍ରାୟ ୪୫ହଜାର ଦର୍ଶକ ଏକସଙ୍ଗରେ ମ୍ୟାଚ୍ ଦେଖିପାରୁଥିଲେ। ସିଟ୍ ଗୁଡିକ ଚଉଡା କରାଯିବା ପରେ ଏହି ସଂଖ୍ୟା ୩ରୁ ୪ହଜାର ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି।

## ଡିସେମ୍ବର ୧ରୁ ଅନ୍‌ଲାଇନ୍ ଟିକଟ

**ଡିଷ୍ଟ୍ରିକ୍ଟ ବାଏ ଜୋମାଟୋରେ ଅନ୍‌ଲାଇନ୍ ଟିକଟ**

**୫ ତାରିଖରୁ କାଉଣ୍ଟର ଟିକଟ**

**ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କୋର୍ଟ**

ବାରବାଟୀ ଟି-୨୦ ପାଇଁ ଡିସେମ୍ବର ୧ ତାରିଖରୁ ଅନଲାଇନ୍ ଟିକଟ ବିକ୍ରି କରାଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ସୂଚନା ଦେଇଛନ୍ତି। ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି, ଡିଷ୍ଟ୍ରିକ୍ଟ ବାଏ ଜୋମାଟା ଆପ୍ଲିକେସନ ଏବଂ ୱେବସାଇଟ୍‌ରେ ଅନଲାଇନ୍ ଟିକଟ ଉପଲବ୍ଧ ହେବ। ଅନଲାଇନ୍‌ରେ କେତେ ସଂଖ୍ୟକ ଟିକଟ ବିକ୍ରି ନିମନ୍ତେ ଛଡାଯିବ ତାହା ଘୋଷଣା କରାଯାଇନାହିଁ। ଡିସେମ୍ବର ୫ରୁ କାଉଣ୍ଟର ଟିକଟ ବିକ୍ରି କରାଯିବ। ଏହା ଭିତରେ ଡିସେମ୍ବର ୩ ଏବଂ ୪ ତାରିଖରେ ଓସିଏ ସହ ଅନୁବନ୍ଧିତ ୟୁନିଟଗୁଡିକୁ ଟିକଟ ବିକ୍ରି କରାଯିବ ବୋଲି କୁହାଯାଇଛି।

# ହାଇୱା-ସ୍କର୍ପିଓ ମୁହାଁମୁହିଁ; ଜଣେ ମୃତ

■ **ଯୋଡ଼ା, ୧୭।୧୧ (ସମିସ):** ଆଜି ସନ୍ଧ୍ୟାରେ ଯୋଡ଼ାସ୍ଥିତ ଫ୍ଲାଏଓଭର୍‌ରେ ଉପରେ ହାଇୱା ଓ ସ୍କର୍ପିଓ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ବଡ଼ବିଲର ସୋନାଲି ଓଝା। ସେ ସ୍କର୍ପିଓରେ ବାଂଶପାଣି ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ସାମ୍ନାପଟୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଏଥିରେ ସ୍କର୍ପିଓଟି ପୂରା ଚୂରମାର୍ ହୋଇଯାଇଛି। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ହାଇୱାଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଯୋଡ଼ା ପୁଲିସ ସ୍କର୍ପିଓରେ ଥିବା ଯାତ୍ରୀଙ୍କୁ ଉଦ୍ଧାର କରିଛି। ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓରେ ଚାଳକ ସହ ମହିଳାଙ୍କ ଭାଇ ଥିବା ବେଳେ ଉଭୟ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

# ଦାଦନ ଖଟାଇବାକୁ ନେଇ ୭ ଜଣଙ୍କୁ ବିକିଦେଲେ

**ପୀଡ଼ିତାଙ୍କ ମଧ୍ୟରେ ମହିଳା, ଶିଶୁ, ନାବାଳିକା**

■ **ନୟାଗଡ଼ / ଗଣିଆ, ୧୭।୧୧ (ସମିସ):** ଦାଦନ ଖଟାଇବାକୁ ନେଇ ବିକିଦେଲେ। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଆଜି ଏପରି ଏକ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଗଣିଆ ବ୍ଲକ ଆଡ଼କଟା ପଞ୍ଚାୟତ ଆଡ଼କଟା ଗ୍ରାମରୁ ଦାଦନ ଖଟାଇବାକୁ ନେଇ ୭ ଜଣଙ୍କୁ ବିକ୍ରି କରି ଦିଆଯାଇଥିବା ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରେ ଜଣେ ଶିଶୁ, ଜଣେ ନାବାଳିକା ଓ ଦୁଇଜଣ ମହିଳା ରହିଛନ୍ତି। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆଡ଼କଟା ଗ୍ରାମର ଚନ୍ଦ୍ରମଣି ପ୍ରଧାନ ଓ ମୀନା ପ୍ରଧାନ ଆସି ଏ ନେଇ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଗଣିଆ ଥାନା ପୁଲିସକୁ ତତ୍‌କ୍ଷଣାତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିବା କହିଛନ୍ତି।

ସୂଚନାନୁସାରେ, ତିନି ମାସ ତଳେ ଆଡ଼କଟା ଗ୍ରାମର ବୁଲୁ ପ୍ରଧାନ, ବୌଦ୍ଧ ଅଞ୍ଚଳର ଚନ୍ଦନ ଗଡ଼ତିଆ ଗ୍ରାମରୁ ଅନେକ ଲୋକଙ୍କୁ ହାଇଦ୍ରାବାଦ ନିକଟସ୍ଥ ପାଇଜାପଲ୍ଲୀ ଅଞ୍ଚଳକୁ ଦାଦନ ଖଟାଇବାକୁ ନେଇଥିଲେ। ଏ ନେଇ ପ୍ରତ୍ୟେକ ବ୍ୟକ୍ତି ପିଛା ମଜୁରି ଆକାରରେ ୪୦ ହଜାର ଟଙ୍କା ଲେଖାଏଁ ଅଗ୍ରୀମ ଦେଇଥିଲେ। ତେବେ ସେଠାରେ ଅକଥନୀୟ ନିର୍ଯାତନା ଦିଆଯିବାରୁ ଅନେକ ଲୋକ ଖସି ଆସିଥିବା ବେଳେ ଦଲାଲମାନେ ଗ୍ରାମର ୭ ଜଣଙ୍କୁ ଅନ୍ୟତ୍ର ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। ଚନ୍ଦ୍ରମଣି ପ୍ରଧାନଙ୍କ ନାବାଳିକା ଝିଅ, ତାଙ୍କ ସମ୍ପର୍କୀୟ କିରଣ ପ୍ରଧାନ, ବର୍ଷା ପ୍ରଧାନ ଏବଂ ମୀନା ପ୍ରଧାନଙ୍କ ଭାଇ କିଶୋର ପ୍ରଧାନ, ଭାଉଜ ସଞ୍ଜୁ ପ୍ରଧାନ ଏବଂ ଛୋଟ ପୁତୁରା ଶିଶିର ପ୍ରଧାନ ନିଖୋଜ ଥିବା ଅଭିଯୋଗ ହୋଇଛି। ଏହାସହ ଆଡ଼କଟା ଗ୍ରାମର ପପୁନ ଗଡ଼ିତିଆ ମଧ୍ୟ ସେମାନଙ୍କ ସହ ନିଖୋଜ ରହିଥିବା ଜଣାପଡ଼ିଛି। ଏ ନେଇ ଚନ୍ଦ୍ରମଣି ଓ ମୀନା ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ।

ନୟାଗଡ଼ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଅଭିଯୋଗକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରିଥିଲେ। ▶ପୃଷ୍ଠା-୭

# ୨୫ ବର୍ଷରେ ସବୁଠୁ ଥଣ୍ଡା ନଭେମ୍ବର

■ **ଭୁବନେଶ୍ୱର,୧୭।୧୧(ସମିସ):** ସାରା ରାଜ୍ୟରେ ପ୍ରବଳ ଥଣ୍ଡା ଜାରି ରହିଛି। ରାଜ୍ୟକୁ କ୍ରମାଗତ ଭାବେ ଆସୁଥିବା ଥଣ୍ଡା ଓ ଶୁଷ୍କ ବାୟୁର ପ୍ରଭାବ ଯୋଗୁଁ ତାପମାତ୍ରା ତଳମୁହାଁ ହୋଇଛି। ଏହାଦ୍ୱାରା ସାରା ରାଜ୍ୟରେ ପାରଦ ତଳମୁହାଁ ହୋଇଥିବା ବେଳେ ଗତ ୨୫ ମଧ୍ୟରେ ନଭେମ୍ବର ମାସରେ ଭୁବନେଶ୍ୱରରେ ରେକର୍ଡ ହୋଇଥିବା ତାପମାତ୍ରା ସବୁଠୁ ତଳେ ପହଞ୍ଚିଛି। ଗତ ୩ ଦିନ ହେବ ରାଜଧାନୀ ଭୁବନେଶ୍ୱରରେ ପାରଦ ସ୍ୱାଭାବିକ ତୁଳନାରେ ୫ ଡିଗ୍ରୀ ତଳେ ରହୁଥିବା ହେତୁ ଏଠାରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଫଳସ୍ୱରୂପ ରାଜଧାନୀର ନଭେମ୍ବର ଥଣ୍ଡା, ୨୫ ବର୍ଷର ରେକର୍ଡ ଭାଙ୍ଗିଛି। ସେହିପରି କଟକରେ ମଧ୍ୟ ତାପମାତ୍ରା ୧୪ ବର୍ଷର ରେକର୍ଡ ଭାଙ୍ଗିଛି। ଏହା ବ୍ୟତୀତ ଝାରସୁଗୁଡ଼ାରେ ରେକର୍ଡ ହୋଇଥିବା ଥଣ୍ଡା ନଭେମ୍ବର ମାସର ଅଷ୍ଟମ ସର୍ବନିମ୍ନ ତାପମାତ୍ରାର ରେକର୍ଡ କହିଛି।

ଗତ ୨୪ ଘଣ୍ଟାରେ ଭୁବନେଶ୍ୱରର ସର୍ବନିମ୍ନ ରାତିର ତାପମାତ୍ରା ୧୨.୯ ଡିଗ୍ରୀ ରେକର୍ଡ ହୋଇଛି।



ଏହାସହ କଟକରେ ୧୩.୨ ଡିଗ୍ରୀ ତାପମାତ୍ରା ରହିଛି। ୨୦୦୦ ମସିହା ପରେ ନଭେମ୍ବର ମାସରେ ଭୁବନେଶ୍ୱରର ରାତିର ତାପମାତ୍ରା ପ୍ରଥମ ଥର ପାଇଁ ଏତେ ତଳକୁ ଖସିଛି। ଏହା ପୂର୍ବରୁ ୨୦୦୯ ନଭେମ୍ବର ୨୯ରେ ଭୁବନେଶ୍ୱରରେ ୧୩.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୨୦୧୮ ନଭେମ୍ବର ୨୫ ୧୩.୬, ୨୦୧୭ ନଭେମ୍ବର ୨୬ରେ ୧୩.୭, ୨୦୨୫ ୧୬ ନଭେମ୍ବରରେ ୧୩.୦ ଓ ଗତ ୨୪ ଘଣ୍ଟାରେ ୧୨.୯ ଡିଗ୍ରୀ ସହ ଏହି ରେକର୍ଡ ଭଙ୍ଗ ହୋଇଛି। କଟକରେ ୨୦୧୨ ମସିହାରେ ଶେଷ ଥର ପାଇଁ ନଭେମ୍ବରରେ ତାପମାତ୍ରା ୧୨.୮ ଡିଗ୍ରୀ ରେକର୍ଡ ହୋଇଥିଲା।

ଭୁବନେଶ୍ୱର ବ୍ୟତୀତ ଗତ ୨୪ ଘଣ୍ଟାରେ ରାଜ୍ୟର ୬ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ତାଠାରୁ କମ ରେକର୍ଡ ହୋଇଛି। ଝାରସୁଗୁଡାଠାରେ ଭୀଷଣ ଶୀତ ଲହରୀ ଅନୁଭୂତ ହୋଇଥିବା ବେଳେ କଟକ ଓ ଭୁବେନଶ୍ୱରରେ ଶୀତ ଲହରୀ ଅନିଭୂତ ହୋଇଛି। ଏହା ବ୍ୟତୀତ ୧୪ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଛି। ଜି.ଉଦୟଗିରି ୫.୪ ଡିଗ୍ରୀ ପାରଦ ପହଞ୍ଚିଥିବା ବେଳେ ସେମିଳିଗୁଡାରେ ୬.୧, ଦାରିଙ୍ଗବାଡି ୭, ଫୁଲବାଣୀ ୮ ଏବଂ ଝାରସୁଗୁଡାରେ ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ରାଉରକେଲାରେ ୧୦, କେନ୍ଦୁଝରରେ ୧୧ ଡିଗ୍ରୀ ରେକର୍ଡ ହୋଇଛି। ପାଣିପାଗ ବିଭାଗ କହିବା ଅନୁସାରେ, ପଶ୍ଚିମ ଉତ୍ତର ପବନ ତୀବ୍ର ହେବା, ଆକାଶ ସଫା ରହିବା ଓ ଆର୍ଦ୍ରତା ହ୍ରାସ କାରଣରୁ ରାତିର ତାପମାତ୍ରା ଦ୍ରୁତ ଭାବେ ତଳକୁ ଖସୁଛି। ତେବେ ମଙ୍ଗଳବାର ରାତିଠାରୁ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିବ। ତାପମାତ୍ରା ବଢ଼ିଲେ ମଧ୍ୟ ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତ ଜାରି ରହିବ।

ଅନ୍ୟପଟେ ଦକ୍ଷିଣ ଭାରତରେ ୨୨ ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ଆଇଏମ୍‌ଡି ପୂର୍ବନୁମାନ କରିଛି। ଆସନ୍ତା ୨୪ ଘଣ୍ଟା ଅର୍ଥାତ ମଙ୍ଗଳବାର ସକାଳ ସାଢ଼େ ୮ ଟା ପର୍ଯ୍ୟନ୍ତ ରାଜ୍ୟର ଖୋର୍ଦ୍ଧା, କନ୍ଧମାଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ର କିଛି କିଛି ଅଞ୍ଚଳରେ ଶୀତ ଲହରୀ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି।

## ଶୂନ୍ୟ ମୃତାହତ ପକ୍ଷ

**ପାଣିକୋଇଲି, ୧୭।୧୧(ସମିସ):** ବେପରୁଆ ତଥା ଅନଭିଜ୍ଞ ଗାଡ଼ି ଚାଳନା ପାଇଁ ପ୍ରତିଦିନ ରାସ୍ତା ଦୁର୍ଘଟଣାରେ ବହୁଧନ ଜୀବନ କ୍ଷତିଗ୍ରସ୍ତ ହେଉଛନ୍ତି। ଏଥି ନିମନ୍ତେ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ତରଫରୁ ବାରମ୍ବାର ଗାଡ଼ି ଚାଳକମାନଙ୍କ ସଚେତନତା କରାଇବା ଲାଗି କାର୍ଯ୍ୟକ୍ରମ ମାନ ଆୟୋଜିତ କରାଯାଇ ସଚେତନ କରାଯାଉଛି। ତେବେ ପରିବହନ ବିଭାଗ ତରଫରୁ ଚଳିତ ମାସ ୧୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ମୃତାହତ ପକ୍ଷ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଚାଲୁ ରହିଛି। ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ଧିରେନ୍ଦ୍ର କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଭାଗର ସହକାରୀ ଏମ୍‌ଭିଆଇ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଜାତୀୟ ରାଜପଥ ୨୦ରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ କରାଯାଇ ବାଇକ ଓ କାର୍ ଚାଳକମାନଙ୍କୁ ସଚେତନ କରାଯିବା ସହିତ ହେଲମେଟ ପିନ୍ଧି ବାଇକ୍ ଚଳାଉଥିବା ବ୍ୟକ୍ତିମାନଙ୍କୁ ଗୋଲାପଫୁଲ ଦେଇ ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରସୁଲପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



**କୁଆଖିଆ, ୧୭।୧୧(ସମିସ)**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୦୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୪ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୭ ଗୋଟି ଅଭିଯୋଗର ଏବଂ ରେଡକ୍ରସ ସହାୟତା ପାଣ୍ଠିରୁ ୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଲମ୍ବୋଦର ଖୁଣ୍ଟିଆ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରସୁଲପୁର ସତ୍ୟାନନ୍ଦ ଦାସ, ତହସିଲଦାର, ରସୁଲପୁର ସିଦ୍ଧାର୍ଥ କୁମାର ବେହେରା ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।


## ୨୨୧ ବର୍ଷରେ କର୍ଣ୍ଣଦାଣ୍ଡି ବାବା କାର୍ତ୍ତିକେଶ୍ୱରଙ୍କ ପୂଜା



**ମଙ୍ଗଳପୁର, ୧୭।୧୧(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତସ୍ଥ କର୍ଣ୍ଣଦାଣ୍ଡି ଗ୍ରାମରେ ବାବା କାର୍ତ୍ତିକେଶ୍ୱରଙ୍କ ପୂଜା ମହାସମାରୋହରେ ଆରମ୍ଭ ହୋଇଯାଇଛି। ରବିବାର ରାତିରେ କଳସ ଶୋଭାଯାତ୍ରା ହେବା ପରେ ଗ୍ରାମସ୍ଥ ବାବା କାର୍ତ୍ତିକେଶ୍ୱରଙ୍କ ପୁଷ୍କରିଣୀରେ କଳସ ବୁଡ଼ା ଯାଇଥିଲା। ଏହାପରେ ଷୋଡ଼ଶ ଉପଚାର ପୂଜା ହେବା ପରେ ରୀତିନୀତି ଅନୁଯାଇ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜା ମଣ୍ଡପଟିକୁ ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ ଭାବେ ସଜା ଯାଇଥିବା ଦେଖିବା ପାଇଁ ମିଳିଛି। ପୂଜାରେ ଗ୍ରାମର ମନ୍ମଥ କୁମାର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ଜୟନ୍ତୀ ପଣ୍ଡା ସଂକଳ୍ପ କରିଥିବା ବେଳେ ପୂଜକ ଗୋବର୍ଦ୍ଧନ ମହାପାତ୍ର ଏବଂ ଦିନେଶ ପଣ୍ଡା ପୂଜା କାର୍ଯ୍ୟ କରୁଛନ୍ତି। ଚଳିତ ବର୍ଷ ଏହି ପୂଜା ୨୨୧ ବର୍ଷରେ ପଦାର୍ପଣ କରିଥିବା ବେଳେ ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଏହି ପୂଜା ଅନୁଷ୍ଠିତ ହେଉଛି। ବାବା କାର୍ତ୍ତିକେଶ୍ୱରଙ୍କ ଦର୍ଶନ ପାଇଁ ପାଖ ପଡ଼ୋଶୀ ଗ୍ରାମର ସହ ସହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହୁଛଇ। ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ୨୨ରୁ ୨୪ ତାରିଖ ୩ ଦିନ ଧରି ବାଲେଶ୍ୱର ଜିଲ୍ଲା ନୀଳଗିରି ରୟାଲ ଗ୍ରୀନ ଯାତ୍ରା ପାର୍ଟି ଦ୍ୱାରା ଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟିର ସଭାପତି ଦାମୋଦର ରାଉତ ଓ ସମ୍ପାଦକ ସୁବ୍ରତ କୁମାର ବେହେରା ସୂଚନା ଦେଇଛନ୍ତି। ସେହିପରି ପୂଜା ମଣ୍ଡପ ନିକଟରେ ବିଭିନ୍ନ ଉଠା ଦୋକାନୀମାନଙ୍କ ଭିଡ଼ ଲାଗିଛି। ବିଛା ସଂକ୍ରାନ୍ତି ତିଥିରୁ ବାବାଙ୍କ ପୂଜା ଆରମ୍ଭ ହୋଇ ୨୪ ତାରିଖରେ ବିସର୍ଜନ ଓ ୨୫ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଯାଜପୁର ସହରରେ କାର୍ତ୍ତିକେଶ୍ୱର ପୂଜା

**ଯାଜପୁର, ୧୭।୧୧(ସମିସ):** ଦୀର୍ଘ ୩୫ ବର୍ଷ ଧରି ଭବାନିଗଞ୍ଜ ଛକରେ ସ୍ୱର୍ଗତ ନାରାୟଣ ବେହେରାଙ୍କ ଉଦ୍ୟମରେ ର୍ତିକେଶ୍ୱରଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ମଧ୍ୟ ଏହି ପୂଜା ଖୁବ ଆଡମ୍ବର ସହକାରେ ପାଳନ କରାଯାଇଛି। ସ୍ୱର୍ଗତ ବେହେରାଙ୍କ ପୁତ୍ର ଆଲୋକ ବେହେରା ଓ ଅଜୟ ବେହେରା ନିଷ୍ଠାର ସହ ଏହି ପୂଜାକୁ ପାଳନ କରିଛନ୍ତି। ଯାଜପୁର ସହରରେ ଏହି ପୂଜାର ସ୍ୱତନ୍ତ୍ରତା ରହିଥିବା ବେଳେ ନୀତିକ୍ରାନ୍ତି ଅନୁସାରେ କଳସଯାତ୍ରା ଠାରୁ ଆରମ୍ଭ କରି ଭସାଣି ଉତ୍ସବ ଧୁମଧାମରେ ପାଳନ କରାଯାଉଛି। ଆଜି ବୈତରଣୀ ନଦୀରେ ଠାକୁରଙ୍କ ବିସର୍ଜନ କରାଯାଇଛି।



### ପାଣିକୋଇଲି ରାଜ୍ୟସ୍ତରୀୟ କବାଡ଼ି ଉଦ୍‌ଯାପିତ

## ପୁରୁଷ ଓ ମହିଳାରେ କଟକ ଚାମ୍ପିଅନ୍



**ପାଣିକୋଇଲି, ୧୭।୧୧(ସମିସ):** ପାଣିକୋଇଲି ବାଲିଦାଣ୍ଡରେ ଚାଲିଥିବା ଦ୍ୱିଦିବସୀୟ ୧୧ତମ ରାଜ୍ୟସ୍ତରୀୟ ଦିବାରାତ୍ରି କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ୧୦ଟି ଦଳ ଓ ମହିଳା ବିଭାଗରେ ୭ଟି ଦଳ ଅଂଶଗ୍ରହଣ କରିଛନ୍ତି। କଟକ, ଭୁବନେଶ୍ୱର, କଳିଙ୍ଗ ଷ୍ଟାଡିୟମ, ଆସ୍କା, ଅନୁଗୁଳ, ତାଳଚେର, ବାରଙ୍ଗ, ଯାଜପୁରରୋଡ ଓ ଅଗ୍ନେସ ସ୍ପୋର୍ଟିଂ ପାଣିକୋଇଲି ଭାଗ ନେଇଛନ୍ତି। ପୁରୁଷ ବିଭାଗରେ ଫାଇନାଲ ମ୍ୟାଚ କଟକ ଓ ଆସ୍କା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ କଟକ ବିଜୟୀ ହୋଇଥିଲା। ମହିଳା ବିଭାଗରେ କଟକ ବନାମ ବିରଜା ମଧ୍ୟରେ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ କିଟ୍ ଦଳ ବିଜୟ ହୋଇଥିଲା। ଅତିଥି ଭାବେ ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରସାଦ ଦାସ, ଯୁବନେତା ବନୋଜ କୁମାର ଜେନା, ପ୍ରାକ୍ତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଯାଜପୁର ଆଥେଲେଟିକ ସମ୍ପାଦକ ସୁରେଶ ପଣ୍ଡା, ସମାଜସେବୀ କୃଷ୍ଣଚନ୍ଦ୍ର ବିଶ୍ୱାଳ, ବିପିନ ଧଳ, ଅଜୟ ଦାଶ, କରୁଣାକର ମାଝୀ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରେଫରୀ ଭାବେ ରମେଶ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ଶୁଭଶ୍ରୀ ସାହୁ ଯୋଗଦେଇଥିବା ବେଳେ ଘୋଷକ ଭାବେ ଆନନ୍ଦ ରଣା ଓ ଜ୍ଞାନରଞ୍ଜନ ଘଡ଼ାଇ ଯୋଗଦାନ କରିଥିଲେ। ଅବିନାସୀ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ସଭାପତି ମନୋଜ ମଲିକ, ସମ୍ପାଦକ ସୁରେଶ ମଲିକ, ମ୍ୟାନେଜର କୈଳାସ ମଲିକ, ପରିଚାଳନା କରିଥିବା ବେଳେ ରାଜେନ୍ଦ୍ର ମଲିକ, ଚନ୍ଦ୍ରମଣି ମଲିକ, ଦୀପକ ଜେନା, ସନ୍ତୋଷ ମୁଣ୍ଡା, ପବିତ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ଟାଟା ଷ୍ଟିଲ୍ କଳିଙ୍ଗନଗର କାରଖାନା

## ବାର୍ଷିକ ଉତ୍ପାଦନ କ୍ଷମତା ୧୬ ଟନ୍ ଲକ୍ଷ୍ୟ



**ଯାଜପୁର/ଦାନଗଦି, ୧୭।୧୧(ସମିସ):** ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ଉତ୍ପାଦନ ଆରମ୍ଭ କରିବାର ଏକ ଦଶନ୍ଧି ପୂରଣ କରିଛି। ଯାହା ରାଜ୍ୟର ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଆଣିବା ସହିତ ଏବଂ ସ୍ଥାନୀୟ ଅଞ୍ଚଳର ବିକାଶ କ୍ଷେତ୍ରରେ ସହଯୋଗ କରିଚାଲିଛି। ୨୦୧୫ ନଭେମ୍ବର ୧୮ରୁ ଉତ୍ପାଦନ ଆରମ୍ଭ କରିଥିବା କଳିଙ୍ଗନଗର ପ୍ଲାଣ୍ଟ କେବଳ ଷ୍ଟିଲ୍ ଉତ୍ପାଦନ କ୍ଷେତ୍ରରେ ଏକ ଶିଳ୍ପ ଶକ୍ତି ଭାବରେ ପରିଣତ ହୋଇନାହିଁ, ବରଂ ଏହାର ଚତୁଃପାର୍ଶ୍ୱରେ ଥିବା ଲୋକମାନଙ୍କ ବିକାଶରେ ଭାଗିଦାରୀ ସାଜିବା ସହିତ ପରିଚାଳନା ଦକ୍ଷତା, ପ୍ରଯୁକ୍ତିଗତ ଅଗ୍ରଗତି, ନିରାପତ୍ତା ଏବଂ ଦୀର୍ଘସ୍ଥାୟୀ ଅଭ୍ୟାସ କ୍ଷେତ୍ରରେ ଉନ୍ନତି ଆଣିପାରିଛି। ଟିଏସକେ ବାର୍ଷିକ ଉତ୍ପାଦନ କ୍ଷମତା ୩ ନିୟୁତ ଟନ୍ (ଏମଟିପିଏ)ରୁ ଆରମ୍ଭ କରି, ବର୍ତ୍ତମାନ ୮ ଏମ୍‌ଟିପିଏକୁ ବୃଦ୍ଧି ପାଇଛି। ଏଥି ପାଇଁ କମ୍ପାନୀ ୫୦ ହଜାର କୋଟିରୁ ଅଧିକ ପୁଞ୍ଜି ନିବେଶ କରିଛି। ବର୍ତ୍ତମାନ କଳିଙ୍ଗନଗର ପ୍ଲାଣ୍ଟଟି ଉଚ୍ଚ ଗୁଣବତ୍ତାର ୧୦୦ରୁ ଅଧିକ ଗ୍ରେଡ୍ ଷ୍ଟିଲ୍ ଉତ୍ପାଦନ କରି ଆତ୍ମନିର୍ଭର ଭାରତ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଟାଟା ଷ୍ଟିଲର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଟିଭି ନରେନ୍ଦ୍ରନ୍ କହିଛନ୍ତି: 'ଟାଟା ଷ୍ଟିଲର ଇତିହାସରେ କଳିଙ୍ଗନଗର ପ୍ଲାଣ୍ଟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଗତ ୧୦ ବର୍ଷ ମଧ୍ୟରେ ୧ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ବିନିଯୋଗ ସହିତ ସମଗ୍ର ବିଶ୍ୱରେ ଏହାର ଥିବା କାର୍ଯ୍ୟସ୍ଥଳ ମଧ୍ୟରେ ଟାଟା ଷ୍ଟିଲ ପାଇଁ ଓଡ଼ିଶା ସର୍ବବୃହତ ପୁଞ୍ଜି ବିନିଯୋଗ ସ୍ଥଳୀ ଭାବରେ ପସନ୍ଦର ସ୍ଥାନ ହୋଇପାରିଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ମାଧ୍ୟମରେ ଏକାଧିକ ଲୋକହିତକର କାର୍ଯ୍ୟ ହାତକୁ ନିଆଯାଇଛି। କାରଣ ଆଗାମୀ ଦିନରେ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୧୬ ନିୟୁତ ଟନ୍ (ଏମଟିପିଏ) କମ୍ପ୍ଲେକ୍ସ ହେବାକୁ ଯାଉଛି। ନିରନ୍ତର ନବସୃଜନ, ଅଭିବୃଦ୍ଧି, ଏବଂ ଅସଂଖ୍ୟ ବ୍ୟକ୍ତିଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ପ୍ରୟାସ ଜାରି ରଖିଛି।

## ଦୁର୍ଘଟଣାରେ ପରିବା ବ୍ୟବସାୟୀ ଗୁରୁତର

**ବଡଚଣା, ୧୭।୧୧(ସମିସ):** ବଡ଼ଚଣା ଥାନା ତଥା ରାଧାଦେଇପୁର ପଞ୍ଚାୟତ ଅନ୍ତର୍ଗତ ବାଙ୍ଗୁରଗୁଣ୍ଡା ଗ୍ରାମର ପ୍ରଶାନ୍ତ ପରିଡ଼ାଙ୍କ ସାନ ପୁଅ ସୁବ୍ରତ ପରିଡ଼ା (୨୭) ଗତ ୧୬ ତାରିଖ ଦିନ ବାଲିଚନ୍ଦ୍ରପୁର ବଜାରକୁ ଆସି ପରିବା କ୍ରୟ କରି ନିଜ ବାଇକ୍ ଯୋଗେ ବଡ଼ଚଣା-ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତା ଦେଇ ନିଜ ଗ୍ରାମ ଅଭିମୁଖେ ଯାଉଥିବା ବେଳେ ବାଙ୍ଗୁରଗୁଣ୍ଡା ଛକ ନିକଟରେ ତାଙ୍କୁ ଏକ କାର (ଓ ଡି ୦୨ ବି ଟି-୫୩୮୩) ଧକ୍କା ଦେଇ ରାସ୍ତା ପାଖ ବିଲ ଭିତରକୁ ପଶି ଯାଇଥିଲା। ଏହି ଦୁର୍ଘଟଣାରେ ସୁବ୍ରତ ଗୁରୁତର ଆହତ ହୋଇଥିଲେ। ତାଙ୍କର ଦୁଇଟି ଗୋଡ଼ ଭାଙ୍ଗି ଯାଇଥିଲା। ଖବର ପାଇ ବଡ଼ଚଣା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ସୁବ୍ରତଙ୍କ ଚିକିତ୍ସା ପାଇଁ ତାଙ୍କୁ ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଦୁର୍ଘଟଣା ଘଟାଇଥିବା କାରକୁ ପୁଲିସ ଜବତ କରି ଥାନାକୁ ଆଣିଥିଲେ। ଏନେଇ ସୁବ୍ରତଙ୍କ ବାପା ଆଜି ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗ ଆଧାରରେ ଥାନା କେଶ ନମ୍ବର ୪୨୬/୨୫ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ନେଇ ଥାନାଧିକାରୀ ସୁରେନ୍ଦ୍ରକୁମାର ଜେନା ସୂଚନା ଦେଇଛନ୍ତି।

## ଜାତୀୟ ରାଜପଥ ପାର୍ଶ୍ୱରୁ ମାପ ଆରମ୍ଭ



**ପାଣିକୋଇଲି, ୧୭।୧୧(ସମିସ):** ଦିନକୁ ଦିନ ଗାଡ଼ି ମଟର ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ପାଣିକୋଇଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥର ୧୬ ଓ ୨୦ ମିଶ୍ରଣସ୍ଥଳୀ ପାଣିକୋଇଲି ବଜାର ମଧ୍ୟ ଦେଇ ପ୍ରତିଦିନ ହଜାର ହଜାର ଗାଡ଼ି ମଟର ଯିବା ଆସିବା କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଦୁର୍ଘଟଣା ଘଟି ବହୁ ଧନଜୀବନ ଅକାରଣରେ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଗତ ଅକ୍ଟୋବର ୨୩ ତାରିଖ ଦିନ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ବିଭିନ୍ନ ପ୍ରଶାସନିକ ଅଧିକାରୀ ପାଣିକୋଇଲି ବଜାର ପରିଦର୍ଶନ କରିବା ସହିତ ଯଥାଶୀଘ୍ର ଜବର ଦଖଲ ଉଚ୍ଛେଦ ପକ୍ରିୟା ଆରମ୍ଭ ହୋଇ ରାସ୍ତା ସମ୍ପ୍ରସାରଣ କରାଯିବ ବୋଲି ଶ୍ରୀ କର ସୂଚନା ଦେଇଥିଲେ। ଏ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ଉଭୟ ରାଜପଥର ପଥରପଦା ଓ ଅଳତିରି ମୌଜାର କଡ଼କୁ ରାଜପଥ ସମ୍ପ୍ରସାରଣ ପାଇଁ ମାପ କରାଯାଇ ସରକାରୀ ଜମି ଚିହ୍ନଟ ହେବ ବୋଲି ବ୍ୟାସନଗର ତହସିଲଦାର ସର୍ବସାଧାରଣ ନୋଟିସ୍ କରିଥିଲେ। ତେବେ ଏ ନେଇ ସୋମବାର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ରାଜପଥ ବିଭାଗର ରାଜସ୍ୱ ଅଧିକାରୀ ଶୈଳେନ୍ଦ୍ର ମହାନ୍ତି, ରାଜପଥ ବିଭାଗର ରାଜସ୍ୱ ନିରୀକ୍ଷକ ଗୋବିନ୍ଦ ସ୍ୱାଇଁ, ତହସିଲର ରାଜସ୍ୱ ସୁପରଭାଇଜର ଧନେଶ୍ୱର ସାହୁ, ପାଣିକୋଇଲି ରାଜସ୍ୱ ନିରୀକ୍ଷକ କାଟେ ପୁର୍ତ୍ତୀ, ଅମୀନ ବିକାଶ ରାଉତ, ଅକ୍ଷୟ ପାଢ଼ୀ ସମେତ ପାଣିକୋଇଲି ବଜାରର କଟକ ବସ୍‌ଷ୍ଟପ ପଟକୁ ମାପଚୁପ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଏଏସ୍‌ଆଇ ନିର୍ମଳ ରାଉତଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ଥିଲେ। ଅପରପକ୍ଷେ ମାପଚୁପ ପରେ ବଜାର ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଉଠା ଦୋକାନୀମାନଙ୍କ ମଧ୍ୟରେ ଆତଙ୍କ ବୃଦ୍ଧି ପାଇଛି। ଉଠା ଦୋକାନୀମାନଙ୍କୁ ହଟାଇବା ପୂର୍ବରୁ ସେମାନଙ୍କ ପାଇଁ ସ୍ଥାୟୀ ବନ୍ଦୋବସ୍ତ କରାଇବାକୁ ସାଧାରଣରେ ଦାବି ହୋଇଛି।

## ପିସିସି ମୁଖପାତ୍ର ପଦ ଛାଡ଼ିଲେ ପଦ୍ମାକର

**ଯାଜପୁର, ୧୭।୧୧(ସମିସ):** ପିସିସି ମୁଖପାତ୍ର ପଦ୍ମାକର ଗୁରୁ ଆଜି ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ତ୍ରୁଟିପୂର୍ଣ୍ଣ ନିର୍ବାଚନ ପରିଚାଳନା ଓ ମନମୁଖି ଗୋଟି ଚାଳନା ପାଇଁ ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟକୁ ଦାୟୀ କରି ଇସ୍ତଫା ଦେଇଥିବା କହିଛନ୍ତି। ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ପ୍ରଚାର ସମୟରେ ସଠିକ ଭାବେ ପିସିସି ସଭାପତି କ୍ୟାମ୍ପେନ ନ କରିବା ସହ ଷ୍ଟାର କ୍ୟାମ୍ପେନରମାନଙ୍କୁ ନ ପଠାଇବା ଓ ସମସ୍ତ ଯୁବ କର୍ମୀଙ୍କ ସହଯୋଗ କାମନା ନ କରି ଦାୟିତ୍ୱହୀନତାର ପରିଚୟ ଦେଇଥିବା ଅଭିଯୋଗ ଆଣିଛନ୍ତି ପଦ୍ମାକର। ଏନେଇ ସେ ପିସିସି ସଭାପତିଙ୍କୁ ନିଜର ଇସ୍ତଫାପତ୍ର ଦେଇଛନ୍ତି। ଆଗାମୀ ଦିନରେ କଂଗ୍ରେସ ପାଇଁ କେବଳ ସକ୍ରିୟ କର୍ମୀ ଭାବେ କାମ କରିବେ ବୋଲି କହିଛନ୍ତି।

## ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର




**କୟାଁଗୋଲା/ମଙ୍ଗଳପୁର, ୧୭।୧୧ (ସମିସ):** ଦଶରଥପୁର ବ୍ଲକ ସ୍ଥିତ ମଙ୍ଗଳପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ଏବଂ ଇତିହାସ ବିଭାଗ ତରଫରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶାରଦ ଭାବେ ଶାନ୍ତି ନିକେତନ ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ବୈଷ୍ଣବ ଚରଣ ସାମଲ, ନରସିଂହ ଚୌଧୁରୀ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଡ. ସୁରେଶ ଚନ୍ଦ୍ର ସାହୁ ଯୋଗଦେଇ ଓଡ଼ିଆ ଭାଷା ଆନ୍ଦୋଳନ ଓ ଆମ ଭାଷା ପ୍ରତି ଅସ୍ମିତା ବୋଧ ବିଷୟ ଉପରେ ଆଲୋକପାତ କରିଥିଲେଫ ଏହିଭଳି ଆଲୋଚନାଚକ୍ର ଦ୍ୱାରା ପୁସ୍ତକ ରଚନାର ଶୈଳୀ ଏବଂ ଇତିହାସର ମୂଲ୍ୟବୋଧ ବିଷୟରେ ଛାତ୍ରୀମାନେ ସହଜରେ ଅବଗତ ହୋଇପାରିବେ ବୋଲି ବିଶାରଦ ମାନେ କହିଥିଲେ। ଇତିହାସ ବିଭାଗର ଅଧ୍ୟାପିକା ଶୁଭଶ୍ରୀ ଘଡ଼ାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ସୁଷମା ସାହୁ, ତପସ୍ୱିନୀ ଭଞ୍ଜ, ରଶ୍ମି ଦଳାଇ, ଶୁଭସ୍ମିତା ସାହୁ, ବ୍ରଜକିଶୋର ସାହୁ, କୁସେନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଏହି ପାଠଚକ୍ରରେ ଯୁକ୍ତ ୩ର ଓଡ଼ିଆ ଏବଂ ଇତିହାସ ବିଭାଗର ସମସ୍ତ ଛାତ୍ରୀମାନେ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ଉତ୍କଳ ଗୌରବ ସମ୍ମାନ

**ପ୍ରୀତିପୁର, ୧୭।୧୧(ସମିସ):** ଶିକ୍ଷା ଓ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ଥାନୀୟ ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବାରିକଙ୍କୁ ଭୁବନେଶ୍ୱରରେ ଉତ୍କଳ ଗୌରବ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ୬୦ତମ ପ୍ରେସ୍ ଦିବସ ଉପଲକ୍ଷେ 'ପ୍ରତିକାର' ସମ୍ବାଦପତ୍ର ପକ୍ଷରୁ ଆୟୋଜିତ ଏକ ରାଜ୍ୟସ୍ତରୀୟ କର୍ମଶାଳା ଓ ସମ୍ମିଳନୀ ପରିପ୍ରେକ୍ଷୀରେ ସମ୍ପାଦକ ଶୁଭାଶିଷ ମିଶ୍ରଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ଆଇନ ସଚେତନତା ସଭା

**ଦଶରଥପୁର, ୧୭।୧୧(ସମିସ):** ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଦଶରଥପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ସେବା ପ୍ରତିଷ୍ଠାନ ପରିସରରେ ଏକ ଆଇନ୍ ସଚେତନତା ସଭା ପ୍ରାଧିକରଣ ସଚିବ ନେହା ଅଗୱାଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଆଲୋଚକ ଭାବେ ଯାଜପୁର ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, ଦଶରଥପୁର ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ ଓ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ଥିବା କେତେକ ବରିଷ୍ଠ ନାଗରିକ ସେମାନଙ୍କ ସମସ୍ୟା ସମ୍ପର୍କିତ ପ୍ରଶ୍ନ ପଚାରିଥିଲେ। ତାର ଯଥୋଚିତ ଉତ୍ତର ସଚିବ ଏବଂ ରେଜିଷ୍ଟ୍ରାର ରଖିଥିଲେ। ଲକ୍ଷ୍ମୀନାରାୟଣ ସେବା ପ୍ରତିଷ୍ଠାନ ସମ୍ପାଦକ ପରେଶ କୁମାର ମଲ୍ଲିକ୍ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ସେବା ପ୍ରତିଷ୍ଠାନର କର୍ମଚାରୀମାନେ ମିଳିତଭାବେ ସହଯୋଗ କରିଥିଲେ।

### ଓଳେଇ ଚନ୍ଦନପୁର ଅଞ୍ଚଳରୁ ବାଲି ଚୋରି ଘଟଣା

# ଥାନାରେ ଅଭିଯୋଗ ଦେବାକୁ ତହସିଲଦାର କୁନ୍ଥୁକୁନ୍ଥୁ

**ବିଞ୍ଝାରପୁର, ୧୭।୧୧(ସମିସ):** ବିଞ୍ଝାରପୁର ତହସିଲର ଭାରପ୍ରାପ୍ତ ତହସିଲଦାର ପ୍ରଦୀପ୍ତ ସେଠୀ ବେଆଇନ ବାଲି ଉଠାଣର ଖବରପାଇ ଶୁକ୍ରବାର ଓଳେଇ-ଚନ୍ଦନପୁରସ୍ଥିତ ଖରସ୍ରୋତା ବେଆଇନ ବାଲିଘାଟକୁ ଚଢ଼ଉ କରିବାକୁ ଯାଇଥିଲା ବେଳେ ସେଠାରେ ବାଲିମାଫିଆଙ୍କ ଦ୍ୱାରା ନିୟୋଜିତ କେତକ ମୁଖାପିନ୍ଧା ଅସାମାଜିକ ବ୍ୟକ୍ତି ତାଙ୍କୁ ନାଲିଆଖି ଦେଖାଇ ଦୁର୍ବ୍ୟବହାର କରିବା ସହିତ ବେଆଇନ ବାଲିବୋଝେଇ ଟ୍ରାକ୍ଟର, ହାଇୱା ଗୁଡିକ ନେଇଯାଇଥିଲେ। ଅପଦସ୍ତ ହୋଇ ଭାରପ୍ରାପ୍ତ ତହସିଲଦାର ଶ୍ରୀ ସେଠୀ ଫେରିଥିଲେ। ଏହି ଘଟଣା ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିଲା। ହେଲେ ଏହି ଘଟଣାକୁ ତିନି ଦିନ ବିତିଯାଇଥିଲେ ମଧ୍ୟ ବାଲିମାଫିଆଙ୍କ ବିରୋଧରେ ଥାନାରେ ଏପର୍ଯ୍ୟନ୍ତ ଭାରପ୍ରାପ୍ତ ତହସିଲଦାର ଶ୍ରୀ ସେଠୀ ଅଭିଯୋଗ ଦେବାକୁ କୁନ୍ଥୁ କୁନ୍ଥୁ ହେବାକୁ ନେଇ ଘଟଣାଟି ରହସ୍ୟମୟ ହୋଇଉଠିଛି। ଭାରପ୍ରାପ୍ତ ତହସିଲଦାର ଶ୍ରୀ ସେଠୀ ବାଲି ମାଫିଆଙ୍କ ଭୟରେ ଅଭିଯୋଗ କରୁନାହାଁନ୍ତି ନା ଘଟଣାକୁ ଚାପି ଦେବାପାଇଁ ବଡ ଆକାରର ଅର୍ଥ କାରବାର ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ବାଲି ମାଫିଆଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ନେଇ ଭାରପ୍ରାପ୍ତ ତହସିଲଦାର ଶ୍ରୀ ସେଠୀଙ୍କୁ ପଚାରିବାରୁ ସେ କୁନ୍ଥୁ କୁନ୍ଥୁ ହେବା ସହ ଘଟଣାଟିକୁ ଭିନ୍ନ ମୋଡ ଦେଉଛନ୍ତି। ଶ୍ରୀ ସେଠୀ କହିବା କଥା ସେ ବୁଲିବାକୁ ଯାଇଥିଲେ ବାଲି ଗାଡ଼ି ତାଙ୍କୁ ଦେଖି ପଳାଇ ଗଲେ। କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଓଳେଇ ଚନ୍ଦନପୁର ଅଞ୍ଚଳରେ ବର୍ଷା ଋତୁରୁ ବାଲି ମାଫିଆ ରାଜ କରି ବାଲି ଚୋରି କରୁଥିବା ବେଳେ ସେ ଅଞ୍ଚଳକୁ ଅଫିସ କାର୍ଯ୍ୟ ଛାଡି ଭାରପ୍ରାପ୍ତ ତହସିଲଦାର ବିନା କାରଣରେ କେଉଁ ସ୍ୱାର୍ଥ ପାଇଁ ବୁଲି ଯାଇଥିଲେ। ଘଟଣା ସମ୍ପର୍କରେ ଥାନାରେ ବାଲିମାଫିଆଙ୍କ ବିରୋଧର ଅଭିଯୋଗ କରିବେ ବୋଲି କହିଥିଲା ବେଳେ ଅନ୍ୟ ପକ୍ଷରେ ଭାରପ୍ରାପ୍ତ ତହସିଲଦାର ସୋମବାର ସନ୍ଧ୍ୟା ସୁଦ୍ଧା ଥାନାରେ କୌଣସି ଅଭିଯୋଗ କରି ନ ଥିବା ଜଣାପଡ଼ିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

### ସିବିଏସ୍‌ଇ ଗାଇଡ୍‌ଲାଇନ୍‌ର ଉଲ୍ଲଙ୍ଘନ କରୁଛନ୍ତି ଘରୋଇ ଶିକ୍ଷାନୁଷ୍ଠାନ

# କାରଣଦର୍ଶାଅ ନୋଟିସ୍ ଜାରି କରି ପ୍ରଶାସନ ଚୁପ୍

**ଯାଜପୁର, ୧୭।୧୧(ସମିସ)**

ସାରା ଦେଶରେ ସିବିଏସ୍‌ଇ ଦ୍ୱାରା ପରିଚାଳିତ ଘରୋଇ ଇଂରାଜି ମାଧ୍ୟମ ସ୍କୁଲ ଗୁଡିକ ପାଇଁ ରହିଥିବା ଗାଇଡଲାଇନର ଉଲ୍ଲଘଂନ ହେଉଛି। ଏହି ଗାଇଡଲାଇନର ତଦାରଖ କରିବା ଦାୟିତ୍ୱ ଜିଲ୍ଲା ଶିକ୍ଷାଅଧିକାରୀଙ୍କ ସହିତ ଜିଲ୍ଲା ପ୍ରଶାସନ ଦାୟିତ୍ୱ ଥିବା ବେଳେ ଏଥିପ୍ରତି ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଆଖିବୁଜି ଦେଇଥିବା ଦେଖିବାକୁ ମିଳିଛି। ଯାହାର ଫଳ ସ୍ୱରୂପ ଘରୋଇ ବିଦ୍ୟାଳୟ ଗୁଡିକରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଶୋଷଣର ଶିକାର ହେଉଛନ୍ତି। ସିବିଏସଇର ଗାଇଡଲାଇନ ମୁତାବକ କୌଣସି ଘରୋଇ ଶିକ୍ଷାନୁଷ୍ଠାନ କୌଣସି ବ୍ୟକ୍ତିଗତ ମାଲିକାନାରେ ରହିପାରିବ ନାହିଁ ବରଂ ଏହା ସୋସାଇଟି, ଏନ୍‌ଜିଓ ବା ଟ୍ରଷ୍ଟ ଭଳି ଏକାଧିକ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହେବ। କିନ୍ତୁ ଉକ୍ତ ପରିଚାଳନା ବୋର୍ଡରେ ଗୋଟିଏ ପରିବାରୁ ଏକାଧିକ ବ୍ୟକ୍ତି ରହିପାରିବେ ନାହିଁ ବୋଲି ଗାଇଡଲାଇନର ୭.୭ରେ ଉଲ୍ଲେଖ ରହିଛି। କିନ୍ତୁ ଏହି ଗାଇଡଲାଇନକୁ ଯାଜପୁର ଜିଲ୍ଲାର ଅଧିକାଂଶ ଘରୋଇ ଶିକ୍ଷାନୁଷ୍ଠାନ ମାନୁନଥିବା ଜଣାପଡ଼ିଛି। ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ନିଜ



ବ୍ୟକ୍ତିଗତ ମାଲିକାନା ଭାବେ ପରିଚାଳନା ହେଉଥିବାରୁ ଛାତ୍ରଛାତ୍ରୀଙ୍କ ଠାରୁ ମନଇଚ୍ଛା ଫିସ୍ ଆଦାୟ କରାଯିବା ସହିତ ବିଭିନ୍ନ ସମୟରେ ଅଭିଭାବକଙ୍କୁ ବିଭିନ୍ନ ପ୍ରକାର ଶୋଷଣ କରାଯାଉଛି। ଏପରିକି ଛାତ୍ରଛାତ୍ରୀଙ୍କ ଆଡମିସନ ଠାରୁ ଆରମ୍ଭ କରି, ବହି ବିକ୍ରୟ, ପରୀକ୍ଷା ପରିଚାଳନା ନାନା କେଳେଙ୍କାରି ହେଉଥିଲେ ମଧ୍ୟ ତାହା ପଦାକୁ ଆସିପାରୁନାହିଁ। ସରକାରଙ୍କ ପକ୍ଷରୁ ରହିଥିବା ଆର୍‌ଟିଇ ଏବଂ ଅନ୍ୟାନ୍ୟ ଗାଇଡ ଲାଇନକୁ ଘରୋଇ ଶିକ୍ଷାନୁଷ୍ଠାନ ମାନେ ମାନୁନଥିବା ଦେଖିବାକୁ ମିଳିଛି। କୋରେଇ ବ୍ଲକ କୁସୁନପୁରଠାରେ ଥିବା ଦେବ ଇଣ୍ଟରନ୍ୟାସନାଲ ସ୍କୁଲ ବିରୋଧରେ ଏଭଳି ଆଇନ ଉଲଘଂନ କରିଥିବା ଅଭିଯୋଗ ଆସିବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି। ସୂଚନା ଅନୁଯାଇ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଓ ବିଶ୍ୱଜିତ ମାଝୀ ଉକ୍ତ ବିଦ୍ୟାଳୟଟି ଶିକ୍ଷା ଅଧିକାର ଆଇନ ଓ ସିବିଏସ୍‌ଇ ସହବନ୍ଧିତ ଆଇନ ଉଲ୍ଲଘଂନ ଘଟଣାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସହ ଶିକ୍ଷା ଅଧିକାରୀ ଓ କୋରେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ଏକ ସ୍ୱତନ୍ତ୍ର ଟିମ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ପରେ ଶିକ୍ଷା ଅଧିକାର ଆଇନ କ୍ଷୁଣ୍ଣ ହେଉଥିବାର ଦେଖିବାକୁ ପାଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଚିଠି ନଂ- ୩୯୨୭ ତାରିଖ-୧୪-୧୧-୨୦୨୫ ଅନୁଯାଇ ଏହି ବିଦ୍ୟାଳୟଟି ଦେବ ଏଜୁକେସନାଲ ଓ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହେଉଛି। ଏହି ଟ୍ରଷ୍ଟଟି ଏକ ପରିବାର ସଦସ୍ୟଙ୍କ ନିୟନ୍ତ୍ରଣରେ ପରିଚାଳିତ ହେଉଥିବାର ଦେଖିବାକୁ ମିଳିଛି। ଯାହାକି ବିଦ୍ୟାଳୟରେ ସିଓଆର ସର୍ଟିଫିକେଟର ୧୪କୁ ଉଲ୍ଲଘଂନ କରୁଛି। ଯେଉଁଥିରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ ବିଦ୍ୟାଳୟ ପରିଚାଳିତ ହେଉଥିବା ଟ୍ରଷ୍ଟ ଜଣେ ବ୍ୟକ୍ତିଙ୍କ ନିୟନ୍ତ୍ରିତ ହେଉନଥିବ। ମାତ୍ର ଦେବ ଏଜୁକେସନାଲ ଓ ଚାରିଟେବୁଲ ଟ୍ରଷ୍ଟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗୋଟିଏ ପରିବାରରୁ ଚାରିଜଣ ସଦସ୍ୟ ଏହି ଟ୍ରଷ୍ଟରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ କାହିଁକି ବିଦ୍ୟାଳୟ ସରକାରୀ ଅନୁଦାନପ୍ରାପ୍ତ ପ୍ରମାଣପତ୍ରକୁ କ୍ୟାନସଲ କରାଯିବ ନାହିଁ ତାହା ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଶ୍ନ ପଚରାଯାଇଛି। ଏହି ପ୍ରଶ୍ନ ସାତ ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଆମେ ଦେବ ଇଣ୍ଟରନ୍ୟାସନାଲର ଅଧ୍ୟକ୍ଷ ବୃନ୍ଦାବନ ରାଉତଙ୍କୁ ପଚାରିବାରେ ଏ ସମ୍ପର୍କରେ ଆମେ କୌଣସି ନୋଟିସ୍ ପାଇନାହୁଁ। ନୋଟିସ ମିଳିବା ପରେ ଏହାର ଜବାବ ଦିଆଯିବ ବୋଲି କହିଥିଲେ। କେବଳ ଏହି ଗୋଟିଏ ଘରୋଇ ବିଦ୍ୟାଳୟ ସରକାରୀ ଗାଇଡଲାଇନ ଉଲଘଂନ କରି ଛାତ୍ର ଛାତ୍ରୀଙ୍କୁ ଶୋଷଣ କରୁଛନ୍ତି ତା' ନୁହେଁ ଜିଲ୍ଲାର ଅଧିକାଂଶ ବିଦ୍ୟାଳୟ ଏପରି ଦିନ ଦିପ୍ରହରରେ ଏଭଳି ଆଖିରେ ଆଖୁଁଟି ଗେଞ୍ଜି ଲୁଟ୍ କରୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ସମ୍ପୂର୍ଣ୍ଣ ଆଖିବୁଜି ଦେଇଥିବା ଚିନ୍ତାର ବିଷୟ।

## ଡିଏଭି ସ୍କୁଲରେ ଶିଶୁ ମହୋତ୍ସବ



**ଯାଜପୁର ଟାଉନ, ୧୭।୧୧(ସମିସ):** ଯାଜପୁର ସହରର ପ୍ରତିଷ୍ଠିତ ଡିଏଭି ସ୍କୁଲରେ ବାର୍ଷିକ ପ୍ରଦର୍ଶନୀ ସହିତଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ପ୍ରଦର୍ଶନୀରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ଡିଏସ୍‌ଏସ୍ କୁମାରସେନ ସେନାପତି, ଏନସି କଲେଜ ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଗୁରୁ ପ୍ରସାଦ ସାହୁ ଯୋଗ ଦେଇ ପ୍ରଦର୍ଶନୀ ୩.୦କୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥିମାନେ ଏଲ୍‌କେଜି ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଦର୍ଶନ କରିଥିବା ବର୍ଜ୍ୟ ବସ୍ତୁ ଠାରୁ ତିଆରି ମୋ ଗାଁ ମୋ ଘର, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଇଂରାଜୀ, ହିନ୍ଦୀ, କମ୍ପ୍ୟୁଟର କ୍ରୀଡାର ପ୍ରକଳ୍ପ ଗୁଡିକ ଅନୁଧ୍ୟାନ କରିଥିଲେ। ବିଦ୍ୟାଳୟ ପ୍ରାଙ୍ଗଣରେ ଶିଶୁ ଦିବସ ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ



**ଦଶରଥପୁର, ୧୭।୧୧(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଦଶରଥପୁର ବ୍ଲକ ଅନ୍ତର୍ଗତ ଚିଓ୍ୱାଳ ମହାବିଦ୍ୟାଳୟ ଏବଂ ରାମବାଗ ରିଜିଓନାଲ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରୀୟସ୍ୱୟଂ ସେବକ ସଂଘର ପ୍ରାନ୍ତ ସାମାଜିକ ସମରସତା ସଦସ୍ୟ ଅକ୍ଷୟ କୁମାର ପଣ୍ଡା, ଜିଲ୍ଲା ମହାବିଦ୍ୟାଳୟ ପ୍ରମୁଖ ସତ୍ୟରଞ୍ଜନ ନାୟକ, ନଗର ମହାବିଦ୍ୟାଳୟ ପ୍ରମୁଖ ରାଜା ଗେଡ଼ି, ସୌମ୍ୟରଞ୍ଜନ ଗେଡ଼ି, ଅନିଲ ଗେଡ଼ି, ବବୁଲୁ ଓଝା, ସ୍ମୃତିରଞ୍ଜନ ରାଉତରାୟ, ସମରଜିତଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟାପିକା ବୃନ୍ଦ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସମାଜ ଧର୍ମ, ସଂସ୍କୃତି ଓ ବନବାସୀ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ବଳିଦାନ ଉପରେ ମାର୍ଗଦର୍ଶନ କରିଥିଲେ।

### ପ୍ରଶାସନ ନିଷ୍କ୍ରିୟ, ବାଲି ମାଫିଆ ସକ୍ରିୟ

## ସମାକୋଇ ପଠାରୁ ଥମୁନି ବାଲି ଚୋରି

**ତେଲକୋଇ, ୧୭।୧୧(ସମିସ):** ତେଲକୋଇ ବ୍ଲକ ସଦର ମହକୁମା ଦେଇ ବୋହି ଯାଇଥିବା ସମାକୋଇ ନଦୀ ପଠା ବାଲି ମାଫିଆଙ୍କ କବଜାରେ ରହିଛି। ବାଲି ଚୋରିକୁ ନେଇ କିଛି ଦିନ ତଳେ ଜିଲ୍ଲାବ୍ୟାପି ଧରପଗଡ଼ ହୋଇଥିଲା ବେଳେ ଏହା ଏବେ ପୁଣି ଥଣ୍ଡା ହୋଇଯାଇଛି। ଯା'ଫଳରେ, ବିଶେଷ କରି ତେଲକୋଇ ବ୍ଲକରେ ବାଲି ଚୋରି ଥମିବାର ନାଁ ଧରୁନାହିଁ। ବ୍ଲକର ପଙ୍ଗା, ତାଳପଦା, ଶିମିଳିପାଳ, କୁମୁଣ୍ଡୁ, ବେତଖୋଲି, ଗୋଡା, ବାଙ୍ଗୁରୁପାଳ, ଭାଲିଆଡାଳ, ରାମଚନ୍ଦ୍ରପୁର, ଦନ୍ଧୁଆମୁଣ୍ଡା, ବାଲିସାହି, କଦଳୀକୁଣ୍ଟେ, କଣାଆମ୍ବ, ଉଷାଦରହ, ସତିସଂଗ, ବାବାଟୁଙ୍ଗି, ହାଟତୁଟା, ଦୋବାଲାପାଳ, ନୂଆଗଡ, ଜେନାଦର, କରଦାଙ୍ଗୀ ଆଦି ଅନେକ ଘାଟରୁ ବେଆଇନ ଚୋରା ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ସୁଦ୍ଧା ବାଲି ଚୋରି କମିବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି। ବାଲି ମାଫିଆଙ୍କ ପ୍ରତି ପ୍ରଶାସନର ଏତେ ଅନୁକମ୍ପା କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ କିମ୍ବା ତହସିଲ୍ ପ୍ରଶାସନ ଏ ଦିଗରେ ଠୋସ ପଦକ୍ଷେପ ନେଇପାରୁ ନାହାନ୍ତି। ସ୍ଥାନୀୟ ପୁଲିସ ପ୍ରଶାସନ ଓ ରାଜସ୍ୱ ବିଭାଗ ବାଲି ମାଫିଆଙ୍କଠାରୁ ମୋଟା ଅଙ୍କର ମୁନାଫା ନେଇ ରାତିରେ ବାଲି ଚୋରି କରିବାକୁ ପ୍ରୋତ୍ସାହନ ଦେଉଥିବା କୁହାଯାଉଛି। ଫଳରେ ଦିନକୁ ଦିନ ବାଲି ମାଫିଆମାନେ ସକ୍ରିୟ ହୋଇଉଠୁଛନ୍ତି। ଅନ୍ୟପଟେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଯୋଗୁଁ ସମାକୋଇ ନଦୀର ଭୌଗଳିକ ରୂପରେଖ ବଦଳିବା ସହ ସମାକୋଇ ନଦୀ ତା'ର ସତ୍ତା ହରାଇଲାଣି। ଯାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ପରିବେଶବିତ୍‌ଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ସମାକୋଇ ନଦୀର ତଳି ଅଞ୍ଚଳ ବିପଦ ଆଡ଼କୁ ଠେଲି ହୋଇଯାଉଛି। କଳାପାଟ ସଂରକ୍ଷିତ ଜଙ୍ଗଲ ଓ ସମାକୋଇ ସଂରକ୍ଷିତ ଜଙ୍ଗଲ ମଧ୍ୟ ଦେଇ ସମାକୋଇ ନଦୀ ପ୍ରବାହିତ ହେଉଥିବାରୁ ସମାକୋଇ ନଦୀ ପଠାର ସିଂହଭାଗ ସଂପୃକ୍ତ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି। ବାଲି ମାଫିଆମାନେ ରାତିତମାମ ଶହ ଶହ ଟ୍ରାକ୍ଟର ଯୋଗେ ଓ ଜେସିବି ମେସିନ ଦ୍ୱାରା ବାଲି ଉତ୍ତୋଳନ କରି ବେଆଇନ ଚୋରା ଚାଲାଣ କରୁଥିବାରୁ ବନ୍ୟଜନ୍ତୁ ମଧ୍ୟ ବିପଦମୁହାଁ ହେଉଛନ୍ତି। ଟ୍ରାକ୍ଟର ଓ ଜେସିବି ମେସିନର ବିକଟାଳ ଶବ୍ଦରେ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ଫାଟି ପଡୁଥିବାରୁ ହାତୀ, ହରିଣ, ବାରହା, କୁଟୁରା, ସମ୍ବର ଆଦି ବିରଳ ବନ୍ୟଜନ୍ତୁ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଫଳରେ ହାତୀ ଓ ବନ୍ୟଜନ୍ତୁମାନେ ଗାଁମୁହାଁ ହେଉଥିବା ଅଭିଯୋଗ ହୋଇଛି। ଆଉ କେତେକ ସ୍ଥାନରେ ଉଦ୍ଦିଷ୍ଟ ଥିବା ଗୋଚର ଜମିକୁ ମଧ୍ୟ ବାଲି ମାଫିଆମାନେ ଛାଡୁନାହାନ୍ତି। କଦଳୀକୁଣ୍ଟେ, କଣା ଆମ୍ବ, ଉସାଦରହ, ବାବାଟୁଙ୍ଗି, ରାମଚନ୍ଦ୍ରପୁର, ବାଲିସାହି ଆଦି ନଦୀ ପଠା ସଂଲଗ୍ନ ଗୋଚର ସ୍ଥାନ ବାଲି ମାଫିଆଙ୍କ କବଜାରେ ରହିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ବାଲି ମାଫିଆଙ୍କ ନାଲି ଆଖିକୁ ଭୟ କରି ଲୋକେ ମୁହଁ ଖୋଲୁ ନଥିବା ବେଳେ ବେଆଇନ ବାଲି ଚୋରିକୁ ନେଇ ପ୍ରଶାସନ ନିକଟରେ ଅଭିଯୋଗ କରାଗଲେ ପ୍ରଶାସନ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ବାଲି ମାଫିଆଙ୍କୁ ଏ ସମ୍ପର୍କରେ ଆଗୁଆ ସୂଚନା କେମିତି ମିଳୁଛି ତାକୁ ନେଇ ଚର୍ଚ୍ଚାର ବିଷୟ ହୋଇଛି। ଏପର୍ଯ୍ୟନ୍ତ ଯେତେ ବି ବାଲି ଚଢ଼ଉ ହେଉଛି ଏଥିରେ ଶାସନ କଳ ବିଫଳ ହେଉଛି।

## ବରିଷ୍ଠ ନାଗରିକ ଦିବସ





**ବଡଚଣା, ୧୭।୧୧(ସମିସ):** ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ ଆଇନ ସେବା ସହାୟତା ପାଇଁ ଚଣ୍ଡିଖୋଲ ଅଦାଲତରେ ତାଲୁକ୍ ଆଇନ ସେବା କମିଟି ଆନୁକୂଲ୍ୟରେ ବରିଷ୍ଠ ନାଗରିକ ଦିବସ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନଚକ୍ରରେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଗୋପବନ୍ଧୁ ଗଡ଼ନାୟକଙ୍କ ସଭାପତିତ୍ୱରେ ସବଜଜ ବିଶ୍ୱଦୀପକ ସାହୁ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନର ପୂର୍ବତନ ସଭାପତି ଦେବରାଜ ବେହେରା, ବାର୍ ଆସୋସିଏସନର ସମ୍ପାଦକ ପ୍ରକାଶ କୁମାର ଦାଶ, ପ୍ରାକ୍ତନ ସଭାପତି ଶରତ କୁମାର ଷଡ଼ଙ୍ଗୀ, ଜ୍ୟୋତିଶଙ୍କର ମହାପାତ୍ର, ମନୋଜ କୁମାର ଦାଶ, ଶ୍ୟାମପ୍ରସାଦ ଦାଶ, ପ୍ରିୟଗୋବିନ୍ଦ ଦାସ, କୁମାର ପ୍ରସାଦ ବେହେରା, ସରୋଜ କୁମାର ସାହୁ ତାଲୁକ ସମ୍ପାଦକ ସୁବ୍ରତ ଶାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା ଓ ସହାୟତା ପାଇଁ ସରକାର୍ ଯେଉଁ ନିଷ୍ପତ୍ତି ନେଇଛନ୍ତି ସେସବୁ ତାକୁକ୍ ଆଇନ ସେବା ଜରିଆରେ କାର୍ଯ୍ୟକାରୀ କରାଯିବ ବୋଲି ଅତିରିକ୍ତ ଜିଲ୍ଲା ଓ ଦୌରଜାଜ୍ ଗଡ଼ନାୟକ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶେଷଦେବ ନାୟକ, ସମ୍ପାଦକ ହେମାନ୍ତ କୁମାର୍ ସାମଲ, ଚିତ୍ତରଞ୍ଜନ ମହାପାତ୍ର, ବିଜୟ କୁମାର ଜେନା, ରାମଚନ୍ଦ୍ର ଶୁକ୍ଳା, ଲକ୍ଷ୍ମୀଧର ସାହାଣୀ, ଶିବରାମ ସାହୁ, ଈଶ୍ୱର ସାମଲ, ରଞ୍ଜନ କୁମାର ଜେନା, ଗଣେଶ ପ୍ରସାଦ ଦାସ, ବଟକୃଷ୍ଣ ଜେନା, ସନ୍ତୋଷ କୁମାର ବିଶ୍ୱାଳ, ପ୍ରସନ୍ନ ଚୌଧୁରୀ, କନକଲତା ପଣ୍ଡାଙ୍କ ସମେତ ବହୁବରିଷ୍ଠ ନାଗରିକ ଯୋଗଦେଇଥିଲେ। ରିଟେନର ଅବିନାଶ ବଳ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଆଖଣ୍ଡଳମଣିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଧର୍ମଶାଳା, ୧୭।୧୧(ସମିସ):** ଧର୍ମଶାଳା ବାଣୀପୀଠ ପରିସରରେ ନୂତନ ଆଖଣ୍ଡଳମଣି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦ ପକ୍ଷରୁ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ସଭାପତି ତଥା ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଶତପଥୀ ଓ ତାଙ୍କ ଧର୍ମପତ୍ନୀ ଇନର ହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଯଜ୍ଞରେ ବିଜୟ କୁମାର ଶତପଥୀ ଓ ମାଧୁରୀ ଶତପଥୀ କର୍ତ୍ତା ଓ କର୍ତ୍ତ୍ରୀ ଭାବେ ଯୋଗଦେଇ ରୀତିନୀତି ଅନୁଯାୟୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପଣ୍ଡିତ ବିଜୟ କୁମାର କର ଓ ଆଲୋକ ପଣ୍ଡା ସମେତ ସହଯୋଗୀମାନେ କଳସ ଯାତ୍ରା ସହ ବିଗ୍ରହଙ୍କ ମହାସ୍ନାନ, ଜୀବନ୍ୟାସ, ନବଗ୍ରହ ସ୍ଥାପନ, ଧ୍ୱଜା ଓ ତ୍ରିଶୂଳ ଲାଗି କରାଯିବା ପରେ ମହାଦେବ ମନ୍ଦିରରେ ବିରାଜମାନ କରାଯାଇଥିଲା। ଅତିଥି ଭାବରେ ସମାଜସେବୀ ମିନତୀ ସାହୁ ଯୋଗଦେଇ ମହାଦେବଙ୍କ ଦର୍ଶନ କରିଥିଲେ। ଧର୍ମଶାଳା ବାଣୀପୀଠର ପ୍ରଧାନ ଶିକ୍ଷକ ବାସୁଦେବ ରାଉଳ, ପୁରାତନ ଛାତ୍ର ପ୍ରଧାପକ ରମେଶ ଚନ୍ଦ୍ର ସିଂହ, ଉପଦେଷ୍ଟା ଜଗବନ୍ଧୁ ସ୍ୱାଇଁ, ସମ୍ପାଦକ ଆଦିକନ୍ଦ ସ୍ୱାଇଁ, ଧରଣୀଧର ଦାଶ, କୋଷାଧ୍ୟକ୍ଷ ନୀଳମଣି ନାୟକ, ପ୍ରଧାପକ ମନୋରଞ୍ଜନ ମହାନ୍ତି, ବିକ୍ରମ କେଶରୀ ମହାନ୍ତି, ସରପଞ୍ଚ ସୁମିତ୍ରା ସ୍ୱାଇଁ, ହରିହର ସାହୁ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଜଳଧର ମହାନ୍ତି, ନିରଞ୍ଜନ ପଣ୍ଡା, ବିବେକାନନ୍ଦ ନାୟକ, ଅର୍ଜୁନ ପୃଷ୍ଟି, ପ୍ରାଧ୍ୟାପକ ଜଳଧର ସାହୁ, ଭିକାରୀ ମଲ୍ଲିକ, ମଦନ ମୋହନ ରାଉତ, କେଳୁଚରଣ ନାୟକ, ସହକାରୀ ଶିକ୍ଷକ ପ୍ରଭାତ କୁମାର କର ଓ ଲକ୍ଷ୍ମୀପ୍ରିୟା ଦାଶ ପ୍ରମୁଖ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲ।

## ବାଉଁଶ ଭରସାରେ ବିଦ୍ୟୁତ୍ ତାର

**ଦଶରଥପୁର, ୧୭।୧୧(ସମିସ):** ଦଶରଥପୁର ବ୍ଲକ ଜାଫରପୁର ପଞ୍ଚାୟତ ଚାଉଳିଆ ଗ୍ରାମର ମନମୋହନ ଜେନାଙ୍କ ସ୍ତ୍ରୀ ମାନସୀ ଜେନା ଗତ ୫ ବର୍ଷ ରୁ ଅଧିକ ହେବ ଘର ପାଇଁ ବିଦ୍ୟୁତ ସଂଯୋଗ ନେଇଛନ୍ତି। ସେତେବେଳେ ଏକ ଢଳାଇ ଖୁଣ୍ଟ ପକାଇ ମାନସୀଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା। ହେଲେ ବିଗତ ପାଖାପାଖି ଦେଢ଼ ବର୍ଷ ହେବ ଉକ୍ତ ଢଳାଇ ଖୁଣ୍ଟଟି ଭାଙ୍ଗି ଯାଇଛି। ଏଣୁ ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କ ଘର ଉପରେ ବିଦ୍ୟୁତ ତାର ଝୁଲି ରହିଥିବାରୁ ଏହାକୁ ବାଉଁଶରେ ବନ୍ଧା ଯାଇଛି। ଏଠାରେ ଏକ ଢଳାଇ ଖୁଣ୍ଟ ପକାଇବାକୁ ମାନସୀ ଗତ ଦେଢ଼ ବର୍ଷ ମଧ୍ୟରେ ମଙ୍ଗଳପୁର ବିଦ୍ୟୁତ ବିଭାଗର ଜେଇ ଏବଂ ଦଶରଥପୁର ଏସଡିଓଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ



ଏହିପ୍ରତି ଧ୍ୟାନ ଦେଉନାହାନ୍ତି। ଫଳରେ ପୂର୍ଣ୍ଣଚନ୍ଦ୍ର ଏବଂ ମାନସୀଙ୍କ ପରିବାର ମଧ୍ୟରେ ବାରମ୍ବାର କଳହ ସୃଷ୍ଟି ହୋଇ ଥାନାରେ ଅଭିଯୋଗ ପହଞ୍ଚିଛି। ଏହାର ତୁରନ୍ତ ସମାଧାନ କରାନଗଲେ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଥିବା ସୂଚନାମିଳିଛି।

### ୩ ବ୍ଲକ୍ କର୍ମଚାରୀଙ୍କ ମଧ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ହାଟଡ଼ିହୀକୁ ହରାଇ ଘସିପୁରା ଚାମ୍ପିଅନ୍

**ହାଟଡ଼ିହୀ,୧୭।୧୧(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଷ୍ଟାଡ଼ିୟମରେ ହାଟଡ଼ିହୀ, ଆନନ୍ଦପୁର ଓ ଘଷିପୁରା ବ୍ଲକ୍ କର୍ମଚାରୀଙ୍କୁ ନେଇ ଏକଦିବସୀୟ ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ହାଟଡ଼ିହୀ ବିଡ଼ିଓ ରଞ୍ଜନ କୁମାର ପରିଡ଼ା, ହାଟଡ଼ିହୀ ଏବିଡ଼ିଓ ରଶ୍ମିରେଖା ନାଏକ, ଆନନ୍ଦପୁର ବିଡ଼ିଓ ମନୋଜ ମହାନ୍ତ ଓ ଘଷିପୁରା ବିଡ଼ିଓ ସୁଶ୍ରୀ ବିନୀତା ବିଜୟିନୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ସମସ୍ତ କର୍ମଚାରୀଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ କରିବା ସହ ଭାଇଚାରା ସୃଷ୍ଟି କରିଛି। ଏହି ବନ୍ଧୁତ୍ୱପୂର୍ଣ୍ଣ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଆନନ୍ଦପୁର, ଘସିପୁରା ଲାୟନ ଓ କିଙ୍ଗ୍ ୟୁନାଇଟେଡ଼ ଏକ୍ସଆଇ ହାଟଡ଼ିହୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହାଟଡ଼ିହୀକୁ ହରାଇ ଘସିପୁରା ଚାମ୍ପିଅନ୍ ହୋଇଥିବାବେଳେ କମଲଲୋଚନ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଜୀବନ ରାଉତ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ତିନୋଟି ବ୍ଲକ୍‌ର ସମସ୍ତ କର୍ମଚାରୀଙ୍କ ସହଯୋଗରେ ଶାନ୍ତିପୂର୍ଣ୍ଣ ଭାବେ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଶେଷ ହୋଇଥିଲା। ସରକାରୀ କର୍ମଚାରୀଙ୍କ ମଧ୍ୟରେ ଏଭଳି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିବାବେଳେ ଏହା ଜିଲ୍ଲାର ଅନ୍ୟ ବ୍ଲକ୍ ପାଇଁ ଉଦାହରଣ ପାଲଟିଛି।

## କର୍ମକ୍ଷେତ୍ରରେ ମହିଳାଙ୍କୁ ସୁରକ୍ଷା କର୍ମଶାଳା

**ଯାଜପୁର, ୧୭।୧୧(ସମିସ):** ସ୍ଥାନୀୟ ଆଙ୍କୁଲା ସ୍ଥିତ ବିରଜା ଆଇନ ମହାବିଦ୍ୟାଳୟ ପରିସରରେ କାର୍ଯ୍ୟକ୍ଷେତ୍ରରେ ମହିଳା ଯୌନ ନିର୍ଯାତନା ନିରୋଧ ଆଇନ ଶୀର୍ଷକ ଏକ ଆଲୋଚନା ଚକ୍ର ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଦର୍ଶନ ବେହେରାଙ୍କ ପୌରୋହିତ୍ୟରେ ଏହି କର୍ମଶାଳାରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ କର୍ମକ୍ଷେତ୍ରରେ ମହିଳାଙ୍କ ଅଧିକାର ସୁରକ୍ଷିତ ରହିବା ପାଇଁ ଆଇନ ବ୍ୟବସ୍ଥା ରହିଛି ଏବଂ ସେମାନଙ୍କୁ କୌଣସି ପ୍ରକାର ନିର୍ଯାତନା ରୋକିବା ପାଇଁ ସ୍ୱତନ୍ତ୍ର ଆଇନ ରହିଥିବା କହିଥିଲେ। ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଆଇନ ଛାତ୍ର ଛାତ୍ରୀ ମାନେ ପ୍ରକୃତ ପିଡିତା ମାନଙ୍କ ପାଇଁ ଭଗବାନ। ତେଣୁ ପ୍ରତ୍ୟେକ ପିଡିତାଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ଅପରାଧୀଙ୍କ ପ୍ରତି କଠୋର ମନୋଭାବ ପୋଷଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜିବୀ ଗୋଲକ ଚନ୍ଦ୍ର ପଣ୍ଡା, ଅଧ୍ୟାପକ ସୌମ୍ୟରଞ୍ଜନ ଦାସ ମହିଳାଙ୍କ ପାଇଁ ରହିଥିବା ଆଇନ ବ୍ୟବସ୍ଥା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ।


## ପ୍ରବାସୀ ଓଡ଼ିଆ ପରିବାରର ସମ୍ପାଦକ ହେଲେ ଧର୍ମଶାଳାର ଅନିଲ

**ଧର୍ମଶାଳା, ୧୭।୧୧(ସମିସ):** ଧର୍ମଶାଳା ବ୍ଲକ କାନପୁର ଅଞ୍ଚଳର ଜଣେ ବ୍ୟକ୍ତି ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାରର ସମ୍ପାଦକ ଭାବେ ଶପଥ ନେଇଛନ୍ତି। ନୂଆଦିଲ୍ଲୀର ତ୍ୟାଗରାଜନଗର ସ୍ଥିତ ଜଗନ୍ନାଥ ମନ୍ଦିରର ସୁଭଦ୍ରା କଳା ମଣ୍ଡପରେ ୨୦୨୫-୨୦୨୭ ପାଇଁ ନବ ନିର୍ବାଚିତ ସଦସ୍ୟ ମାନଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଅନେକ ସଦସ୍ୟା ସଦସ୍ୟ ମାନଙ୍କର ଭବ୍ୟ ଉପସ୍ଥିତିରେ ସମସ୍ତ ନବ ନିର୍ବାଚିତ ସଭାପତି ମୀନକେତନ ସାମଲ, ଉପସଭାପତି ନିତ୍ୟାନନ୍ଦ ରାଉତ ଓ ସରିତା ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ଅନିଲ କୁମାର ଜେନା ଓ ଯୁଗ୍ମ ସମ୍ପାଦକ ଭାବେ ଗୁରୁ ଚରଣ ପହି, କୋଷାଧ୍ୟକ୍ଷ ସନ୍ଦୀପ ମହାପାତ୍ର ଓ ସହ କୋଷାଧ୍ୟକ୍ଷ ମନୋଜ କୁମାର ସାହୁ ଶପଥ ପାଠ କରିଥିଲେ। ସଙ୍ଗଠନର ସାଧାରଣ ସମ୍ପାଦକ ଭାବେ ମନୋନୀତ ଅନିଲ ଜେନାଙ୍କ ଘର କାନପୁର ଅଞ୍ଚଳରେ।

# ନରସିଂହ ଚୌଧୁରୀଙ୍କ ସ୍ମୃତିକୁ ରକ୍ଷା କରିବ କିଏ

**ଯାଜପୁର, ୧୭।୧୧(ସମିସ)**

ଯାଜପୁର ଜିଲ୍ଲା ଶିକ୍ଷା ଜଗତକୁ ନରସିଂହ ଚୌଧୁରୀଙ୍କ ଅବଦାନ ଅନେକ। ଦେଶ ସ୍ୱାଧୀନତା ପୂର୍ବରୁ ନରସିଂହଙ୍କ ବାପାଙ୍କ ଉଦ୍ୟମରେ ୧୮୨୮ ମସିହାରେ ଆରମ୍ଭ କରିଥିଲା ସଂସ୍କୃତ ଟୋଲ ଏବଂ ଏହାର ପରବର୍ତ୍ତି ସମୟରେ ୧୯୪୭ ମସିହାରେ ଆରମ୍ଭ କରିଥିଲେ ନରସିଂହ ଚୌଧୁରୀ କଲେଜ; ଯାହା ଆଜି ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପାଇଛି। ସେହିପରି ବ୍ୟାସନଗରରେ ଏକ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। କେବଳ ସ୍କୁଲ କିମ୍ବା କଲେଜ ପ୍ରତିଷ୍ଠା କରିନାହାଁନ୍ତି; ସେହି ସବୁ ଅନୁଷ୍ଠାନକୁ ନିଜର ଏକର ଏକର ପୈତୃକ ସମ୍ପତ୍ତି ମଧ୍ୟ ଦାନ କରିଯାଇଛନ୍ତି। କିନ୍ତୁ ଯେଉଁ ବ୍ୟକ୍ତିଙ୍କ ଉଦ୍ୟମରେ ବହୁ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଗୋଟିଏ ପ୍ରତିମୂର୍ତ୍ତି ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରିନାହିଁ। ସେହି ମହାପୁରୁଷଙ୍କ ସ୍ମୃତି ଉଜାଗର କରିବା ପାଇଁ ଏବେ ଅଣ୍ଟା ଭିଡିଛନ୍ତି ନରସିଂହ ଚୌଧୁରୀ ମହାବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ। ସ୍ୱର୍ଗତ ନରସିଂହ ଚୌଧୁରୀ ଯାଜପୁରରେ ଏକ ଜମିଦାର ପରିବାରରେ ଜନ୍ମ। ତାଙ୍କ ବାପା ଯାଜପୁରରେ ସଂସ୍କୃତ ଟୋଲ ୧୮୨୮ ମସିହାରେ ପ୍ରତିଷ୍ଠା କରିଥିଲେ। ତାଙ୍କ ପୁତ୍ର ନରସିଂହ ଚୌଧୁରୀ ଏହାର ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ପରବର୍ତ୍ତି ସମୟରେ ସ୍ୱାଧୀନତା ପୂର୍ବରୁ ଅର୍ଥାତ ୧୯୪୭ ମସିହାରେ ସର୍ବପୁରାତନ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। କେବଳ ଏତିକି ନୁହେଁ ଜିଲ୍ଲାର ବ୍ୟାସନଗରରେ ଏନସି ହାଇସ୍କୁଲ ଭଳି ଅନେକ ଶିକ୍ଷାନୁଷ୍ଠାନରେ




ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏଥିସହିତ ଯାଜପୁର ଟାଉନ ହଲ ନିର୍ମାଣ, ଟ୍ରେଜେରି ନିର୍ମାଣ ଭଳି ଅନେକ ଅନୁଷ୍ଠାନ ଗଢ଼ିଥିଲେ। ଏପରିକି କଲିକତାରେ ମଧ୍ୟ ଶିକ୍ଷାନୁଷ୍ଠାନ ଗଢ଼ିବା କ୍ଷେତ୍ରରେ ତାଙ୍କର ଅବଦାନ ଥିଲା। ଏହି ଶିକ୍ଷାନୁଷ୍ଠାନମାନଙ୍କୁ ଏକର ଏକର ସମ୍ପତ୍ତି ମଧ୍ୟ ଦାନ କରିଛନ୍ତି। ଏତେ ସବୁ ଅବଦାନ ଥାଇ ମଧ୍ୟ ସେହି ମହାପୁରୁଷଙ୍କର କୌଣସି ପ୍ରତିମୂର୍ତ୍ତିଟିଏ ନାହିଁ। ଯାହାକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି।

ଯେଉଁ ବ୍ୟକ୍ତି ବା ପରିବାରର ଅତୁଳନୀୟ ଅବଦାନ ପାଇଁ ଆଜି ଲକ୍ଷ ଲକ୍ଷ ଛାତ୍ର ଛାତ୍ରୀ ଦେଶ ବିଦେଶରେ ପଢୁଛନ୍ତି ଏବଂ ଦେଶର ଭବିଷ୍ୟତ ସାଜିଛନ୍ତି ତାଙ୍କରି ସ୍ମୃତି ରକ୍ଷା ପାଇଁ କିଛିବି କରାଯାଇନି। ନା ତାଙ୍କ ଉତ୍ତରାଧିକାରୀ ନା ପ୍ରଶାସନ ନା ସରକାର କେହି ବି ତାଙ୍କ ସ୍ମୃତିରକ୍ଷା ପାଇଁ କୌଣସି ବ୍ୟବସ୍ଥା କରିନଥିବା ବେଳେ ନରସିଂହ ଚୌଧୁରୀ ମହାବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ ମାନେ ଏଥିପାଇଁ ଅଣ୍ଟାଭିଡିଛନ୍ତି। ତାଙ୍କ ସ୍ମୃତିରେ ଏକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ବେଳେ ତାଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀକୁ ନେଇ ଏକ ମ୍ୟୁଜିୟମ ପ୍ରତିଷ୍ଠା କରିବା ପାଇଁ ଦାବି ଉଠିଛି। ସେ ବ୍ୟବହାର କରୁଥିବା ପୁରୁଣା କାର ଆଜି ବି ସଚଳ ରହିଛି। ସେହିପରି ଅନେକ ଜିନିଷକୁ ଏବେ ଠାରୁ ସଂରକ୍ଷିତ କରାଗଲେ ଆଗାମୀ ଦିନରେ ଏହା ପରପିଢ଼ିକୁ ମାର୍ଗ ଦେଖାଇବ। ସେଥିପାଇଁ ତାଙ୍କ ଜନ୍ମଦିନକୁ ଜିଲ୍ଲା ପ୍ରଶାସନ ପାଳନ କରିବାକୁ ମଧ୍ୟ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତିଭୂଷଣ ମିଶ୍ର ଦାବି କରିଛନ୍ତି। ଓଡ଼ିଶାର ସଂସ୍କୃତିରେ ପୂଜ୍ୟ ଓ ପୂଜାର ପରମ୍ପରା ଝଲକ ଦେଖିବାକୁ ମିଳେ। କିନ୍ତୁ ନରସିଂହ ଚୌଧୁରୀଙ୍କ କ୍ଷେତ୍ରରେ ଏହା ଏକ ବ୍ୟତିକ୍ରମ। ତେବେ ବିଳମ୍ବ ହେଉ ପଛେ ଜିଲ୍ଲାବାସୀଙ୍କ ଉଦ୍ୟମରେ ସ୍ୱର୍ଗତ ନରସିଂହ ଚୌଧୁରୀଙ୍କ ସ୍ମୃତିରକ୍ଷା ପାଇଁ ହେଉଥିବା ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।




# ସମ୍ପାଦକୀୟ



ପ୍ରକୃତି-ମଣିଷ ମଧ୍ୟରେ ନୈସର୍ଗିକ ସମ୍ପର୍କର ପୁନଃପ୍ରତିଷ୍ଠା ଦ୍ୱାରା ବିଶ୍ୱର ପ୍ରମୁଖ ସମସ୍ୟାର ସମାଧାନ ସମ୍ଭବ।
-ସୁନ୍ଦରଲାଲ୍ ବହୁଗୁଣା

ସକାଳ
THE SAKALA

## ସମବାୟକୁ ସୁଯୋଗ

ଇଣ୍ଟରନେଟ୍‌ରେ କାରବାର ବା ବ୍ୟବସାୟ ଉପରେ ନିର୍ଭରଶୀଳତା ଦିନକୁ ଦିନ ବୃଦ୍ଧି ପାଉଛି। ପାରମ୍ପରିକ ବଜାର ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡୁଛି। ଆମାଜନ ଓ ଫ୍ଲିପକାର୍ଟ ଭଳି କମ୍ପାନୀର ପ୍ରାଧାନ୍ୟ କବଳରୁ ଆମଦେଶର ଆଭ୍ୟନ୍ତରୀଣ ବଜାରକୁ ସୁରକ୍ଷା ଦେବା ସକାଶେ ବାଣିଜ୍ୟ ମନ୍ତ୍ରାଳୟ ପକ୍ଷରୁ ଓଏନଡିସି ନାମରେ ଡିଜିଟାଲ ମାର୍କେଟିଂ ପାଇଁ ପ୍ରୟାସ କରାଯାଇଥିଲା। କିନ୍ତୁ ଗତ ୩ ବର୍ଷ ମଧ୍ୟରେ ତାହା ଆଶାନୁରୂପ ଅଗ୍ରଗତି ଲାଭ କରିପାରିନାହିଁ। ତେଣୁ ସମବାୟ ଭିତ୍ତିରେ ପ୍ରସ୍ତୁତ ସାମଗ୍ରୀର ବିପଣନ ଓ ବଜାର ସୃଷ୍ଟି କରିବାରେ ଓଏନଡିସି ସହାୟତାର ହାତ ବଢ଼ାଇବ। ସମବାୟ ମନ୍ତ୍ରାଳୟ ସହ ଏନେଇ ଆରମ୍ଭ ହୋଇଥିବା କଥାବାର୍ତ୍ତା ବେଶ ଅଗ୍ରଗତି ଲାଭ କରିଥିବାରୁ ଗ୍ରାମୀଣ ସ୍ତରରେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରୁଥିବା କାରିଗର ଓ ହସ୍ତଶିଳ୍ପୀ ଏକ ବୃହତ୍ତର ବଜାର ମାଧ୍ୟମରେ ସ୍ୱାଭାବିକ ଭାବେ ଲାଭବାନ ହେବେ ବୋଲି ଆମେ ଆଶା କରିବା। ବିଭିନ୍ନ ସମବାୟ ଗୋଷ୍ଠୀର ବିକ୍ରି ଖରିଦ ବ୍ୟବସ୍ଥା ଓଏନଡିସିର ତାଲିକାଭୁକ୍ତ ହେବାକୁ ପଡ଼ିବ। ଆର୍ଥିକ ଦୃଷ୍ଟିରୁ ଦୁରବସ୍ଥାରେ ଥିବା ଦୁଇ ସଂଗଠନ ଏବେ ହାତ ମିଳାଇ ସମୃଦ୍ଧି ଓ ସମ୍ଭାବନାର ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। କିନ୍ତୁ ଏହି ମିଳିତ ପ୍ରୟାସ ଆମାଜନ ଓ ଫ୍ଲିପକାର୍ଟ ସଂସ୍ଥାର କେତେଦୂର ସମକକ୍ଷ ହୋଇପାରିବେ ତାହା ବଡ଼ ପ୍ରଶ୍ନ।

ସରକାରଙ୍କ ପ୍ରୋତ୍ସାହନ ସତ୍ତ୍ୱେ ଓଏନଡିସି ଉପଭୋକ୍ତା ବା ଖରିଦାରଙ୍କ ବିଶ୍ୱାସଭାଜନ ହୋଇପାରି ନଥିଲା। ଏବେ ସମବାୟ ସମିତି ମାଧ୍ୟମରେ ଉତ୍ପାଦିତ ସାମଗ୍ରୀ ପାଇଁ ବଜାରର ଆସ୍ଥାଭାଜନ ହେବା ଓଏନଡିସି ପାଇଁ ଏକ ସୁଯୋଗ। କାରଣ ଆମାଜନ ଓ ଫ୍ଲିପକାର୍ଟ ଭଳି ସଂସ୍ଥା ଏପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଏହି ଉତ୍ପାଦନ କ୍ଷେତ୍ର ପ୍ରତି ଯଥୋଚିତ ଗୁରୁତ୍ୱ ଦେଇପାରିନାହାନ୍ତି। ଉପଭୋକ୍ତା ବଜାରରେ ସେସବୁର ଚାହିଦା ଏବେ ମଧ୍ୟ ରହିଛି। ଅନ୍ୟ ଏକ ଦିଗ ହେଉଛି ରିଜର୍ଭବ୍ୟାଙ୍କ ସମବାୟ ବ୍ୟାଙ୍କର ଅଂଶଧନ ପୁଞ୍ଜିବଜାରରେ ବିନିଯୋଗ ବା ବ୍ୟବସାୟ ପାଇଁ ସୁଯୋଗ ସୃଷ୍ଟି କରିବାର ସୂଚନା ଦେଇଛନ୍ତି। ଏଥିଲାଗି ପ୍ରସ୍ତୁତ ଚିଠା ନୀତି ଓ ନିୟମ ପ୍ରସ୍ତୁତ କରିଛନ୍ତି। ଏହା ଚଳିତ ଆର୍ଥିକ ବର୍ଷର ଶେଷଭାଗରେ ଚୂଡ଼ାନ୍ତ ରୂପ ନେବ। ଏଥିମଧ୍ୟରେ ବିଭିନ୍ନ ସମବାୟ ବ୍ୟାଙ୍କ ଓ ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ଶୀର୍ଷ ସଂଗଠନ ଏନୟୁସିଏଫଡିସ ପକ୍ଷରୁ ରିଜର୍ଭବ୍ୟାଙ୍କର ଏହି ପ୍ରସ୍ତାବ ସଂପର୍କରେ ଅନୁକୂଳ ମତାମତ ମିଳିଛି। ଏହା ବ୍ୟାଙ୍କର ପୁଞ୍ଜି ଅଭିବୃଦ୍ଧି ଏବଂ ଅନାଦେୟ ପୁଞ୍ଜି ସମସ୍ୟା ସମାଧାନରେ ସହାୟକ ହେବ। ଏମିତିରେ ଦେଖିବାକୁ ଗଲେ ସମବାୟ ବ୍ୟାଙ୍କଗୁଡ଼ିକୁ ସଦସ୍ୟଙ୍କ ଅନୁଦାନ ଓ ଜମାରାଶି ଉପରେ ନିର୍ଭର କରିବାକୁ ପଡୁଛି। ସ୍ଥଳ ବିଶେଷରେ ଏବିଏଫସି କିମ୍ବା ଅନ୍ୟବ୍ୟାଙ୍କରୁ ଋଣ କରିବାର ବାଧ୍ୟବାଧକତା ରହିଛି। ତେବେ କମ୍ପାନୀ ଆଇନ କିମ୍ବା ସେବିର ପରିସରଭୁକ୍ତ ହୋଇନଥିବାରୁ ଏକ୍ଷେତ୍ରରେ ଥିବା ପ୍ରତିବନ୍ଧକ କିପରି ଦୂର ହୋଇପାରିବ ସେନେଇ ଚିଠା ପ୍ରସ୍ତାବରେ ବ୍ୟବସ୍ଥା ରହିଛି। ଏଥିମଧ୍ୟରେ ଏନୟୁସିଏଫ୍‌ଡିସି ନିଜସ୍ୱ ନିୟାମକ ସଂଗଠନ ଯୋଗ୍ୟତା ହାସଲ କରିବାକୁ ଯାଉଥିବାରୁ ତଥାକଥିତ ପ୍ରତିବନ୍ଧକ ଦୂର ହେବ ବୋଲି ଆଶାକରୁ। ସମବାୟ ସଂସ୍ଥାର ଦୁର୍ନୀତି ଓ ଦୁର୍ନାମ ସର୍ବଜନବିଦିତ। ତେବେ ସଂସ୍ଥାକୁ ଆଗାମୀ ଦିନରେ ସକ୍ଷମ ଓ ସମୃଦ୍ଧ କରିବା ପାଇଁ ହେଉଥିବା ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ। ●

## ବାଲିଯାତ୍ରା ବ୍ୟବଚ୍ଛେଦ

ଐତିହ୍ୟ ପରମ୍ପରା ଓ ପ୍ରସିଦ୍ଧି ଦୃଷ୍ଟିରୁ କଟକ ବାଲିଯାତ୍ରା ଅନନ୍ୟ। ଏହି ଉତ୍ସବର ଆୟୋଜନ, ପ୍ରାୟୋଜନ ଓ ପରିଚାଳନା ମୁଖ୍ୟତଃ ସିଏମସି ତୁଲାଇ ଆସିଛି। ପ୍ରଥମଥର ସକାଶେ ସିଏମସିକୁ ବାଦ ଦେଇ ଜିଲ୍ଲା ପ୍ରଶାସନ ହିଁ ସର୍ବେସର୍ବା ହୋଇଛି। ଏଠାରେ ଆମେ ମୁଖ୍ୟତଃ ଦୁଇଟି ପ୍ରସଙ୍ଗ ଉତ୍‌ଥାପନ କରିବାକୁ ଚାହୁଁ। ଆରମ୍ଭରୁ ବାଲିଯାତ୍ରା ଉପରପଡ଼ିଆରେ ସୀମିତ ଥିଲା। ଗଡ଼ଗଡ଼େଶ୍ୱର ମନ୍ଦିର ଚତୁଃପାର୍ଶ୍ୱରେ ହିଁ ଯାତ୍ରା ସକାଶେ ଉତ୍ସବ ମୁଖର ହୋଇପଡ଼େ। ସମୟକ୍ରମେ ମହାନଦୀ ସଂକୁଚିତ ହେବା ସହ କୂଳ ଦୂରକୁ ଘୁଞ୍ଚିଯିବାରୁ ସୃଷ୍ଟି ହୋଇଥିବା ନୂଆ ବାଲୁକା ପଠାକୁ ସଂପ୍ରସାରିତ ହୋଇଥିଲା ବାଲିଯାତ୍ରା। କିନ୍ତୁ ଏହା ଅର୍ଥ ନୁହେଁ ଉପର ପଡ଼ିଆ ଗୁରୁତ୍ୱ ହରାଇଛି। ଜିଲ୍ଲା ପ୍ରଶାସନ ଓ ସିଏମସି ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା ଉପର ପଡ଼ିଆକୁ ନେଇ। ସମସ୍ତଙ୍କ ଦାବିକୁ ଏଡ଼ାଇ ଯାଇ ଜିଲ୍ଲାପ୍ରଶାସନ ଉପର ପଡ଼ିଆକୁ ବାଲିଯାତ୍ରାକୁ ଏକପ୍ରକାର ବାଦ ଦେଲେ। ଏହି ପ୍ରତିବାଦ ଓ ପ୍ରତିରୋଧ ଜିଲ୍ଲା ପ୍ରଶାସନ ପାଇଁ ଅସହଣୀୟ ହୋଇଗଲା ଏବଂ ଉଦ୍ଦେଶ୍ୟମୂଳକ ଭାବେ କେବଳ ସିଏମସିକୁ ନୁହେଁ ସହରର ପ୍ରଥମ ନାଗରିକ ମେୟରଙ୍କୁ ଅଣଦେଖା ଓ ଅସମ୍ମାନ କରାଗଲା। ଏପରିକି ଉଦ୍‌ଯାପନ ଉତ୍ସବ ନିମନ୍ତ୍ରଣପତ୍ରରେ ମଧ୍ୟ ତାଙ୍କ ନାମ ସ୍ଥାନ ପାଇଲା ନାହିଁ। ଲୋକପ୍ରତିନିଧି ଯେଉଁ ଦଳର ହୁଅନ୍ତୁ ନା କାହିଁକି ତାଙ୍କୁ ପ୍ରଶାସନ ଅମର୍ଯ୍ୟାଦା ବା ଅସମ୍ମାନ କରିପାରିବ ନାହିଁ।

ବାଲିଯାତ୍ରାର ବ୍ୟବଚ୍ଛେଦ କଲାବେଳେ ମେୟର ଓ ପୁଲିସି ଡିଜିଙ୍କ ପ୍ରତିକ୍ରିୟା ସ୍ୱତନ୍ତ୍ର ଉଲ୍ଲେଖ ଦାବି କରେ। ୨୦୨୪ ମସିହାରୁ ଉପର ପଡ଼ିଆରେ ବାଲିଯାତ୍ରା ଆୟୋଜନକୁ ବିରୋଧ କରି ଆସିଥିବା ଜିଲ୍ଲାପାଳ ଏଥର ସମସ୍ତ ଦାୟିତ୍ୱ ହାତକୁ ନେଇ ତାଙ୍କ ଉଦ୍ଦେଶ୍ୟକୁ ସାକାର କରିଛନ୍ତି। ସହରର ଛୋଟମୋଟ ବେପାରୀଙ୍କ ପେଟକୁ ନାତ ମାରିଛନ୍ତି। କଟକରେ ଆୟୋଜିତ ଏକ ଉତ୍ସବରେ ଯୋଗଦେଇ ପୁଲିସ ଡିଜି ୱାଇ. ଭି.ଖୁରାନିଆ କହିଛନ୍ତି ଯେ ପର୍ବପର୍ବାଣି ଓ ଯାତ୍ରା ସମୟରେ ମେଗାଷ୍ଟାରମାନଙ୍କୁ ଡାକିବା କଥା କି ନୁହେଁ ସେ ସଂପର୍କରେ ଆୟୋଜକମାନେ ବହୁ ଭାବିଛନ୍ତି ବିଚାର କରିବାର ଅଛି। ବାଲିଯାତ୍ରା ଉତ୍ସବର ପରିବର୍ଦ୍ଧିତ ଦିବସରେ ଦେଶର ସବୁଠାରୁ ଲୋକପ୍ରିୟ ଗାୟିକା ଶ୍ରେୟା ଘୋଷାଲଙ୍କୁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଆମନ୍ତ୍ରଣ କରାଯାଇଥିଲା। ତେଣୁ ଅନିୟନ୍ତ୍ରିତ ଓ ଅସମ୍ଭାଳ ଭିଡ଼କୁ ସମ୍ଭାଳିବା ସକାଶେ ପୁଲିସ ନାକେଦମ ହୋଇଯାଇଥିଲା। ଶୃଙ୍ଖଳାରକ୍ଷା ସକାଶେ ପୁଲିସକୁ ମଧ୍ୟ କିଛି କଠୋର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ବହୁ ଯାତ୍ରୀ ଆହତ ଓ ଚେତାଶୂନ୍ୟ ହୋଇପଡ଼ିଥିଲେ। ଜିଲ୍ଲା ପ୍ରଶାସନର ମନମାନି ଯୋଗୁଁ ନିୟନ୍ତ୍ରଣ ପାଇଥିବା ବହୁ ସମ୍ମାନିତ ବ୍ୟକ୍ତି ଆସନ ପାଇବାରୁ ବଞ୍ଚିତ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ ଓ ଘୋଷିତ ନାଟକ ପ୍ରଦର୍ଶନକୁ ମଧ୍ୟ ସୁଯୋଗ ମିଳିନଥିଲା। ସଫେଇ ପାଇଁ ୩୫ ଲକ୍ଷ ଟଙ୍କାରେ ଟେଣ୍ଡର ପାଇଥିବା ସଂସ୍ଥାର ଖାମଖିଆଲି ଯୋଗୁଁ ପଡ଼ିଆର ସବୁସ୍ଥାନରେ ପଡ଼ିରହିଛି କୁଢ଼ କୁଢ଼ ଆବର୍ଜନା। ଏସବୁ ଅବ୍ୟବସ୍ଥା ପାଇଁ ଆମେ କାହାକୁ ଦାୟୀ କରିବା! ଆମକୁ ପୁଣି ଥରେ କହିବାକୁ ପଡୁଛି ସରକାର ବା କ୍ଷମତା ବଦଳିପାରେ। କିନ୍ତୁ ବ୍ୟବସ୍ଥା ଅତୁଟ ରହିବା ଉଚିତ। ●

# କୃଷିକ୍ଷେତ୍ରରେ ଜୀବନାଶକ: ଏକ ଅନାହୂତ ଆବଶ୍ୟକତା

**ବିଦ୍ୟାଧର ମହାରଣା**

କୃଷି ପରିସଂସ୍ଥାରେ ଫସଲ ସହିତ ଅନିଷ୍ଟକ ଜୀବ ଓ ଉପକାରୀ ଜୀବ ସନ୍ତୁଳିତ ଅବସ୍ଥାରେ ରହନ୍ତି। ଆମେ ଯେତେବେଳେ ଅଧିକ ଅମଳ ଆଶାରେ ଅଧିକ ରାସାୟନିକ ସାର ବ୍ୟବହାର କରୁ ସେତେବେଳେ କୃଷି ପରିସଂସ୍ଥାରେ ଅସନ୍ତୁଳନ ଦେଖାଯାଇ ଫସଲରେ ଅଧିକ ଅନିଷ୍ଟକାରୀ ଜୀବ (ଘାସ, କୀଟ, କବକ, ବ୍ୟାକ୍ଟେରିଆ, ଭୂତାଣୁ) ଦେଖାଯାଆନ୍ତି। ସେମାନଙ୍କୁ ଦମନ କରିବାକୁ ଚାଷୀ ଅଧିକ ରାସାୟନିକ ବିଷ ପ୍ରୟୋଗ କରିବା ଫଳରେ ଅଧିକ ଖର୍ଚ୍ଚାନ୍ତ ହୁଏ ଏବଂ ପରିବେଶ ପ୍ରଦୂଷିତ ହୋଇ ମଣିଷ ଓ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରେ।

ସବୁଜବିପ୍ଳବ ପରେ ଏପରି ରାସାୟନିକ ବିଷଗୁଡ଼ିକର ବ୍ୟବହାର ଏକ ଅନାହୂତ ଆବଶ୍ୟକତା ହୋଇପଡ଼ିଛି। ଭାରତରେ 'କୀଟନାଶକ ଆଇନ୍ ୧୯୬୮' ଏବଂ 'କୀଟନାଶକ ନିୟମ ୧୯୭୩' ଏବେ ବି ପ୍ରଚଳିତ। ଏହାର ଉଦ୍ଦେଶ୍ୟ ଥିଲା ଫସଲରେ ଅନିଷ୍ଟକାରୀ ଜୀବ ନିୟନ୍ତ୍ରଣ ପାଇଁ ନିରାପଦ ରାସାୟନିକ ଦ୍ରବ୍ୟ ପ୍ରସ୍ତୁତ ଓ ବିକ୍ରୟ ମାଧ୍ୟମରେ ଉପଯୁକ୍ତ ମାନର କୀଟନାଶକ ଓ ରୋଗନାଶକ ଉଚିତ ମୂଲ୍ୟରେ ପଞ୍ଜୀକୃତ ବିକ୍ରେତାଙ୍କ ଦ୍ୱାରା ଚାଷୀଙ୍କୁ ଯୋଗାଇଦେବା। ଯୁଗ୍ମସଂସଦୀୟ କମିଟି ୪୬ ରିପୋର୍ଟ-୨୦୨୩ ଅନୁସାରେ ଭାରତରେ ବାର୍ଷିକ ପ୍ରାୟ ୫୦, ୦୦୦ କୋଟି ଟଙ୍କାର ଅନିଷ୍ଟକାରୀ ଜୀବନାଶକ କାରବାର ହୁଏ, ଯାହାମଧ୍ୟରୁ ତୃଣନାଶକ ୪୪%, କବକ ନାଶକ ୨୭%, କୀଟନାଶକ ୨୨% ଓ ଅନ୍ୟାନ୍ୟ ୭%। ସାରାବିଶ୍ୱରେ ବର୍ଷକୁ ପ୍ରାୟ ୪, ୫୦, ୦୦୦ କୋଟି ଟଙ୍କାର ଏପରି ରାସାୟନିକ ବିଷ କାରବାର ହୁଏ। ବିଶ୍ୱରେ ବର୍ଷରେ ୪୧, ୨୨, ୦୦୦ ଟନ୍ ମଧ୍ୟରୁ ଚୀନ ସବୁଠାରୁ ଅଧିକ ୧୭, ୬୩, ୦୦୦ ଟନ୍ ବିଷାକ୍ତ ଦ୍ରବ୍ୟ ବ୍ୟବହାର କରେ, ଯାହାକି ବିଶ୍ୱର ୪୩%। ଆମେରିକା ୧୦% ଓ ବ୍ରାଜିଲ ୯% ବ୍ୟବହାର କଲା ବେଳେ ଭାରତ ମାତ୍ର ୧% ବ୍ୟବହାର କରୁଛି। ଏହା ହେକ୍ଟର ପ୍ରତି ମାତ୍ର ୦.୫ କିଲୋଗ୍ରାମ। ଅନ୍ୟ କେତେକ ଦେଶ ହେକ୍ଟର ପ୍ରତି ୧୭ କିଲୋଗ୍ରାମ ପର୍ଯ୍ୟନ୍ତ କୀଟନାଶକ ବ୍ୟବହାର କରୁଛନ୍ତି। ସୁତରାଂ ଭାରତରେ ଅତିରିକ୍ତ କୀଟନାଶକ ବ୍ୟବହାର ହେଉଥିବା ଅଭିଯୋଗ ତଥ୍ୟ ଉପରେ ଅଧାରିତ ନୁହେଁ। ବରଂ ଯୁଗ୍ମ ସଂସଦୀୟ କମିଟି ଅଧିକ ଖାଦ୍ୟ ଉତ୍ପାଦନ ପାଇଁ ଜୀବନାଶକ ବ୍ୟବହାର ବୃଦ୍ଧି କରିବା ସହିତ ଅଧିକ ବିଷାକ୍ତ କୀଟନାଶକ ଧୀରେ ଧୀରେ ହ୍ରାସ କରି ଅଧିକ ଜୈବ କୀଟନାଶକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି।

ଏବେ କିନ୍ତୁ ଭାରତରେ ଜୈବ କୀଟନାଶକ ବିକ୍ରି ମୋଟ ଜୀବନାଶକ ବିକ୍ରିର ମାତ୍ର ୪.୨%। ଭାରତରେ ଜୀବନାଶକ କମ୍ପାନୀ ମଧ୍ୟରେ ୟୁ.ପି.ଏଲ୍ ଲିମିଟେଡ, କରମଣ୍ଡଳ, ପି.ଆଇ.ଇଣ୍ଡଷ୍ଟ୍ରିଜ ଲିମିଟେଡ୍, ବାୟାର କ୍ରପ ସାଇନ୍ସ ଲିମିଟେଡ୍, ଧାନୁକା ଆଗ୍ରିଟେକ୍ ଓ ଏଫ.ଏମ. ସି କର୍ପୋରେସନ ଇତ୍ୟାଦି ପ୍ରଧାନ। ବିଦେଶୀ କମ୍ପାନୀ ହିସାବରେ ବାୟାର କ୍ରପ୍ ସାଇନ୍ସ, ବି.ଏ.ଏସ.ଏଫ, ସିନଜେଣ୍ଟା, କୋରଟେଭ ଆଗ୍ରି ସାଇନ୍ସ, ସୁମିଟୋମୋ କେମିକାଲସ ଇତ୍ୟାଦି ଭାରତରେ ଅଧିକ ସକ୍ରିୟ। କେବଳ ଦିଲ୍ଲୀରେ ୭୯ କୀଟନାଶକ ପ୍ରସ୍ତୁତକାରୀ ଅଛନ୍ତି। କିନ୍ତୁ କେତେକ କମ୍ପାନୀ ନକଲି କୀଟନାଶକ ବିକ୍ରୟ କରିବା ଯୋଗୁଁ ଫସଲରେ ରୋଗପୋକ ନିୟନ୍ତ୍ରିତ ହୋଇପାରୁନାହିଁ ଏବଂ ଏଥିଯୋଗୁଁ ଚାଷ ଅଧିକ କ୍ଷତିଗ୍ରସ୍ତ ହେଉଛି। ଋଣ ଶୁଝି ନପାରି କେତେକ କୃଷକ ଆତ୍ମହତ୍ୟା କରିବାର ଖବର ପ୍ରକାଶ ପାଉଛି। ମୋଟ ଜୀବନାଶକର ପ୍ରାୟ ୨୦-୩୦% ନକଲି ହେବାର ଜଣାଯାଉଛି, ଯାହାର ବଜାର ମୂଲ୍ୟ ୩୦୦୦-୩୫୦୦ କୋଟି ଟଙ୍କା ହୋଇପାରେ।

ନକଲି ଜୀବନାଶକ ବିକ୍ରି ହେବାର କାରଣଗୁଡ଼ିକ ହେଲା ଚାଷୀଙ୍କ ସଚେତନତା ଅଭାବ, ଯୋଗାଣ ଶୃଙ୍ଖଳା ଅବ୍ୟବସ୍ଥା, ନିୟମିତ ନମୁନା ପରୀକ୍ଷା ଅଭାବ, ପ୍ରସ୍ତୁତକାରୀ ଓ ଖୁଚୁରା ବ୍ୟବସାୟ ସ୍ଥାନରେ ଅପମିଶ୍ରଣ। ଏହାଯୋଗୁଁ ବର୍ଷକୁ ଦେଶରେ ୧୦ ନିୟୁତ ଟନ୍ ଖାଦ୍ୟଶସ୍ୟ ହାନି, ପରିବେଶ ପ୍ରଦୂଷଣ ଓ ଅର୍ଥନୈତିକ ପ୍ରଭାବ ଦେଖାଯାଏ। ନକଲି ଜୀବନାଶକ ନମୁନା ଯେତିକି ପରୀକ୍ଷା କରାଯାଉଛି, ତାହା କ୍ଷୁଦ୍ର ପ୍ରସ୍ତୁତକାରୀଙ୍କ ଠାରୁ ୨୪% ଓ ବଡ଼ କମ୍ପାନୀମାନଙ୍କରୁ ୧%। ଅପମିଶ୍ରିତ ଜୀବନାଶକ ଯୋଗୁଁ ମଣିଷ ଓ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟହାନି ମଧ୍ୟ ଘଟୁଛି। ଆଇନ୍ ଅନୁସାରେ ନିମ୍ନମାନର କୀଟନାଶକ ବିକ୍ରୟ କ୍ଷେତ୍ରରେ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଓ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିଛି। ଅଧିକ ବିପଦପୂର୍ଣ୍ଣ କ୍ଷେତ୍ରରେ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହିତ ପାଞ୍ଚ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇପାରେ। ଏହି କାରଣରୁ ନକଲି କୀଟନାଶକ କିପରି ଜାଣିବେ ସେ ବିଷୟରେ ଚାଷୀଙ୍କୁ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି।

ଆମ ଦେଶରେ ୨୯୩ ଜୀବନାଶକ ବ୍ୟବହାର ପାଇଁ ପଞ୍ଜୀକୃତ ହୋଇଛି। ଏଥିରୁ ବିପଦପୂର୍ଣ୍ଣ ଭାବେ ପରିଗଣିତ ୧୩୦ ଜୀବନାଶକ ବିଭିନ୍ନ ଦେଶରେ ଅସିଦ୍ଧ ଘୋଷିତ ହେଲାଣି। ଭାରତ ସରକାର ମଧ୍ୟ ୨୮ ଗୋଟିର ପ୍ରସ୍ତୁତି ଓ ବିକ୍ରୟ ପାଇଁ, ୪ଟିର ଆମଦାନୀ ଓ ପ୍ରସ୍ତୁତ ପାଇଁ ଏବଂ ଦୁଇଟିକୁ ରପ୍ତାନୀ କରିବା ପାଇଁ ଅସିଦ୍ଧ କରିଛନ୍ତି। ମନୋକ୍ରଟୋଫସ, କାର୍ବୋଫୁରାନ, ମେଥୋମିଲ, ଟ୍ରାଇଜାଫସ, ଡାଇକ୍ଲୋରୋଭସ, ଏଣ୍ଡୋସଲଫାନ, ଡି.ଡି.ଟି ଓ କ୍ଲୋରୋପାଇରିଫସ୍ କୀଟନାଶକ ସମ୍ପୂର୍ଣ୍ଣ ଅସିଦ୍ଧ ଘୋଷିତ ହୋଇଛି।

ଦିଲ୍ଲୀର ଟକସିକ୍ ଲିଙ୍କ ନାମକ ସଂସ୍ଥା ୨୦୨୩ ମସିହାରେ ମନୋକ୍ରଟୋଫସ, କାର୍ବୋଫୁରାନ, ପାରାକଟ୍, ଗ୍ଲାଇଫୋସେଟ୍, ମାଙ୍କୋଜେବ ଓ କାର୍ବେଣ୍ଡାଜିମ୍ ଜୀବନାଶକ ଉପରେ କରିଥିବା ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ବିଭିନ୍ନ ରାଜ୍ୟରେ ୫୦ରୁ ୮୬% ଚାଷୀ କୀଟନାଶକ ବିକ୍ରେତାଙ୍କ ପରାମର୍ଶ ଅନୁସାରେ ଫସଲରେ ଜୀବନାଶକ ପ୍ରୟୋଗ କରନ୍ତି ବୋଲି ଜଣାପଡ଼ିଛି। ପଞ୍ଜାବର ୧୭% ଚାଷୀ ଅତି ବିଷାକ୍ତ କୀଟନାଶକ ସପକ୍ଷରେ ଅଛନ୍ତି। ଅଧିକାଂଶ ଚାଷୀ କୀଟନାଶକ ପ୍ରୟୋଗ ସମୟରେ କୌଣସି ସତର୍କତା ଅବଲମ୍ବନ କରନ୍ତି ନାହିଁ। ଏପରିକି ୫୯% ଚାଷୀ ଅନୁମୋଦିତ ମାତ୍ରାଠାରୁ ଅଧିକ କୀଟନାଶକ ପ୍ରୟୋଗ କରୁଛନ୍ତି। ବଜାରରେ ବିକ୍ରି ହେଉଥିବା କୀଟନାଶକଗୁଡ଼ିକ ଚାରିରଙ୍ଗର ଠିକିରି ଚିହ୍ନ ଦ୍ୱାରା ଚିହ୍ନିତ କରାଯାଏ। ସବୁଜ ରଙ୍ଗ ସାମାନ୍ୟ ବିଷ, ନୀଳ ରଙ୍ଗ ମଧ୍ୟମ, ହଳଦିଆ ରଙ୍ଗ ଅଧିକ ବିଷ ଓ ନାଲି ରଙ୍ଗ ତୀବ୍ର ବିଷ ଭାବେ ସୂଚୀତ କରେ। ଫସଲରେ ଏହି ବିଷ ପ୍ରୟୋଗ ପରେ ଅମଳ କରିବା ପୂର୍ବରୁ ସର୍ବନିମ୍ନ ନିରାପଦ ସମୟ ଅପେକ୍ଷା କରିବା ଆବଶ୍ୟକ। ଅତିକମରେ ସବୁଜ ପାଇଁ ୭ ଦିନ, ନୀଳ ପାଇଁ ଦୁଇ ସପ୍ତାହ, ହଳଦିଆ ପାଇଁ ୩ ସପ୍ତାହ ଓ ନାଲି ପାଇଁ ୪ ସପ୍ତାହ ହେବା ବିଧେୟ।

ନୋବେଲ ବିଜୟିନୀ ରାକେଲ କାର୍ସନ 'ନିରବ ବସନ୍ତ' ପୁସ୍ତକରେ କୀଟନାଶକକୁ ପ୍ରାଣୀନାଶକ କହିଛନ୍ତି ଏବଂ ସେ ଏହାର ସୁଦୂରପ୍ରସାରୀ ପ୍ରଭାବ ବର୍ଣ୍ଣନା କରିବା ଫଳରେ ଡି. ଡି. ଟି କୀଟନାଶକ ନିଷିଦ୍ଧ ହୋଇଥିଲା। ସେ ପ୍ରାକୃତିକ ଉପାୟରେ କୀଟ ନିୟନ୍ତ୍ରଣ ପାଇଁ ପରାମର୍ଶ ଦେଇଥିଲେ। ସେଥିପାଇଁ ସେ ୧୯୬୨ ରେ ନୋବେଲ ପୁରସ୍କାର ପାଇଥିଲେ। ଏହାର କିଛିବର୍ଷ ପରେ ଏଚ୍. ଏଫ୍.ଭାନ ଏମଡେନ ଓ ଡେଭିଡ ବି. ପିକଲ 'ନିରବ ବସନ୍ତ ପରେ' ପୁସ୍ତକ ରଚନା କରି ସମନ୍ୱିତ ରୋଗପୋକ ପରିଚାଳନା ପଦ୍ଧତି ବାହାର କଲେ। ଉଦ୍ଭିଦ ସୁସ୍ଥସବଳ ହେଲେ ରୋଗପୋକ ବିରୁଦ୍ଧରେ ଲଢ଼ିପାରିବେ। ଜଳ ଓ ଖାଦ୍ୟସାର ନିୟନ୍ତ୍ରଣ କଲେ ଫସଲ କ୍ଷେତ୍ରରେ ଉପକାରୀ କୀଟପତଙ୍ଗ ସହଜରେ ବଂଶବୃଦ୍ଧି କରି ପ୍ରାକୃତିକ ଉପାୟରେ ଅପକାରୀ କୀଟ ଓ ରୋଗକୁ ନିୟନ୍ତ୍ରଣ କରନ୍ତି। ଏହାଛଡ଼ା କର୍ଷଣ ନିୟନ୍ତ୍ରଣ ଓ ରୋଗପୋକ ସହନଶୀଳ ବିହନ ବ୍ୟବହାର କରିବା ଦ୍ୱାରା ରୋଗପୋକ ଆକ୍ରମଣ କମିଥାଏ। ସମନ୍ୱିତ ରୋଗପୋକ ନିୟନ୍ତ୍ରଣ କୌଶଳଗୁଡ଼ିକ ହେଲା ସହନଶୀଳ କିସମ ବ୍ୟବହାର, କର୍ଷଣ ନିୟନ୍ତ୍ରଣ, ଫସଲ ପର୍ଯ୍ୟାୟ ଅନୁସରଣ, ଭୌତିକ ଓ ଯାନ୍ତ୍ରିକ ନିୟନ୍ତ୍ରଣ, ଜୈବ ନିୟନ୍ତ୍ରଣ ସହିତ ଶେଷରେ ନିରାପଦ କୀଟନାଶକ ବ୍ୟବହାର।

ବିଶ୍ୱରେ ବର୍ଷକୁ ପ୍ରାୟ ୧୧୦୦୦ ଲୋକ ବିଷାକ୍ତ କୀଟନାଶକ ପ୍ରଭାବରେ ମୃତ୍ୟୁବରଣ କରନ୍ତି। ଭାରତରେ ଏହି ହାର ୬୦%। ଟକସିକ ଲିଙ୍କ ସର୍ବେକ୍ଷଣ ଅନୁସାରେ ଆମକୁ କେତେକ ସୁଚିନ୍ତିତ ରଣନୀତି ଗ୍ରହଣ କରିବାକୁ ହେବ। କୃଷି କ୍ଷେତ୍ରକୁ ବାରମ୍ବାର ପର୍ଯ୍ୟବେକ୍ଷଣ କରି ଉପକାରୀ ଓ ଅପକାରୀ କୀଟ ସଂଖ୍ୟା ଅନୁସାରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ, କୀଟନାଶକ ବିଷ ପରିବର୍ତ୍ତେ ଜୈବ କୀଟନାଶକ ବ୍ୟବହାର, ଆବଶ୍ୟକ ସ୍ଥଳେ ଦୁଇଟି ନିରାପଦ କୀଟନାଶକ ମିଶ୍ରଣ ଆଦି ବ୍ୟବସ୍ଥା ଗ୍ରହଣ କରାଯାଇପାରେ। ଜୈବିକ କୃଷି ପାଇଁ ସରକାର ଅଧିକ ଆର୍ଥିକ ଅନୁଦାନ, ପ୍ରଶିକ୍ଷଣ, ପ୍ରାମାଣିକରଣ ସହିତ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା କରିବା ଆବଶ୍ୟକ। ଜୈବିକ କୃଷିର ଅନୁପସ୍ଥିତିରେ ରୋଗପୋକ ନିୟନ୍ତ୍ରଣ ପାଇଁ ସମନ୍ୱିତ ରୋଗପୋକ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବାକୁ ହେବ। କୀଟନାଶକ ବିକ୍ରେତାମାନଙ୍କୁ ଅଧିକ ପ୍ରଶିକ୍ଷଣ ଦେବା ସହିତ କୀଟନାଶକ କେବଳ କୃଷିକର୍ମୀଙ୍କ ପରାମର୍ଶକ୍ରମେ ବିକ୍ରୟ ବ୍ୟବସ୍ଥା ବାଧ୍ୟତାମୂଳକ କରିବା ଜରୁରୀ। ରାଜ୍ୟର ଅଧିକୃତ ଅଧିକାରୀମାନେ ନିୟମିତ କୀଟନାଶକ ଦୋକାନ ପରିଦର୍ଶନ କରି ନମୁନା ସଂଗ୍ରହ କରିବା ଆବଶ୍ୟକ। ଏତଦବ୍ୟତୀତ ରାଜ୍ୟରେ ଅଧିକ ଜୈବନିୟନ୍ତ୍ରଣ ପ୍ରୟୋଗଶାଳା ସ୍ଥାପନା କରି ଏଥିରୁ ପ୍ରସ୍ତୁତ ଟ୍ରାଇକୋଗ୍ରାମା, ବାସିଲସ, ଏନ.ପି. ଭି, ଟ୍ରାଇକୋଡେର୍ମା ଇତ୍ୟାଦି ଜୈବ ନିୟନ୍ତ୍ରକ ଓ ଫେରୋମନ ଯନ୍ତା ଇତ୍ୟାଦି ସୁଲଭ ମୂଲ୍ୟରେ ଚାଷୀଙ୍କୁ ଯୋଗାଇବା ଦାୟିତ୍ୱ ସରକାରଙ୍କର। ଫସଲରେ ଅନିଷ୍ଟକ ଜୀବନାଶକ ନିୟନ୍ତ୍ରଣ ପାଇଁ ସରକାର, କୃଷକ ଗୋଷ୍ଠୀ ଓ ଜୀବନାଶକ ବିକ୍ରେତାଙ୍କ ମିଳିତ ଦାୟିତ୍ୱ ରହିଛି। କୃଷକ-କ୍ଷେତ୍ରବିଦ୍ୟାଳୟ ପ୍ରତି ପଞ୍ଚାୟତରେ ପ୍ରତିଷ୍ଠା କରି କୃଷି ଅଧିକାରୀ କୃଷକଗୋଷ୍ଠୀଙ୍କୁ ସମନ୍ୱିତ ରୋଗପୋକ ପରିଚାଳନା ସମ୍ବନ୍ଧରେ ଧାରାବାହିକ ପ୍ରଶିକ୍ଷଣ ଦେବା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ମାଇକ୍ରୋ ଓ ନାନୋ ପ୍ଲାଷ୍ଟିକର ବିଷ

**ଡ. ବିଜୟକେତନ ପଟ୍ଟନାୟକ**

ଗାଁଗହଳିରେ କୁହାଯାଉଥିବା ରୁଢ଼ି 'ଛୋଟ ସାପର ବେଶୀ ବିଷ' ଉଭୟ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ କ୍ଷେତ୍ରରେ ପ୍ରଯୁଜ୍ୟ। ମାଇକ୍ରୋପ୍ଲାଷ୍ଟିକ ବା କ୍ଷୁଦ୍ର ପ୍ଲାଷ୍ଟିକ କଣିକା ଏବଂ ନାନୋ ପ୍ଲାଷ୍ଟିକ ବା ଅତିଶୟ କ୍ଷୁଦ୍ର ପ୍ଲାଷ୍ଟିକ କଣିକା ସାଧାରଣ ପ୍ଲାଷ୍ଟିକ ତୁଳନାରେ ଯଥେଷ୍ଟ ମାରାତ୍ମକ। ସାଧାରଣ ପ୍ଲାଷ୍ଟିକ ମନୁଷ୍ୟ ସ୍ୱାସ୍ଥ୍ୟ ପ୍ରତି ସିଧାସଳଖ କ୍ଷତି ପହଞ୍ଚାଏ ନାହିଁ। ଅନ୍ୟପକ୍ଷରେ ମାଇକ୍ରୋପ୍ଲାଷ୍ଟିକ ବା ନାନୋ ପ୍ଲାଷ୍ଟିକ ମନୁଷ୍ୟ ଶରୀର ଓ ସ୍ୱାସ୍ଥ୍ୟ ପ୍ରତି ଅଧିକ ହାନିକାରକ। ଏବେ ମାଇକ୍ରୋପ୍ଲାଷ୍ଟିକ ହିମାଳୟର ଏଭରେଷ୍ଟ ଶୃଙ୍ଗଠାରୁ ଆରମ୍ଭ କରି ସମୁଦ୍ରର ଗଭୀର ଜଳରାଶିରେ, ଜଳ, ସ୍ଥଳ, ଆକାଶ ବାୟୁମଣ୍ଡଳ ସବୁଠି ବିଦ୍ୟମାନ। ସମୁଦ୍ର ପାଦଦେଶର ପ୍ରବାଳ ପ୍ରାଚୀରଠାରୁ ଆରମ୍ଭକରି ଆଣ୍ଟରକଟିକାର ହିମଖଣ୍ଡ ବା ବରଫାବୃତ୍ତ ପରିବେଶରେ ମଧ୍ୟ ଏହା ଅନୁପ୍ରବେଶ କରିସାରିଛି।

ମିଳିତ ଜାତିସଂଘ ଦ୍ୱାରା ପ୍ରଦତ୍ତ ତଥ୍ୟ ମୁତାବକ, ସଂପ୍ରତି ବିଶ୍ୱରେ ବର୍ଷକୁ ୪୩୦ ନିୟୁତ ଟନ ପ୍ଲାଷ୍ଟିକ ଉତ୍ପାଦନ ହେଉଛି। ଏହାର ଦୁଇ-ତୃତୀୟାଂଶ କେବଳ ସ୍ୱଳ୍ପ ସମୟ ନିମନ୍ତେ ବ୍ୟବହୃତ ହୋଇଥାଏ। ତନ୍ମଧ୍ୟରୁ ସିଂହଭାଗ ହେଉଛି ଏକକ ବ୍ୟବହୃତ ପ୍ଲାଷ୍ଟିକ, ଯାହାକୁ କେବଳ ମାତ୍ର ଥରେ ବ୍ୟବହାର କରି ଫିଙ୍ଗି ଦିଆଯାଏ। ଜୈବିକ ସ୍ତରରେ ପ୍ଲାଷ୍ଟିକର ବିଘଟନ ପାଇଁ ୫୦ ରୁ ୧୦୦୦ ବର୍ଷ ଲାଗିଯାଇପାରେ। ପତଳା ପ୍ଲାଷ୍ଟିକ ବ୍ୟାଗର ବିଘଟନ ପାଇଁ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗୁଥିଲା ବେଳେ ପ୍ଲାଷ୍ଟିକ ପାଣି ବୋତଲ ଏବଂ ନାଇଲନ ମାଛଧରା ଜାଲ ପାଇଁ ୫୦୦ ବର୍ଷ ଲାଗିଯାଇପାରେ। ତେବେ ପ୍ଲାଷ୍ଟିକର ପୂର୍ଣ୍ଣ ବିଲୁପ୍ତି ବା ବିଲୟ ହୋଇନଥାଏ। ବରଂ ଏହା ଛୋଟ ଛୋଟ ଖଣ୍ଡରେ ବିଭକ୍ତ ହୋଇ କ୍ଷୁଦ୍ର ପ୍ଲାଷ୍ଟିକ କଣିକା ବା ମାଇକ୍ରୋପ୍ଲାଷ୍ଟିକରେ ପରିଣତ ହୁଏ। ଏକ ଆକଳନରୁ ଜଣାପଡ଼ିଛି ବର୍ଷକୁ ପ୍ରାୟ ୧୦ ରୁ ୪୦ ନିୟୁତ ମାଇକ୍ରୋପ୍ଲାଷ୍ଟିକ ପରିବେଶରେ ସଂକ୍ରମିତ ହୋଇଥାଏ। ଏହି ଧାରା ଅବ୍ୟାହତ ରହିଲେ ୨୦୪୦ ମସିହା ବେଳକୁ ଏହାର ପରିମାଣ ଦ୍ୱିଗୁଣିତ ହୋଇଯାଇପାରେ।

୨୦୨୨ ମସିହାରେ ପ୍ରଥମ ବିଶ୍ୱ ପ୍ଲାଷ୍ଟିକ ଚୁକ୍ତିନାମା, ମିଳିତ ଜାତିସଂଘ କାର୍ଯ୍ୟକ୍ରମ ଆନୁକୂଲ୍ୟରେ କେନିୟାରେ ଆରମ୍ଭ ହୋଇଥିଲା। ଆଇନଗତ ପ୍ରାବଧାନ ଜରିଆରେ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ନିମନ୍ତେ ସାରା ବିଶ୍ୱରେ ପ୍ରୟାସ ଆରମ୍ଭ ହେଲା। ସେତେବେଳେ ଏହି ଉଦ୍ୟମ ସାମୁଦ୍ରିକ ଓ ଜଳୀୟ ପରିସଂସ୍ଥାରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ପ୍ରତି ଅଭିପ୍ରେତ ନଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୪ ମସିହାରେ କାନାଡ଼ାଠାରେ ଅନୁଷ୍ଠିତ ଅଧିବେଶନର ଲକ୍ଷ୍ୟ ଉଭୟ ଇଚ୍ଛାକୃତ ଭାବରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ଏବଂ ପ୍ଲାଷ୍ଟିକର ଦୀର୍ଘକାଳୀନ ବିଘଟନ ଜୀବନଚକ୍ରରେ ଉତ୍ପନ୍ନ ହେଉଥିବା ମାଇକ୍ରୋପ୍ଲାଷ୍ଟିକ ହ୍ରାସ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଗଲା। ଚଳିତ ବର୍ଷ ଅଗଷ୍ଟ ମାସରେ ସୁଇଜରଲ୍ୟାଣ୍ଡର ଜେନେଭାଠାରେ ଅନୁଷ୍ଠିତ ବିଶ୍ୱ ପ୍ଲାଷ୍ଟିକ ଚୁକ୍ତିନାମା ମଧ୍ୟ ଲକ୍ଷ୍ୟ ହାସଲ ଦିଗରେ ବିଫଳ ହୋଇଥିଲା।

ଆମେ ପିଉଥିବା ଜଳ, ଖାଉଥିବା ଖାଦ୍ୟ, ପିନ୍ଧୁଥିବା ବସ୍ତ୍ର, ବ୍ୟବହାର କରୁଥିବା ପ୍ରସାଧନ ସାମଗ୍ରୀ, ଶ୍ୱାସରେ ଗ୍ରହଣ କରିଥିବା ବାୟୁ-ସର୍ବତ୍ର ବିଦ୍ୟମାନ ମାଇକ୍ରୋପ୍ଲାଷ୍ଟିକ। ଚାଷଜମିର ମାଟିରେ ଏବଂ ସେହି ମାଟିରୁ ଉତ୍ପାଦିତ ଫସଲ ଜରିଆରେ ଏବଂ ମାଇକ୍ରୋପ୍ଲାଷ୍ଟିକକୁ ଗିଳିଦେଇଥିବା ସାମୁଦ୍ରିକ ମାଛ ଭକ୍ଷଣ କରିବା ଦ୍ୱାରା, ଖାଦ୍ୟ ଶୃଙ୍ଖଳ ଦେଇ ପ୍ରବେଶ କରୁଛି ଆମ ଶରୀରରେ। ଆମେ ପିଉଥିବା ପାଇପ୍ ପାଣିରେ ମଧ୍ୟ ଉଭୟ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ କଣିକା ମହଜୁଦ୍ ଅଛି। ଶିଳ୍ପାୟନ, ନିର୍ମାଣ ସଂସ୍ଥା, ପରିବହନ ଧୂଳିକଣା, ଟାୟାର ଘର୍ଷଣ ଏବଂ ସିନ୍ଥେଟିକ ବସ୍ତ୍ର କାରଖାନାରୁ ଉତ୍ପନ୍ନ ମାଇପ୍ରୋପ୍ଲାଷ୍ଟିକ ବାୟୁମଣ୍ଡଳରେ ରହିଥାଏ। ଶ୍ୱାସକ୍ରିୟା ସମୟରେ ଆମେ ବାୟୁ ସହିତ ଏହି ମାଇକ୍ରୋପ୍ଲାଷ୍ଟିକକୁ ମଧ୍ୟ ଆହରଣ କରିଥାଉ। ଆମେ ବ୍ୟବହାର କରୁଥିବା ପ୍ରସାଧାନ ସାମଗ୍ରୀରେ ମଧ୍ୟ ରହିଛି ମାଇକ୍ରୋ ପ୍ଲାଷ୍ଟିକ। ଆମେ ଜାଣୁ ବା ନଜାଣୁ ଇଚ୍ଛା କରୁ ନା ନ କରୁ ପ୍ରତି ମୁହୂର୍ତ୍ତରେ କିଛି କିଛି ପ୍ଲାଷ୍ଟିକ କ୍ଷୁଦ୍ର କଣିକା ଆମ ଶରୀରରେ ପ୍ରବେଶ କରୁଛି ଏବଂ ମସ୍ତିଷ୍କର କୋଷରେ ଓ ପୁନରୁତ୍ପାଦନ ନିମନ୍ତେ ଉଦ୍ଦିଷ୍ଟ ଅଙ୍ଗ ପ୍ରତ୍ୟଙ୍ଗରେ ଆସ୍ଥାନ ଜମାଉଛି। କେବଳ ମସ୍ତିଷ୍କ ନୁହେଁ, ଫୁସଫୁସ, ବୃକ୍କ, ଜରାୟୁ ଓ ରକ୍ତରେ ମଧ୍ୟ ଏହି କଣିକାର ଛିଟା ଦେଖିବାକୁ ମଳୁଛି, ଯାହା ଫଳରେ ମନୁଷ୍ୟ ହୃଦ୍‌ରୋଗ ସହିତ ସ୍ନାୟୁରୋଗ ଓ ଶ୍ୱାସ ଜନିତ ନୂଆ ନୂଆ ରୋଗର ଶିକାର ହେଉଛି।

ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ ପ୍ରକାଶ କରିଥିବା ୨୦୧୪ ଇୟର ବୁକ୍ ରେ ସାରା ବିଶ୍ୱବାସୀଙ୍କୁ ସତର୍କ କରାଇ ଦେଇଥିଲେ। ମାଇକ୍ରୋପ୍ଲାଷ୍ଟିକ ଏକ ମୁଣ୍ଡ ଟେକୁଥିବା ପ୍ରଦୂଷକ, ଯାହା ମାନବ ଜାତିର ସମ୍ଭାବ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ୨୦୨୨ ମସିହାରେ 'ବିଶ୍ୱସ୍ୱାସ୍ଥ୍ୟ ସଂଗଠନ' ଜଣାଇଥିଲେ ମାଇକ୍ରୋପ୍ଲାଷ୍ଟିକର ମନୁଷ୍ୟର ସ୍ୱାସ୍ଥ୍ୟପ୍ରତି ଥିବା ସଂକଟ ବିଷୟରେ ଆଶାନୁରୂପ ପ୍ରମାଣ ମିଳିନାହିଁ। ୨୦୨୪ ମସିହାରେ ପ୍ରଥମଥର ପାଇଁ ଆମେରିକାସ୍ଥିତ ନ୍ୟୁମେକ୍ସିକୋ ବିଶ୍ୱବିଦ୍ୟାଳୟର ଗବେଷକମାନେ ପ୍ରମାଣିତ କଲେ, ମନୁଷ୍ୟର ମସ୍ତିଷ୍କରେ ଯଥେଷ୍ଟ ପରିମାଣରେ ମାଇକ୍ରୋପ୍ଲାଷ୍ଟିକ ଓ ନାନୋ ପ୍ଲାଷ୍ଟିକ ଜମା ହୋଇସାରିଲାଣି। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ କୁହନ୍ତି, ମାଇକ୍ରୋପ୍ଲାଷ୍ଟିକ ମନୁଷ୍ୟ ଶରୀରର ଉତ୍ପାଦକ ଅଂଗ, ପାକସ୍ଥଳୀ ଓ ଶ୍ୱାସନଳୀକୁ ପ୍ରଭାବିତ କରିପାରେ ଏବଂ ସମୟକ୍ରମେ ମନୁଷ୍ୟ ଶରୀରର ବିଭିନ୍ନ କୋଷରେ ଅନୁପ୍ରବେଶ କରୁଥିବାରୁ କୋଲୋନ୍ ଓ ଫୁସ୍‌ଫୁସ୍ କ୍ୟାନସର ସହିତ ଏହା ସଂପୃକ୍ତି ଥାଇପାରେ। ●

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ପୁରୁଷତ୍ୱ ଉପରେ ପୋଷାକର ପ୍ରଭାବ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ 'ଦ ଜର୍ଣ୍ଣାଲ ଅଫ୍ ରିପ୍ରଡକ୍ସନ' ଗବେଷଣା ପତ୍ରିକାରେ ପ୍ରକାଶିତ ଏକ ବିବରଣୀ ଅନୁସାରେ ୨୦୦୧ ମସିହା ବେଳକୁ ୩୪ ଶତାଂଶ ପୁରୁଷମାନଙ୍କ ଠାରେ ସେମାନଙ୍କୁ ପୌରୁଷ ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଶୁକ୍ରକୀଟ ସାଧାରଣ ମାତ୍ରାଠାରୁ କମ୍ ଥିଲା। ଯାହାକି ୨୦୨୨ ମସିହା ବେଳକୁ ପହଞ୍ଚିଥିଲା ୬୫ ଶତାଂଶରେ। ଏବର ସମୟ ମଧ୍ୟରେ ସଂପୂର୍ଣ୍ଣ ତ୍ରୁଟିମୁକ୍ତ ଶୁକ୍ରଧାରୀଙ୍କ ସଂଖ୍ୟା ପ୍ରାୟ ୨୦ ଶତାଂଶ ହ୍ରାସ ପାଇଥିଲା। ଅତଏବ ପୁରୁଷର ପ୍ରଜନନ କ୍ଷମତା ବା ପୌରୁଷର ଏହି ମାପକାଠିଟି ସୂଚାଇ ଦେଉଛି ଯେ ସେ କ୍ରମଶଃ ସନ୍ତାନ ସୃଷ୍ଟି କରିବାର କ୍ଷମତା ହରାଇ ଚାଲିଛି।

ଏହାର କାରଣ ଆଜି ପର୍ଯ୍ୟନ୍ତ ସୁନିର୍ଦ୍ଦିଷ୍ଟ କରାଯାଇ ପାରିନଥିଲେ ହେଁ ତାହା ବହୁମୁଖୀ ବୋଲି ମନେକରନ୍ତି ବୈଜ୍ଞାନିକମାନେ, ଯାହାକି ବିବର୍ତ୍ତନୀୟଠାରୁ ଆରମ୍ଭ କରି ପରିବେଶୀୟ ଏବଂ ପରିବର୍ତ୍ତିତ ଜୀବନଶୈଳୀ ପର୍ଯ୍ୟନ୍ତ ହୋଇପାରେ। ତେବେ, ବିବର୍ତ୍ତନୀୟ ପରିବର୍ତ୍ତନ ସଦାସର୍ବଦା ମନ୍ଥର ହୋଇଥିବା ଦୃଷ୍ଟିରୁ ଶେଷୋକ୍ତ ଦୁଇଟିକୁ ଏହାର ମୁଖ୍ୟ କାରଣ ବୋଲି ଧରାଯାଇ ପାରିବ। ପରିବେଶରେ ଡିଡିଟି, ବିଏଚସି ଆଦି କୀଟ। ଣୁନାଶକର ତଥା ଅନ୍ୟାନ୍ୟ ରସାୟନମାନଙ୍କ ମାତ୍ରାବୃଦ୍ଧି ଆମଠାରେ ପୁରୁଷସୁଲଭ ଗୁଣର ଅପଚୟ ଘଟାଉଥିବାର ପ୍ରମାଣିତ ହେଲା ବେଳେ ପଶୁପାଳନ, ମତ୍ସ୍ୟଚାଷ ଓ କୃଷିରେ ବିବିଧ ହର୍ମୋନ୍ ଏବଂ ରାସାୟନିକ ପଦାର୍ଥର ବ୍ୟାପକ ବ୍ୟବହାର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତେବେ ଆମେ ପିନ୍ଧୁଥିବା ପୋଷାକ ମଧ୍ୟ ଏହାକୁ ପ୍ରଭାବିତ କରିପାରେ ବୋଲି ନିକଟରେ ମତ ଦେଇଛନ୍ତି ଆମେରିକାର ବୋଷ୍ଟନ ସ୍ଥିତ 'ହାର୍ଭାର୍ଡ ଚାନ ସ୍କୁଲ ଅଫ୍ ପବ୍ଲିକ ହେଲଥ' ଠାରେ ଗବେଷଣାରତ ବୈଜ୍ଞାନିକ ଲିଡିଡିଆ ମଗ୍ଗୁଏଜ୍ ଆଲାରକୋନ୍ ଏବଂ ତାଙ୍କ ସହଯୋଗୀମାନେ।

'ଦ ଜର୍ଣ୍ଣାଲ୍ ଅଫ୍ ହ୍ୟୁମାନ୍ ରିପ୍ରଡ୍କସନ'ରେ ପ୍ରଦତ୍ତ ଏକ ବିବରଣୀରେ ସେମାନେ ଦର୍ଶାଇଛନ୍ତି ଯେ ପିତା ହେବାକୁ ଚାହୁଁଥିବା ଲୋକେ ଢିଲା ଅନ୍ତର୍ବାସ ପିନ୍ଧିବା ବାଞ୍ଛନୀୟ। କାରଣ ୧୮ ରୁ ୫୬ ବର୍ଷ ବୟସ୍କ ସାଧାରଣ ସ୍ୱାସ୍ଥ୍ୟସଂପନ୍ନ ପୁରୁଷଙ୍କୁ ପରୀକ୍ଷା କରି ସେମାନେ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଆରମଦାୟକ ଢିଲା ଅନ୍ତର୍ବାସ ପରିଧାନ କରୁଥିବା ଲୋକଙ୍କ ଶୁକ୍ରର ଘନତ୍ୱ ଏବଂ ତହିଁରେ ଥିବା ଶୁକ୍ରକୀଟମାନଙ୍କ ସଂଖ୍ୟା ଅଧିକ। ପୁନଶ୍ଚ ସେମାନଙ୍କ ଶୁକ୍ରାକୀଟଗୁଡ଼ିକ ଅଧିକ ସକ୍ରିୟ ହେବା ସହିତ ସେମାନଙ୍କଠାରେ ହରମୋନ୍‌ର ଭାରସାମ୍ୟ ସନ୍ତାନ ସୃଷ୍ଟି ପାଇଁ ଅଧିକ ଉପାଦେୟ।

ଅବଶ୍ୟ ପୂର୍ବରୁ ହୋଇଥିବା କେତେକ ଗବେଷଣାରୁ ଏପ୍ରକାର ସୂଚନା ମିଳିଥିଲା। ତେବେ ସେସବୁ ଅଧ୍ୟୟନ ଥିଲା ସୀମିତ ଏବଂ ତହିଁରୁ ଏବର ଫଳାଫଳ ସହିତ ହରମୋନ୍‌ର ସଂପୃକ୍ତି ବିଷୟରେ କୌଣସି ସୂଚନା ମିଳିପାରିନଥିଲା। ଶରୀର ମଧ୍ୟରେ ତାପମାତ୍ରାଠାରୁ ୨/୩ ଡିଗ୍ରୀ ସେଲସିୟସ କମ ହୋଇଥିବା ପରିବେଶ ଶୁକ୍ରକୀଟ ଉତ୍ପାଦନ ଲାଗି ଉତ୍ତମ। ସମ୍ଭବତଃ ସେଥିପାଇଁ ଏହା ଉତ୍ପନ୍ନ କରୁଥିବା ଅଣ୍ଡହକୋଷକୁ ପ୍ରକୃତି ଶରୀରର ଅର୍ନ୍ତଭାଗରେ ସ୍ଥାପନ ନ କରି ବହିର୍ଭାଗରେ ଅବସ୍ଥାପିତ କରିଛି। ଏପରିସ୍ଥଳେ, ଏହାର ତାପମାତ୍ରା ବୃଦ୍ଧି ଶୁକ୍ରକୀଟର ମାତ୍ରା ଏବଂ ମାନ ହ୍ରାସ କରିବା ସ୍ୱାଭାବିକ, ଯାହାକି ଘଟେ ଚିପା ଅନ୍ତର୍ବାସ ପରିଧାନ କରିବା କାରଣରୁ।

ଲିଡିଡିଆ ଏବଂ ତାଙ୍କର ସହଯୋଗୀମାନଙ୍କ ଅଧ୍ୟୟନକୁ ଏହାର ଏକ କାରଣସିଦ୍ଧ ପ୍ରମାଣ ରୂପେ ଗ୍ରହଣ କରାଯାଇପାରେ। ଅତଏବ ଚିପା ଅନ୍ତର୍ବାସ ପରିଧାନ ପୁରୁଷମାନଙ୍କଠାରେ ଶୁକ୍ରକୀଟ ଉତ୍ପାଦନକୁ ଯେତିକି ମାତ୍ରାରେ ପ୍ରତିହତ କରୁନା କାହିଁକି ତାହା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦିଅନ୍ତି ଏହି ଗବେଷଣାରେ ଅଂଶଗ୍ରହଣ କରିଥିବା ଅନ୍ୟତମ ବୈଜ୍ଞାନିକ ତଥା ଏଡିନ୍ ବରା ବିଶ୍ୱବିଦ୍ୟାଳୟର 'ଏମ୍ ଆର ସି ସେଣ୍ଟର ଫର ରିପ୍ରଡକଟିଭ ହେଲଥ୍'ର ପ୍ରଫେସର ରିଚାର୍ଡ ଶାର୍ପେ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଯଖପୁରାରେ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

ଦାନଗଦି, ୧୭।୧୧ (ସମିସ) : ଯାଜପୁର ଜିଲ୍ଲା ଯଖପୁରା-ଜେନାପୁର ରେଲୱେ ଷ୍ଟେସନ ମଧ୍ୟରେ ଥିବା ମାନତିରା ପାଟ ନିକଟରେ ଏକ ମାଲବାହୀ ଟ୍ରେନ୍ ସୋମବାର ରାତିରେ ଲାଇନଚ୍ୟୁତ ହୋଇଛି । ଏଥିରେ ଟ୍ରେନ୍‌ର ପାଖାପାଖି ୪ଟି ବଗି ଲାଇନଚ୍ୟୁତ ହୋଇଛି । ମାଲବାହୀ ଟ୍ରେନ୍‌ଟି ଟ୍ରାକ୍‌ଚେଞ୍ଜ କରୁଥିବା ସମୟରେ ଏଭଳି ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି । ଖବର ପାଇ ରେଳ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚ ଟ୍ରାକ୍‌ରେ ପୁନର୍ବାର ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ଉଦ୍ୟମ ଜାରି ରଖିଥିବା ଜଣାପଡିଛି । ତେବେ କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ଏକ କାରଖାନାରୁ ପାରାଦୀପ ଯାଉଥିବା ସମୟରେ ଏଭଳି ଘଟଣା ଘଟିଥିବା କୁହାଯାଉଛି ।

# ଆରପାରିରେ ହ୍ୟୁମାନ୍ ସାଗର

ଭୁବନେଶ୍ୱର, ୧୭।୧୧(ସମି): କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଆଜି ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ



ହୋଇଯାଇଛି । ଗତ ୧୪ତାରିଖରେ ହ୍ୟୁମାନ୍ ସାଗରଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି କରାଯାଇଥିଲା । ସେ ମଲଟି ଅର୍ଗାନ୍ ଡିସଫଙ୍କନ ସିଣ୍ଡ୍ରୋମ୍ ସହ ଗୁରୁତର ଲିଭର ସମସ୍ୟା, ନିମୋନିଆ ଓ ହୃଦରୋଗରେ ପୀଡ଼ିତ ଥିଲେ । ୨୦୧୫ରେ ହ୍ୟୁମାନ୍ ଓଡ଼ିଆ ଫିଲ୍ମ 'ଇସ୍କ ତୁ ହି ତୁ'ରେ ପ୍ରଥମ ଥର ପାଇଁ ଗୀତ ଗାଇଥିଲେ । ତରଙ୍ଗର ରିଆଲିଟି ସୋ' ଭଏସ୍-ଅଫ-ଓଡ଼ିଶା ତାଙ୍କୁ ଓଲିଉଡ୍‌ରେ ସିଙ୍ଗର ଭାବେ ଏଣ୍ଟ୍ରି କରିବାର ସୁଯୋଗ ଦେଇଥିଲା । 'ଇସ୍କ ତୁ ହି ତୁ'ର ଟାଇଟଲ ସଙ୍ଗ୍ ପାଇଁ ଖୁବ୍ ଲୋକପ୍ରିୟତା ହାସଲ କରିଥିଲେ ।

# ମତ୍ସ୍ୟଜୀବୀଙ୍କ ଜାଲରେ ଲାଗିଲା ୩ଶହ କିଲୋର ଶାଙ୍କୁଚ

ଅସ୍ତରଙ୍ଗ,୧୭।୧୧(ସମିସ): ଅସ୍ତରଙ୍ଗ ଦେବୀ ନଦୀରୁ ସୋମବାର ସକାଳୁ ଅସ୍ତରଙ୍ଗ ବ୍ଲକ୍ କାଳିଆକଣ ଗ୍ରାମର ଶଙ୍କର ବେହେରା, ଜୁମର ବେହେରା, ଗଙ୍ଗାଧର ବେହେରା ପ୍ରମୁଖ ୨୦ ଜଣ ମତ୍ସ୍ୟଜୀବୀ ଦେବୀ ନଦୀରେ ଚେନ୍ ଜାଲରେ ମାଛ ମାରିବାବେଳେ ଏକ ବିରାଟକାୟ ସାଙ୍କୁଚ ଜାଲରେ ପଡ଼ିଥିଲା । ଏହି ବିରାଟ ମାଛକୁ ଦେଖି ମତ୍ସ୍ୟଜୀବୀମାନେ ପ୍ରଥମେ ଭୟଭୀତ ହୋଇଯାଇଥିଲେ । ପରେ ପ୍ରାୟ ଦୁଇ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ଏହି ସାଙ୍କୁଚ ମାଛକୁ ଡଙ୍ଗାରେ କୂଳକୁ ଆଣିଥିଲେ । ଏହାର ଓଜନ ୩ଶହ କିଲୋ ବୋଲି କୁହାଯାଉଛି । ଏହି ମାଛ କୋଲକାତା ବଜାରରେ ପ୍ରାୟ ପଚାଶ ହଜାର ଟଙ୍କା ହେବ । ଏହି ମାଛର ଓସାର ପ୍ରାୟ ବାର ଫୁଟ ହେବ, ଏବେ ଅଲିଭ ରିଡଲେ କଇଁଛଙ୍କ ପ୍ରଜନନ ପାଇଁ ବଡ଼ ବୋଟଗୁଡ଼ିକ ନିଷିଦ୍ଧାଞ୍ଚଳ ଭିତରେ ପ୍ରବେଶ କରିପାରୁନାହାନ୍ତି । ଯାହାର ପ୍ରଭାବ ପାରମ୍ପରିକ ମତ୍ସ୍ୟଜୀବୀ ଓ ଡଙ୍ଗା ଉପରେ ପଡୁଛି । ସେମାନଙ୍କ ବୁହାଣ ପାଇଁ ପାରମ୍ପରିକ ଡଙ୍ଗାର ଜାଲ କେଉଁଠି ଚିରୁଚି ତ ଆଉ କେଉଁଠି ପାରମ୍ପରିକ ମାଛ ଜାଲକୁ ଆସୁନି, ସେଥିପାଇଁ ଏବେ ପାରମ୍ପରିକ ମତ୍ସ୍ୟଜୀବୀମାନେ କ୍ଷତି ସହୁଛନ୍ତି ।

## ଅବଶିଷ୍ଟାଂଶ

### ଶେଖ୍ ହସିନାଙ୍କୁ ଫାଶୀ...

ଅବଦୁଲ୍ଲା ଅଲ୍-ମମୁନଙ୍କୁ କେବଳ ୫ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି । ମମୁନ ସରକାରୀ ସାକ୍ଷୀ ଭାବେ ଆଇନଗତ ପ୍ରକ୍ରିୟାରେ ସହଯୋଗ କରିଥିବାରୁ ତାଙ୍କ ପ୍ରତି କୋହଳ ହୋଇଛନ୍ତି ଟ୍ରିବୁନାଲ । ସୂଚନାଯୋଗ୍ୟ ଯେ ଶେଖ ହସିନାଙ୍କ ସହିତ ତାଙ୍କର ଗୃହ ମନ୍ତ୍ରୀ ଅସଦୁଜ୍ଜମାନ ଗତ ୧୫ ମାସ ହେବ ଭାରତରେ ଅବସ୍ଥାନ କରୁଛନ୍ତି । କୋର୍ଟଙ୍କ ଏହି ରାୟ ପରେ ସାରା ବାଂଲାଦେଶରେ ହିଂସା ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଫଳରେ କଡ଼ା ନିରାପତ୍ତା ବ୍ୟବସ୍ଥା କରାଯାଇଛି ।

ମୋ ବିରୋଧରେ ଆସିଥିବା ରାୟ ସମ୍ପୂର୍ଣ୍ଣ ଭାବେ ଭୁଲ । ରାଜନୈତିକ ପ୍ରତିଶୋଧ ପାଇଁ ଏପରି ଷଡ଼ଯନ୍ତ୍ର କରାଯାଇଛି । ଏହି ରାୟ ଏଭଳି ଏକ ଟ୍ରିବୁନାଲ ଦେଇଛି ଯାହାକୁ ଏକ ଅଣ ନିର୍ବାଚିତ ସରକାର ଚଳାଉଛନ୍ତି । ଏହି ସରକାରଙ୍କ ପାଖରେ କୌଣସି ଜନାଦେଶ ନାହିଁ ବୋଲି ହସିନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ହତ୍ୟାର ଶିକାର ଲୋକଙ୍କୁ ଉଚିତ ନ୍ୟାୟ ମିଳିଲା ବୋଲି ଆଟର୍ଣ୍ଣି ଜେନେରାଲ ମହମ୍ମଦ ଆସାଦୁଜ୍ଜମାନ କହିଛନ୍ତି । ହସିନା ପୂର୍ବରୁ ଯେଉଁ କୋର୍ଟର ସ୍ଥାପନ କରିଥିଲେ, ସେହି କୋର୍ଟ ହିଁ ତାଙ୍କ ବିରୋଧରେ ଦଣ୍ଡାଦେଶ ଶୁଣାଇଛନ୍ତି । ୧୯୭୧ରେ ବାଂଲାଦେଶ ମୁକ୍ତି ସଂଗ୍ରାମ ପରେ ଯୁଦ୍ଧ ଅପରାଧ ଓ ନରସଂହାର ଭଳି ମାମଲାର ବିଚାର କରିବା ପାଇଁ ଏହି ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବୁନାଲକୁ ପ୍ରତିଷ୍ଠା କରାଯାଇଥିଲା ।

କୋର୍ଟ ରାୟ ପରେ ବାଂଲାଦେଶ ସରକାର ଆଜି ଭାରତ ସରକାରଙ୍କ ନିକଟକୁ ଏକ ପତ୍ର ପଠାଇଛନ୍ତି । ହସିନାଙ୍କୁ ତୁରନ୍ତ ହସ୍ତାନ୍ତର କରିବା ଲାଗି ଏଥିରେ ଅନୁରୋଧ କରାଯାଇଛି । ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ଅପରାଧୀ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଭାରତ ହସିନାକୁ ତୁରନ୍ତ ହସ୍ତାନ୍ତର କରୁ ବୋଲି କୁହାଯାଇଛି । ତେବେ ଭାରତ ସରକାର ଏସଂପର୍କରେ କୌଣସି ସିଧାସଳଖ ପ୍ରତିକ୍ରିୟା ଦେଇ ନାହାନ୍ତି । ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ ପଡ଼ୋଶୀ ଦେଶ ହିସାବରେ ବାଂଲାଦେଶ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭାରତ ସଂକଳ୍ପବଦ୍ଧ । ସେଠାରେ ଗଣତନ୍ତ୍ର, ଶାନ୍ତି ଓ ସ୍ଥିରତା ପାଇଁ ଭାରତ ସରକାର ସଂପୃକ୍ତ ପକ୍ଷଙ୍କ ସହ ଆଲୋଚନା ଜାରି ରଖିବ ।

### ବିହାର ରାଜନୀତିରେ...

ପରାମର୍ଶ ଦିଆଯାଇଛି । ତେବେ କୌତୂହଳର ବିଷୟ ହେଉଛି ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ପ୍ରସଙ୍ଗରେ ବିଜେପିର ରହସ୍ୟମୟ ନିରବତା । ବିଜେପିର ରାଜ୍ୟ ନିର୍ବାଚନ ପ୍ରଭାରୀ ବିନୋଦ ତାୱଡ଼େ ଓ ନିତିନ ନବୀନଙ୍କ ବୟାନ ଏହି ପ୍ରସଙ୍ଗକୁ ଅଧିକ ସ୍ପର୍ଶକାତର କରିଛି । ବିହାର ମୁଖ୍ୟମନ୍ତ୍ରୀ କିଏ ହେବ ବୋଲି ପ୍ରଶ୍ନରେ ଶ୍ରୀ ତାୱଡ଼େ ଏବେ ବିଜୟ ଉତ୍ସବ ପାଳନ ସମୟ, ସମୟ ଆସିଲେ ସବୁ ସ୍ପଷ୍ଟ ହୋଇଯିବ ବୋଲି ଦେଇଥିବା ଟିପ୍ପଣୀରୁ ବିଜେପି ଯେ ନୀତିଶଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଶତ ପ୍ରତିଶତ ରାଜି ନୁହେଁ, ତାହା ସ୍ପଷ୍ଟ ହୋଇ ଯାଇଛି । ସେହିପରି ଦଳର ଅନ୍ୟତମ ବରିଷ୍ଠ ନେତା ନିତିନ ନବୀନ ବିହାରରେ ମହାରାଷ୍ଟ୍ର ପରି ସବୁକିଛି ଠିକ୍ ଥିଲା ଓ ସବୁକିଛି ଠିକ୍ ହେବ ବୋଲି ଦେଇଥିବା ମନ୍ତବ୍ୟ ପରେ ନୀତୀଶ କୁମାରଙ୍କ ଅବସ୍ଥା ଏକନାଥ ସିନ୍ଦେଙ୍କ ପରି ହେବ ନାହିଁ ତ ବୋଲି ଅନେକ ଆଶଙ୍କା କରୁଛନ୍ତି ।

ଏନ୍‌ଡ଼ିଏ ପାଇଥିବା ମୋଟ ୨୦୨ ଆସନ ମଧ୍ୟରୁ ବିଜେପିକୁ ୮୯ଟି ଆସନ ମିଳିଥିବାବେଳେ ଚିରାଗ ପାସ୍ୱାନଙ୍କ ଏଲ୍‌ଜେପିକୁ ୧୯, ଜିତେନରାମ ମାଞ୍ଜିଙ୍କ ଦଳକୁ ୫ ଓ ଉପେନ୍ଦ୍ର କୁଶୱାହଙ୍କୁ ୪ଟି ଆସନ ମିଳିଛି । ଅବଶିଷ୍ଟ ୮୫ଟି ଆସନ ନୀତୀଶ କୁମାରଙ୍କ ଜେଡ଼ିୟୁ ପାଇଛି । ସରକାର ଗଠନ ପାଇଁ ୧୨୨ଟି ଆସନର ଆବଶ୍ୟକତା ଥିବାବେଳେ ନୀତୀଶଙ୍କ ବିନା ବିଜେପି ଓ ଅନ୍ୟ ସହଯୋଗୀ ମାତ୍ର ୧୧୭ ଆସନ ମଧ୍ୟରେ ସୀମିତ ରହିବେ । ଅନ୍ୟପକ୍ଷରେ ଜେଡିୟୁକୁ ସମର୍ଥନ ଦେବାକୁ ମହାଗଠବନ୍ଧନ ଏବେ ବି ଗୋଡ଼ ଟେକି ବସିଛି । ଜେଡିୟୁର ୮୫ ସହ ଆର୍‌ଜେଡ଼ିର ୨୫, କଂଗ୍ରେସ ୬ଟି, ବାମପନ୍ଥୀ ୩ଟି, ଏଆଇଏମ୍‌ଏମ୍‌ର ୫ ଓ ବିଏସ୍‌ପିର ଗୋଟିଏ ଆସନକୁ ମିଶାଇ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ହାସଲ ହୋଇ ପାରିବ । ଯଦିଓ ନୀତୀଶ ମହାଗଠବନ୍ଧନ ସହିତ ମିଶି ସରକାର ଗଠନ କରିବାକୁ ସମର୍ଥ, କିନ୍ତୁ ଏହାଦ୍ୱାରା ଜେଡୟୁରେ ବିଭାଜନ ଆଶଙ୍କା ଥିବା ମଧ୍ୟ କୁହାଯାଉଛି ।

ତେଣୁ ନୀତିଶ ଓ ବିଜେପି ପରସ୍ପର ସହ ରହିବା ଏକ ରାଜନୈତିକ ବାଧ୍ୟବାଧକତା ଓ ପରସ୍ପରକୁ ସହଯୋଗ କରିବାକୁ ବାଧ୍ୟ । କିନ୍ତୁ ବିଜେପିର ଜାତୀୟ ନେତୃତ୍ୱଙ୍କ 'ବିଜେପିର ବିଧାୟକମାନେ ମୁଖ୍ୟମନ୍ତ୍ରୀ ବାଛିବେ' ବୋଲି ଟିପ୍ପଣୀ ସବୁ ଅସୁବିଧାର ମୂଳ ବୋଲି କୁହାଯାଉଛି । ଏହା ସତ୍ତ୍ୱେ ଏବେ ବି ନୀତିଶ ବିହାରରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରମୁଖ ଦାବିଦାର ଓ ଏଥିରେ ସାମାନ୍ୟ ପରିବର୍ତ୍ତନ କେବଳ ବିହାର ନୁହେଁ, ଜାତୀୟ ରାଜନୀତିକୁ ବି ପ୍ରଭାବିତ କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି ।

### ୪୫ ଭାରତୀୟ...

୨୩ରେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ଥିଲା । ଏମାନଙ୍କ ମଧ୍ୟରୁ ୪ ଜଣ ରବିବାର କାର୍‌ରେ ପୃଥକ ଭାବେ ମଦିନା ଯାଇଥିଲେ । ସେହିପରି ଅନ୍ୟ ୪ ଜଣ ଲୋକ ମକ୍କାରେ ରହିଯାଇଥିଲେ ।

ଅନ୍ୟ ୪୬ ଜଣଙ୍କୁ ନେଇ ବସ୍‌ଟି ମକ୍କାରୁ ମଦିନା ଯାଉଥିବା ବେଳେ ମଦିନାଠାରୁ ୨୫ କିମି ଦୂର ମୁହରାସ୍ ନିକଟରେ ଭାରତୀୟ ସମୟ ରାତି ପ୍ରାୟ ୧.୩୦ରେ ଏହି ଦୁର୍ଘଟଣା ଘଟିଥିଲା ।

ଏହି ଦୁର୍ଘଟଣା ପାଇଁ ତେଲଙ୍ଗାନା ସରକାର ରିୟାଧ ସ୍ଥିତ ଭାରତୀୟ ଦୂତାବାସ ସହିତ ବରାବର ସମ୍ପର୍କରେ ରହିଛନ୍ତି । ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମୃତକଙ୍କ ଚିହ୍ନଟ ଓ ପରିଚୟ ପାଇଁ ଦିଲ୍ଲୀରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଦୂତାବାସର ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷାକରି ସବୁ ପ୍ରକାର ସହାୟତା ପ୍ରଦାନ କରିବା ସହ ସବୁ ବ୍ୟବସ୍ଥା ଉପଲବ୍ଧ କରାଇବାକୁ କହିଛନ୍ତି । ଇତିମଧ୍ୟରେ ୧୨ ଜଣ ମୃତକଙ୍କ ନାମ ସାମ୍ନାକୁ ଆସିଛି । ଭାରତୀୟ ଦୂତାବାସ ମଧ୍ୟ ଏ ନେଇ ହେଲ୍ପଲାଇନ୍ ଜାରି କରିଛି । ହାଇଦରାବାଦ ସାଂସଦ ସବୁ ମୃତଦେହକୁ ଭାରତ ଆଣିବା ପାଇଁ ଅପିଲ କରିଛନ୍ତି । ଏହି ଘଟଣା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି । ରିୟାଦସ୍ଥିତ ବାଣିଜ୍ୟ ଦୂତାବାସ ସବୁ ପ୍ରକାର ସହାୟତା ପ୍ରଦାନ କରୁଛି ବୋଲି ସେ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି । ଆମ ଅଧିକାରୀମାନେ ସାଉଦିର ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷା କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି । ସେହିପରି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଧ୍ୟ ଏହି ଘଟଣା ଗଭୀର ଦୁଃଖ ଦେଇଛି ବୋଲି କହିଛନ୍ତି । ଏହି ଦୁର୍ଘଟଣାରେ ହାଇଦରାବାଦ୍‌ର ଗୋଟିଏ ପରିବାରର ୧୮ ଜଣ ସଦସ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି ଜଣାପଡ଼ିଛି ।

### ଦାଦନ ଖଟାଇବାକୁ...

କରିବା ପାଇଁ ଦାୟିତ୍ୱ ଦେଇଛନ୍ତି । ଚନ୍ଦ୍ରମଣିଙ୍କ କହିବାନୁସାରେ, ୪୦ ହଜାର ଟଙ୍କାରେ ନେଇ ସେମାନଙ୍କୁ ଲକ୍ଷାଧିକ ଟଙ୍କାରେ ବିକ୍ରି କରି ଦିଆଯାଇଛି । ସେମାନଙ୍କଠାରୁ ମୋବାଇଲ ଫୋନ୍ ମଧ୍ୟ ଛଡ଼ାଇ ନିଆଯାଇଛି । ଫଳରେ ସେମାନେ ଚେଷ୍ଟା କରି ସେଠାରୁ ଖସି ଆସି ପାରୁନଥିବା ବେଳେ ଜୀବନ ପ୍ରତି ବିପଦ ରହିଥିବା ଅଭିଯୋଗ ହୋଇଛି ।

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଘଟଣା ଶୁଣାଣି କରିବା ପରେ ଗଣିଆ ଥାନା ଅଧିକାରୀଙ୍କୁ ନିଖୋଜ ବ୍ୟକ୍ତିଙ୍କୁ ଠାବ


GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH
E.Mail-rw_rourkela@yahoo.co.in
No.1471-O
TENDER CALL NOTICE
BID IDENTIFICATION NO. ONLINE-EERKL-19 of 2025-26

1. Name of the Work :- Road Works.
2. Total No. of works :- 05 (Five) Nos.
3. Estimated cost :- Rs.5.59 Lakhs to 9.32 Lakhs.
4. Class of contractor :- "D" & "C" Class
5. Period of completion :- 01 (One) Calendar months.
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding From | To |
|---|---|---|---|
| 1 | 2 | 3 | 4 |
| Executive Engineer, Rural Works Division-II, Sundargarh | Online-EERKL-19 of 2025-26 | 18.11.2025 from 10.00 A.M. | 26.11.2025 upto 5.00 P.M. |

Further details can be seen from the website www.tendersodisha.gov.in.
Sd/- Executive Engineer
RW Division-II, Sundargarh
OIPR

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI
E-514
CONTRACTUAL APPOINTMENT (WALK-IN-INTERVIEW)
Advt. No : 6156 /DPMU Dt: 14.11.2025

Interested candidates may attend the Walk-in-interview for the post of Medical Officers at different SNCU, UHWCs & UPHCs, Puri on contractual basis as per the NHM norms.

| Sl No | Name of the Post | Vacancy | Mode of Interview |
|---|---|---|---|
| 01 | MO, MBBS | 08 | 29 .11.2025, 11.00AM (Walk In) |

The application format and details are available in the website https://puri.odisha.gov.in. The application should reach by Walk-In-interview to the undersigned.
-sd-
OIPR Chief District Medical & Public Health Officer, Puri

ADMISSION NOTICE-2025-26
Manjari Devi College
Affiliated to Utkal University, OUHS, PCI, OSBP & DMLT/RTEB
Campus: 262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• B. Pharm Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• D. Pharm Rs. 48,000/- P.A. Eligibility: +2 Sc. (PCB/M)
• B.M.L.T. Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• D.M.L.T. Rs. 48,000/- P.A. Eligibility: +2 Sc. Pass (PCB/M)
• M.P.H. Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer
Barpali Irrigation Division, Barpali
E-mail Id - ee.barpali.canal@gmail.com
No.875-A 'e' Procurement Notice No-07/2025-26
BID IDENTIFICATION NO-BID 07(01 to 04) / 2025-26 (ON-LINE) DATED 10.11.2025

1. Type of the work :- Improvement to canal structures & Approach Road.
2. No of works :- 04 (Four) Nos.
3. Class of contractor :- "D" & "C"
4. Bid identification No. :- BID 07 (01 to 04)/2025-26
5. Estimate cost :- 8.97 Lakhs to 16.91 Lakhs
6. Period of completion :- As per DTCN.
7. Date and time of availability of bid documents in the portal :- Dt.13.11.2025 at 11.00 A.M. to Dt.20.11.2025 upto 5.00 P.M.
8. Last date/ time for receipt of bids in the portal :- Dt.20.11.2025 upto 5.00 P.M.
9. Date of opening of Bid Dt.21.11.2025 at 11.00 A.M.
10. Date of Lottery Dt.27.11.2025 at 11.00 A.M.

1. Any addendum/corrigendum/cancellation of tender can also be seen in the said Website.
2. Further details can be seen from Government Website-http://tenderodisha.gov.in.

OIPR
Sd/- Superintending Engineer
Barpali Irrigation Division, Barpali

GOVERNMENT OF ODISHA
OFFICE OF THE EXECUTIVE ENGINEER MURAN DAM DIVISION, KHATIGUDA UPPER INDRAVATI DAM CIRCLE
AT/PO-KHATIGUDA, DIST- NABARANGPUR, PIN-764085
A-869
Email id- eemurandamdivision@gmail.com
TENDER CALL NOTICE NO. EEMDD- 03/2025-26, DATED: 06.11.2025
Bid Documents consisting of work, Estimated Cost, time of completion, Class of Contractors, the set of terms & conditions of contract & other necessary documents can be seen at Office of The Executive Engineer, Muran Dam Division, Khatiguda.

| | | |
|---|---|---|
| 1 | Name Of the Work | : "Deployment of one light Commercial Vehicle (Bolero/TUV-300/SUMO Gold/Ertiga) on hire basis to be engaged for official use of the Executive Engineer, Muran Dam Division, UIDC, Khatiguda for one year / 12 calendar months". |
| 2 | Number of works | One |
| 3 | Estimate cost | Rs. 4,46,400/- (Excluding GST) |
| 4 | Eligibility of the bidders | : Registered Travel Agency / Tour Operators / Private individuals Light Vehicle owners authorized to use the vehicle for commercial purpose having commercial registration certificate, GST Registration No. & PAN. |
| 5 | Period of contract | : 12 (Twelve) Calendar Months |
| 6 | Date & Time of Availability of bid document at the office | From 14.11.2025 (11:00 AM) to 21.11.2025 up to (01:00 PM) |
| 7 | Last Date and Time for receipt of bid at the office | 21.11.2025 (05:00 PM) |
| 8 | Date of opening of the bids online | 24.11.2025 (12:30 PM) |
| 9 | Name & address of the Office of the Office Inviting Bid | Office of The Executive Engineer, Muran Dam Division, At/Po: Khatiguda, Dist.: Nabarangpur, PIN-764085 |

Further details can be seen at the Office of The Executive Engineer, Muran Dam Division, Khatiguda. Any Addendum/Corrigendum/ Cancellation, if required, will be published on the Notice Board only.
Sd/- Executive Engineer, Muran Dam Division, Khatiguda
OIPR

OFFICE OF THE SUPERINTENDING ENGINEER, NIMAPARA IRRIGATION DIVISION, NIMAPARA
e-mail Address: eenidnimapara@gmail.com
1st Corrigendum to e-Procurement Notice No.04 of 2025-26/ Dated 28.10.2025
NID FOR CANCELLATION
No.A-898:The tender for the NID-141 of 2025-26 is here by cancelled due to technical reason.

| Sl. No. | Name of the Work | Bid Identification No. | Tender Cost (in Lakh) (Excl.GST) | EMD | Cost of Document (Online) | Class of bidder | Period of Completion (in days) | Name of Sub-Division |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 8 | Improvement to Service Road on K.V. Left Embankment from Marine Drive Road to New Fire Training Building. | NID-141/ 25-26 | 23.62 | 23,700 | 6000/- | "C" & "B" | 4 (Four) Calendar Months | Gop |

All other Terms and Conditions will be remained unchanged.
Sd./- Superintending Engineer
Nimapara Irrigation Division, Nimapara
OIPR-

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.
No. 2710 /OSOU/2025 Dt. 17.11.2025
SHORT TENDER NOTICE
Odisha State Open University, Sambalpur invites Short Tender Notice for Event Management Services for PRAYAS: National Conference-2025 to be held from 13th to 15th December, 2025 in the University Campus for successful completion of the Event.
The interested agencies having experiences in the said services may visit our website www.osou.ac.in for more details. Last date of submission of tender proposal - 02.12.2025 (5.00 PM) by Speed Post /Regd. Post.
For more details visit our website
www.osou.ac.in
Sd-
Registrar

OFFICE OF THE
NOTIFIED AREA COUNCIL, KODALA
Odisha, PIN -761032, e-Mail: - nackodala@gmail.com
Lt. No.3140/Dev/2025 Dated.12.11.2025
e- NOTICE
BID IDENTIFICATION No.KOD-NAC-12/2025-26
C-: The Executive Officer, NAC, Kodala, on behalf of Governor of Odisha invites for consultancy or bidders of eligible class registered with the State Govt. and bidders of equivalent grade/ class registered with central Govt./ MES/Railways according to norm of e-procurement system in online mode for the work as per DTCN.
1. Name of the Work :- Civil Work
2. Number of Work :- 11 Nos.
3. Estimated cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal :- From 10.00AM of Dt. 13/11/2025 to 5.00PM of Dt. 26/11/2025
6. Last date and time for receipt of Bid in the Portal :- 5.00PM of Dt. 26/11/2025
7. The bid received online shall be opened on :- 11.00 AM of dtd. 27/11/2025
8. Name and Address of the Officer inviting Bid : Executive Officer, NAC, Kodala
Further details can be seen from the Procurement Portal: www.tendersorissa.gov.in.
OIPR- Sd./- Executive Officer, Kodala NAC

C-1450
GOVERNMENT OF ODISHA
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
E-mail : eephchpr@gmail.com
NATIONAL COMPETITIVE BIDDING THROUGH e-Procurement
Bid Identification No.52/03/SPH(C)/2025-26 dt.07.11.2025
1 Name of the work 5 (Five) nos. of works
2 Estimate cost 7.39 lakh to 40.64 lakhs
3 Date & time of availability of bid document in the portal From 11.00 AM of 15.11.2025 to 5.30 PM of 01.12.2025
4 Last Date / Time of receipt of bid in the portal 5.30 PM of 01.12.2025
5 Date and time of opening of bids 1.00 P.M. on dated.03.12.2025
6 Name and address of the Officer inviting the bid Superintending Engineer, P.H. Division, Bhanjanagar at Chatrapur
Further details can be seen from the e-procurement portal https://www.tenderorissa.gov.in.
Sd./- Additional Chief Engineer
P.H. Division, Bhanjanagar
at Chatrapur
OIPR-

AFFIDAVIT
By virtue of an affidavit sworn before Executive Magistrate Bhubaneswar on dated, 17.11.2025, I Rita Kumari Naik resident At-Hariom Colony, Mission Chowk, Word No. 10, Po/Ps- Sundargarh Town, Dist- Sundargarh, Odisha, PIN-770001, declare that I have changed my name from Rita Patel to Rita Kumari Naik. Henceforth, He shall be known as RITA KUMARI NAIK for all purposes.

LOST
I, Sri Sana Pangi, S/o- Late Amaya Pangi resident of Vill.- Raipada, Po.- Godihanjar, Ps.- Machkund, Dist.- Koraput state that, I am having a landed property of Mouza- Godihanjar under khata no.-48, Area- AC- 7.89 Centin the name of Ghasi Pangi, Raji Pangi and Sana Pangi joint record. Original ROR has been misplaced when I traveled from Raipada to Jeypore. Inspite of my best effort I am unable to trace it out and it is beyond recovery. If in future any person has found the Original ROR while in contact with Sana pangi. Mob No.- 9337954554.

AFFIDAVIT
By virtue of an affidavit sworn before the Executive Magistrate, Bhubaneswar Address dated 3.11.2025, I, Baidhar Shau, Vill- Narasinghpur, P.O.:- Bhandaridiha, Dist-Kendujhar, Pin-758025, Odisha declare that, the name of my daughter has changed from Dipika Priyadarshini Shau to Dipika Priyadarshini Sahu. Henceforth, she will be known as Dipika Priyadarshini Sahu for all purposes.

AFFIDAVIT
By virtue of an affidavit no.2888, dtd.16.10.2025 before Notary Public, Jatni, I, Chakradhar Maharana, residing at Ananda Vihar, Godadharmasagar, Jatni, PO/PS–Jatni, Dist-Khurda, Pin–752050 have changed my name from Chakrapani Moharana to Chakradhar Maharana. Henceforth, I shall be known as Chakradhar Maharana for all purposes.
Sd/-Chakradhar Maharana

AFFIDAVIT
By virtue of an affidavit sworn before the Executive Magistrate, Badasahi, Mayurbhanj, dated 10.10.2025, I Apurba Naik, Address At-Narankhunta, Po- Narankhunta, Ps-Badasahi, Dist-Mayurbhanj, State-Odisha, Pin-757075 declare that I have changed my name from Arghuba Naik to Apurba Naik. Henceforth, I shall be known as Apurba Naik for all purposes.
Sd/- Apurba Naik

AFFIDAVIT
By virtue of an affidavit (CF No. 16, date- 17/11/2025) before the Executive Magistrate, Bhubaneswar. I, Rubina Sahoo, (Mobile Number: 7894244302), W/o Panchanan Sahoo, resident of At- Plot No. LIG-231, Baramunda Housing Board Colony, Near Radhakrishna Temple, Baramunda, Bhubaneswar, Dist- Khurda, Odisha, PIN- 751003, Odisha declare that I have correction my name from Rubina Rani Sahoo to Rubina Sahoo in my son's school record (Name: Biswaroop Sahoo, School: KV-2, Bhubaneswar).
Rubina Sahoo

AFFIDAVIT
I, Rasmi Ranjan Barik, aged about 48 years, S/o Late Rabindra Kumar Barik, resident of At- Baulakuda, Dadhibamanpur, Bentkar, Dist- Cuttack, PIN- 754112, Odisha declare by this affidavit No. 9829, date- 19/09/2025, that now onwards I shall be known as RASHMI RANJAN BARIK for all future purposes.

AFFIDAVIT
By virtue of an affidavit before The Notary Public, Titilagarh, on dated- 17/11/2025. I, Jangyasini Nag (new name) formerly called as Jagyanseni Nag (old name), D/o Bhima Nag, Permanent resident of At- Belpadar, P.O. Sirol, P.S. Titilagarh, Dist- Balangir (Odisha), PIN- 767033 now residing at the same place affirm that I have changed my name from Jagyanseni Nag (old name) to Jangyasini Nag (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as Jangyasini Nag (new name).
Jangyasini Nag

AFFIDAVIT
By virtue of an affidavit no.2889, dtd.16.10.2025 before Notary Public, Jatni, I, Laxmipriya Maharana, At- Loco Settlement, PO/PS-Jatni, Dist-Khordha, present residing at Ananda Vihar, Godadharmasagar, Jatni, PO/PS-Jatni, Dist-Khordha -752050 have changed my name from Bisnupriya Moharana to Laxmipriya Maharana. Henceforth, I shall be known as Laxmipriya Maharana for all purposes.
Sd/-Laxmipriya Maharana

AFFIDAVIT
I, Beautirani Parichha, D/o.: Mrutyunjaya Parichha, Permanent resident of At/PO.: Narayanpur, P.S.: Rayagad, Dist.: Gajapati, Odisha-761212 declare by this Affidavit No.: 6017, sworn before Executive Magistrate, Angul on Dt.17.11.2025 that from now onwards my name Beauti Parichha will be known as Beautirani Parichha for all future legal purposes.

AFFIDAVIT
By virtue of an affidavit dtd. 16.11.2025 before the Notary Public, M.Rampur, Dist Kalahandi, I, Binod Kumar Sahu, Have changed my minor daughter name and DOB from Pragya parimiti Sahu, DOB- 28.05.2012 to Pragya Parimita Sahu, DOB- 23.04.2012. Hence forth she will be Known as pragya Parimita Sahu and her DOB is 23.04.2012 for all purposes.
Sd/- Binod Kumar Sahu

AFFIDAVIT
I JAMI RASHMITA, W/o JAMI ANIL KUMAR, resident of At- Gulipatna, Po./Ps.- Umarkote, ,Dist.- Nabarangpur- 764 073 Odisha declare by this Affidavit No.1893, Dated- 11/11/2025,that now onwards I shall be known as JAMI RASMITA PATRA for all future purpose.

AFFIDAVIT
I, Gohil Mosinbhai Husenibhai, S/o- Husenibhai Rasulbhai gohil, resident of 364/1900, Sarala Nagar, Laxmisagar, Bhubaneswar (M.C), Khordha, Odisha, Pin- 751006, declare by this affidavit No.311/2025, dated- 11.11.2025, that now onwards I shall be known as Mohsinbhai Husenibhai Gohil for all future purposes.

AFFIDAVIT
Punam Agarwala, D/O- Sarat Chandra Tulsian, Residence of ward no-2 Babusahi, po-Baripada, ps- Baripada Town, Dist- Mayurbhanj-757001 Odisha, declared by this affidavit no-243,Dated- 17/11/2025 that now onwards I shall be known as PUNAM AGARWAL for all future purpose.

AFFIDAVIT
By virtue of an affidavit sworn before the Executive Magistrate, Baramba Dt. 27.10.2025 I Santosh Kumar Sahoo of Vill/Po-Jhajia, Ps- Baramba, Dist-Cuttack declare that I have changed the name of my minor daughter name from Nishigandha Sahoof to Nishigandha Sahoo in Aadhar card. Henceforth, she shall be known as Nishigandha Sahoo for all purposes.

AFFIDAVIT
By virtue of an affidavit sworn before Executive Magistrate, Bhubaneswar, SL.No- 3 on dated 17-11-2025 I, MADHUSREE KUANR, W/o Bikash Chandra Rout permanent resident of Plot No- B/27/A, Phase-2, Krishna Garden, Jagamara, VTC- Khandagiri, Po- Khandagiri, Ps- Khandagiri, Dist- Khordha, Pin- 751030, declare that I have changed my name from MADHUSHRI ROUT (Old name) to MADHUSREE KUANR (New name), Henceforth, I shall be known as MADHUSREE KUANR for all future purposes.
Sd-( MADHUSREE KUANR)

AFFIDAVIT
By virtue of an affidavit before the Notary Public, Titilagarh, on dated- 17/11/2025. I, Subash Murlli (applicant name), S/o- Narasingha Murlli, permanent resident of AT- Sargiguda W.N. 1, Titilagarh, PO/PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from Bubul Murali (old name) to Bulbul Murlli (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as Bulbul Murlli (new name) for all future purposes.
Subash Murlli

## ଅଟୋ ଧକ୍କାରେ ସାଇକଲ ଆରୋହୀ ମୃତ

ଭଦ୍ରକ,୧୭ ।୧୧(ସମିସ): ଅଟୋ ଧକ୍କାରେ ଜଣେ ସାଇକଲ ଆରୋହୀ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଉତ୍ତୁକୁଡ଼ା ପଞ୍ଚାୟତ ଉତ୍ତୁକୁଡ଼ା ଗ୍ରାମର ଅରୁଣ କୁମାର ବେହେରାଙ୍କ ମୃତ୍ୟୁ ଘଟିଛି। ଅରୁଣ କୌଣସି କାମରେ ନିକଟସ୍ଥ ବଜାରକୁ ଯାଉଥିବା ବେଳେ ତାଙ୍କ ପଛପଟୁ ଏକ ଅଟୋ ଧକ୍କା ଦେଇଥିଲା। ସେ ରାସ୍ତା ଉପରେ ଛଟିକି ପଡ଼ିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିବା ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଅଟୋଟି ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଛି। ଅଟୋକୁ ଚାନ୍ଦବାଲି ପୁଲିସ ଜବତ କରିବା ସହ ଅଟୋରେ ଥିବା ଜଣେ ସହଯୋଗୀକୁ ଗିରଫ କରିଛି। ଚାଳକ ଜଣକ ଫେରାର ଅଛି। ଅରୁଣ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି ଥିଲେ। ଯିଏକି ରୋଷେୟା ଭାବରେ କାମ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ତାଙ୍କ ପତ୍ନୀ ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ ୨ଟି ଛୋଟ ପୁତ୍ର ଅଛନ୍ତି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଥାନାଧିକାରିଣୀଙ୍କ ଯୋଗଦାନ



ବାରିକପୁର, ୧୭ ।୧୧(ସମିସ): ଭଣ୍ଡାରିପୋଖରୀ ଥାନାଧିକାରିଣୀ ଭାବେ ରାଜଲକ୍ଷ୍ମୀ ନାୟକ ଆଜି କାର୍ଯ୍ୟରେ ଯୋଗଦେଇଛନ୍ତି। ଏଠାରେ ମାତ୍ର ୭ ମାସ କାର୍ଯ୍ୟ କରିଥିବା ଥାନାଧିକାରୀ କମଳାକାନ୍ତ ଦାସଙ୍କୁ ଗତ ସପ୍ତାହରେ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ନାୟକାଣୀଡ଼ିହି ଥାନାଧିକାରିଣୀ ଭାବେ କାର୍ଯ୍ୟ କରୁଥିବା ରାଜଲକ୍ଷ୍ମୀଙ୍କୁ ଭଣ୍ଡାରିପୋଖରୀ ବଦଳି କରାଯାଇଛି। କାର୍ଯ୍ୟଭାର ଗ୍ରହଣ ପରେ ଥାନା ପକ୍ଷରୁ ସହକାରୀ ଅଧିକାରୀ ଓ କର୍ମଚାରୀମାନେ ଆଜି ନୂତନ ଅଧିକାରିଣୀଙ୍କୁ ସ୍ୱାଗତ ଜଣାଇଛନ୍ତି। ବେଆଇନ ବାଲି, ଗୋରୁଗାଡ଼ି ଓ କୋଇଲା ପରିବହନକୁ ରୋକିବା ସହ ବିଭିନ୍ନ ଚୋରି ତଥା ଆସାମାଜିକ କାର୍ଯ୍ୟ ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ନୂତନଧିକାରିଣୀ କହିଛନ୍ତି। କରିଛନ୍ତି। ଏହା ପୂର୍ବରୁ ସେ କ୍ରାଇମବ୍ରାଞ୍ଚରେ ମଧ୍ୟ ସଫଳତାର ସହ କାର୍ଯ୍ୟ କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ଆଇନ ସଚେତନତା




ଭଦ୍ରକ,୧୭ ।୧୧(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରମା କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କାଉପୁରସ୍ଥିତ କଳ୍ପନା ଦେବୀ ଜରାନିବାସଠାରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଥିବା ଭରଣପୋଷଣ, କଲ୍ୟାଣମୂଳକ କାର୍ଯ୍ୟ; ଯାହାକି ବୟସ୍କ/ବୃଦ୍ଧବୃଦ୍ଧାଙ୍କ ନିମନ୍ତେ ଉଦ୍ଦିଷ୍ଟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ପରିଚାଳନା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ସହାୟକ ପ୍ରତିପକ୍ଷ ଓକିଲ ଡ. ତାପସୀ କୁମାର ମହାନ୍ତି, କଳ୍ପନା ଦେବୀ ଜରା ନିବାସର ପରିଚାଳକ ଡାକ୍ତର ହରେକୃଷ୍ଣ ନାୟକ ଓ ବୃଦ୍ଧବୃଦ୍ଧା ପରିଚାଳନା କରିଥିଲେ। ବୃଦ୍ଧବୃଦ୍ଧାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ତଥା ସିନିଅର ସିଟିଜେନ ଆକ୍ଟ ୨୦୦୭ ଅନୁଯାୟୀ ବୟସ୍କ ନାଗରିକଙ୍କ ପାଇଁ ଥିବା ଭରଣପୋଷଣ ଏବଂ ଜନହିତକର କାର୍ଯ୍ୟ ବିଷୟରେ ମଧ୍ୟ ସଚେତନ କରାଯାଇଥିଲା। ଅନୁଷ୍ଠାନ ତରଫରୁ ଅନ୍ତେବାସୀଙ୍କୁ ଶୀତ କମ୍ବଳ ମଧ୍ୟ ବଣ୍ଟନ କରାଯାଇଥିଲା।

## କାୟା ମେଲାଇଛି ନିଶା କାରବାର

ଭଦ୍ରକ,୧୭ ।୧୧(ସମିସ): ଭଦ୍ରକ ଜିଲ୍ଲା ଅବକାରୀ ବିଭାଗର ଜାଣତରେ ତଥା ଜିଲ୍ଲାପାଳଙ୍କ ଦୃଷ୍ଟି ଅଢୁଆଳରେ ତମାମ ଜିଲ୍ଲାରେ ଭାଙ୍ଗ, ବ୍ରାଉନସୁଗର ଓ ଅଫିମ ଆଦି ଉକ୍ତ ମାଦକ ଦ୍ରବ୍ୟର ବ୍ୟାପକ କାରବାର ଯୋଗୁଁ ଭଦ୍ରକବାସୀ ବିଷ ବଳୟରେ ଆବଦ୍ଧ ବୋଲି ବରିଷ୍ଠ ସାମ୍ବାଦିକ ତଥା ସୂଚନା କର୍ମୀ ନିର୍ମଳ ସେନାପତି ଅଭିଯୋଗ କରିଛନ୍ତି। ଅବକାରୀ ଅଧୀକ୍ଷକଙ୍କ ଦ୍ୱାରା ପ୍ରଦତ୍ତ ଭାଙ୍ଗ ଲାଇସେନ୍ସ ବଳରେ ଭଦ୍ରକ ୯ ନମ୍ବର ୱାର୍ଡ, ଚାନ୍ଦବାଲି, ଆରଡି, ଧାମରା ଓ ତିହିଡିରେ ଭାଙ୍ଗ କାରବାର ଚାଲୁ ରହିଛି। ଏହାଛଡା ବିନା ଲାଇସେନ୍ସରେ ଭଦ୍ରକ ପୁରୁଣା ବଜାର, ଚରମ୍ପା, ଧାମନଗର, ଧୂଷୁରୀ, ପୀରହାଟ, ମତୋ, ବାସୁଦେବପୁର, ବନ୍ତ, ଭଣ୍ଡାରିପୋଖରୀ, ବିଦେଇପୁର ଓ ଛତାବର ଆଦି ସ୍ଥାନରେ ଭାଙ୍ଗ କାରବାର ଚାଲୁ ରହିଛି। ଫଳରେ ନିପଟ ମଫସଲରେ ମଧ୍ୟ ଉକ୍ତ ମାଦକ ଦ୍ରବ୍ୟ ସହଜଲଭ୍ୟ ହୋଇପାରିଛି। ଜିଲ୍ଲାପାଳଙ୍କ ଯେଉଁ ଚିଠି ବଳରେ ଅବକାରୀ ଅଧୀକ୍ଷକ ଭାଙ୍ଗ କାରବାର ପାଇଁ ଲାଇସେନ୍ସ ପ୍ରଦାନ କରିଛନ୍ତି, ସେହି ଚିଠିଟି କୌଣସି ଦପ୍ତରୀ ଚିଠି ଭଳି ପ୍ରତୀୟମାନ ହେଉ ନଥିବା ଶ୍ରୀ ସେନାପତି ଅଭିଯୋଗ କରିବା ସହ ଏହି ଅବୈଧ କାରବାରରେ ଯେଉଁମାନେ ସଂପୃକ୍ତ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅବକାରୀ ବିଭାଗ ଯେ ଅବୈଧ ଭାବେ ଭାଙ୍ଗ କାରବାର ଚଳେଇ ଅଛି ତାର ବଡ଼ ପ୍ରମାଣ ଅଡିଟ ରିପୋର୍ଟ। ଆକାଉଣ୍ଟ ଜେନେରାଲଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ଯେ ସରକାରୀ ଭାବେ ଭାଙ୍ଗ କାରବାରର କୌଣସି ଅଡିଟ କରାଯାଉନାହିଁ। ଯେଉଁ କାରବାରର ଅଡିଟ ନାହିଁ, ଜିଲ୍ଲା ପ୍ରଶାସନ ସେଭଳି କାରବାରକୁ କାହିଁକି ଯେ ଚଳେଇ ରଖିଛନ୍ତି ବୋଲି ଶ୍ରୀ ସେନାପତି ପ୍ରଶ୍ନ ଉଠାଇଛନ୍ତି। ଭଦ୍ରକ ଜିଲ୍ଲାକୁ ଡ୍ରଗସମୁକ୍ତ କରିବା ପାଇଁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଶ୍ରୀ ସେନାପତି ଏକ ପ୍ରେସ ବିବୃତ୍ତିରେ ଦାବି କରିଛନ୍ତି।

**ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି**

### ଜିଲ୍ଲାପାଳଙ୍କ ଜନଶୁଣାଣି; ସମସ୍ୟା ସମାଧାନରେ ବିଳମ୍ବ

# କ୍ଷେତ୍ରୀୟ ତଦନ୍ତ ଓ ମିଳିତ ଅନୁଧ୍ୟାନ ଉପରେ ଗୁରୁତ୍ୱ

ଭଣ୍ଡାରିପୋଖରୀ/ବାରିକପୁର, ୧୭ ।୧୧(ସମିସ)



ଭଣ୍ଡାରିପୋଖରୀ ସଭାଗୃହ ମଧ୍ୟରେ ଆଜି ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଦ୍ୱାରା ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୨୫ଟି ଅଭିଯୋଗ ସ୍ଥାନ ପାଇଥିଲା। ମଞ୍ଜୁରୀରୋଡ ଫାଣ୍ଡି ଭିତ୍ତିଭୂମି ବିକାଶ, କର୍କଟ ରୋଗୀଙ୍କୁ ଗୃହ ପ୍ରଦାନ, ଜୋରାଗଡିଆଠାରେ କାଡାନାଳ ନିର୍ମାଣ, ଶାଳଣିଆ କେନାଲ ପୁନରୁଦ୍ଧାର, ନପଙ୍ଗ ମାଇନର କେନାଲରେ ମନମାନି କାର୍ଯ୍ୟକୁ ନେଇ ଲୋକେ ଅଭିଯୋଗ କରି ଏହାର ସମାଧାନ ପାଇଁ ଦାବି ଉପସ୍ଥାପନ କରିଥିଲେ। ସେହିଭଳି ଡାହାଲା ସ୍କୁଲ ଦୁର୍ନୀତି, ମେଗା ପାନୀୟଜଳ, ୫-ଟି ସ୍କୁଲ କାମ ଅସମ୍ପୂର୍ଣ୍ଣ, ମୋ ସ୍କୁଲ କାର୍ଯ୍ୟରେ ଦୁର୍ନୀତି, କଟିଂକୁ ସ୍ୱତନ୍ତ୍ର ପଞ୍ଚାୟତ କରିବା, ପାଣି ନିଷ୍କାସନ ନାଳ କାର୍ଯ୍ୟ ଅନିୟମିତତା ଆଦି ବିଷୟରେ ଅଭିଯୋଗ ହୋଇଥିଲା। ଏହାଛଡ଼ା ପ୍ରସ୍ତାବିତ କ୍ରୋମ ପ୍ଲାଣ୍ଟ ବିରୁଦ୍ଧରେ ମଧ୍ୟ ଦକ୍ଷିଣବାଡ଼, ବୟାବନାପୁର, ଚନ୍ଦ୍ରଭାନୁପୁର, ରେବୋ ପ୍ରମୁଖ ଗ୍ରାମର ଜନସାଧାରଣ ଅଭିଯୋଗ କରିଥିବା ବେଳେ କୃଷି, ଖାଦ୍ୟ ଯୋଗାଣ, ଗ୍ରାମ୍ୟ ଉନ୍ନୟନ, ଭତା, ବିଦ୍ୟୁତ, ସ୍ୱାସ୍ଥ୍ୟ, ଶିକ୍ଷା ବିଷୟରେ ମଧ୍ୟ ଅନେକ ଅଭିଯୋଗ ମାନ ହୋଇଥିଲା। ଶିବିରରେ ଆସିଥିବା ସମସ୍ତ ଅଭିଯୋଗକୁ ଶୁଣିବା ପରେ ଜିଲ୍ଲାପାଳ ସେଗୁଡିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେତେକ ସମସ୍ୟା ସମାଧାନ ଦିଗରେ ଅହେତୁକ ବିଳମ୍ବ ହେଉଥିବା ଦେଖାଯାଉଥିବା ବେଳେ ଏଥିପାଇଁ କ୍ଷେତ୍ର ପରିଦର୍ଶନ ଓ ମିଳିତ ଅନୁଧ୍ୟାନ ନେଇ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଶିବିରରେ ଜଣେ ଭିନ୍ନକ୍ଷମ ଛାତ୍ରଙ୍କୁ ମଧୁବାବୁ ପେନସନ ଯୋଜନାରେ ମାସିକିଆ ଭତ୍ତା ପ୍ରଦାନ କରାଯାଇଥିଲା। ଆୟୋଜିତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲଦାର ରୋଜାଲିନ ବେହେରା ଉପସ୍ଥିତ ଥିଲେ। ଶିବିରକୁ ବିଡିଓ ଦେବଦତ୍ତ ଦାସ ପରିଚାଳନା କରିଥିଲେ। ଏଥିରେ ବ୍ଲକ ଅଞ୍ଚଳର ବହୁ ଜନସାଧାରଣ ଯୋଗ ଦେଇଥିଲେ।

## ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର



ଭଦ୍ରକ,୧୭ ।୧୧(ସମିସ): ଆମ ମାତୃଭାଷା ପରିଷଦର ବିଛାସଂକ୍ରାନ୍ତି ଆସର ସାମରାଇପୁର, କଲ୍ୟାଣୀନଗରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବୈକୁଣ୍ଠ ବିଶ୍ୱାଳଙ୍କ ପୌରୋହିତ୍ୟରେ ଡ. ରାମଚନ୍ଦ୍ର ପଣ୍ଡା ଆସରକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ ବେଦପାଠ ଓ ସମ୍ପାଦକୀୟ ପାଠ କରିଥିଲେ। ଆଧୁନିକ ଓଡ଼ିଶାର ବିନ୍ଧାଣି ଡ. ହରେକୃଷ୍ଣ ମହତାବ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ପ୍ରଫେସର ଡ. କ୍ଷୀରୋଦ କୁମାର ସାମଲ, ମୁଖ୍ୟଅତିଥି ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ପ୍ରାକ୍ତନ ଅଧ୍ୟକ୍ଷ ଡ. କୃପାସିନ୍ଧୁ ନାୟକ, ଅଧ୍ୟାପକ ମାଧବଚନ୍ଦ୍ର ଜେନା, ବାଣୀକବି ଦୟାନିଧି ମିଶ୍ର, ସାରଥି ପଣ୍ଡା ଓ କବି କୈଳାସ ଦାସ ପ୍ରମୁଖ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବ ନୂତନ ଓଡ଼ିଶା ନିର୍ମାଣର ଶୃଙ୍ଖଳିତ ବିନ୍ଧାଣି ତଥା ପ୍ରଥମ ମୁଖ୍ୟମନ୍ତ୍ରୀ, ମୁଖ୍ୟତଃ ପାରାଦ୍ୱୀପ ବନ୍ଦର, ହୀରାକୁଦ ନଦୀବନ୍ଧ ଯୋଜନା, ମାଛକୁଣ୍ଡ ଜଳ ବିଦ୍ୟୁତ ଯୋଜନା, ଭୁବନେଶ୍ୱରରେ ନୂତନ ରାଜଧାନୀ, ନୂତନ ସଚିବାଳୟ, ରାଜ୍ୟ ସଂଗ୍ରହାଳୟ, କଟକରେ ବାରବାଟୀ ଷ୍ଟାଡିୟମ, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, କଳା ବିକାଶ କେନ୍ଦ୍ର, ରାଉରକେଲା ଇସ୍ପାତ କାରଖାନା ଓ ଭଦ୍ରକରେ ହଦ୍‌ଗଡ ନଦୀବନ୍ଧ, ସହିଦ୍ ସ୍ମୃତି ଭବନ, ଭଦ୍ରକ ମହାବିଦ୍ୟାଳୟ, ବରପଦା ଯାନ୍ତ୍ରିକ ମହାବିଦ୍ୟାଳୟ ଆଦି ନିର୍ମାଣ କରାଇଥିଲେ ବୋଲି ମତ ବ୍ୟକ୍ତ କରିଥିଲେ। ସହସମ୍ପାଦିକା କବି ମମତାରାଣୀ ଦାଶମିଶ୍ରଙ୍କ ସଂଯୋଜନାରେ କବିତା ଆସରରେ ଶିକ୍ଷାବିତ୍ ଗୟାଧର ଦାସ, ସନ୍ତୋଷ କୁମାର ମିଶ୍ର, ନିରଞ୍ଜନ ନାୟକ, ଅଧ୍ୟାପକ ଉମାକାନ୍ତ ମହାଳିକ, ମଧୁସୂଦନ ମହାପାତ୍ର, ଉମେଶଚନ୍ଦ୍ର ମହାପାତ୍ର, ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ, ମହେଶ୍ୱର ସାହୁ, ସୁରେଶ କୁମାର ରାଉତ, ମୋନାଲିସା ସାହୁ, ରାଜେନ୍ଦ୍ର କୁମାର ମହାପାତ୍ର, ସ୍ମୃତିସ୍ମିତା ସାମଲ ପ୍ରମୁଖ ପ୍ରାୟ ପଚାଶ ଜଣ କବି କବିତା ପାଠ କରିଥିଲେ। ସୁଶ୍ରୀ ଅଦିତି ପ୍ରଭା ଦାଶ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅଧିବକ୍ତା ମନୋରଞ୍ଜନ ଦାସ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ ଓ ଶେଷରେ ଶିକ୍ଷାବିତ୍ ଲକ୍ଷ୍ମଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣମାଧ୍ୟମର ପରାମର୍ଶ ଗ୍ରହଣୀୟ: ଜିଲ୍ଲାପାଳ



ବାରିକପୁର, ୧୭ ।୧୧(ସମିସ): ଗତ ୧୬ ତାରିଖ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳନ ହୋଇଥିଲା। ଏଥିରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ରହି ସାମ୍ପ୍ରତିକ ସମୟରେ ଗଣମାଧ୍ୟମର ଭୂମିକାକୁ ନେଇ ଉଚ୍ଚ ପ୍ରଶଂସା କରିଥିଲେ। ସେହିଭଳି ଆଜି ଭଣ୍ଡାରିପୋଖରୀଠାରେ ମିଳିତ ଜନଶୁଣାଣି ଶିବିରର ଅନ୍ତିମ ପର୍ଯ୍ୟାୟରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ପ୍ରେସ ଦିବସ ଉପଲକ୍ଷେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଭିନନ୍ଦନ ଜଣାଇଥିଲେ। କୌଣସି ଗଣମାଧ୍ୟମ ପ୍ରତିନିଧି ଲୋକଙ୍କ ସମସ୍ୟା ନେଇ ଯଦି ପ୍ରଶାସନକୁ ଫୋନ କରନ୍ତି ତାହେଲେ ବିଭାଗୀୟ ଅଧିକାରୀ ଏହା ଉପରେ ତତ୍ପର ପ୍ରକାଶ କରିବା ଉଚିତ। ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ହେଉ ବା ସମାଜର ସାମଗ୍ରିକ ବିକାଶ ହେଉ ସେଥିରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ପ୍ରଶାସନ ପାଇଁ ଏହା କେବଳ ସକାରାତ୍ମକ ନୁହେଁ ନକାରାତ୍ମକ ଖବର ମଧ୍ୟ ଗୁରୁତ୍ୱ ବହନ କରିଥାଏ। କାରଣ ନକରାତ୍ମକ ଖବର ପରିବେଷଣ ହେବା ଫଳରେ ଅଧିକାରୀମାନେ କାର୍ଯ୍ୟରେ ତତ୍ପରତା ପ୍ରକାଶ କରନ୍ତି। ଏହାଛଡା ବିଭିନ୍ନ ଖବର ସରବରାହ ସଂସ୍ଥାରେ କାର୍ଯ୍ୟ କରୁଥିବା ସାମ୍ବାଦିକ ବନ୍ଧୁଙ୍କ ସମୟ ଉପଯୋଗୀ ପରାମର୍ଶକୁ ଗ୍ରହଣ କରାଯିବା ଉଚିତ ବୋଲି ଜିଲ୍ଲାପାଳ ଶିବିରରେ କହିଥିଲେ। ଉପସ୍ଥିତ ଥିବା ଗଣମାଧ୍ୟମ ପ୍ରତିନିଧି ମାନେ ମଧ୍ୟ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ



ତିହିଡ଼ି, ୧୭ ।୧୧(ସମିସ): ପବିତ୍ର ଶିଶୁ ଦିବସ ଅବସରରେ ତିହିଡି ବ୍ଲକ ଅନ୍ତର୍ଗତ ବାହାବଳପୁର କୃଷକ ସହଯୋଗ ନନ୍ଦକିଶୋର ସରକାରୀ ଉଚ୍ଚ ବିଦ୍ୟାଳୟର ୬୪ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭେନ୍ଦୁ ମାଝୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତର ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ବାଇଧର ନାୟକ ଓ ସମ୍ମାନିତ ବକ୍ତା ଭାବେ ଉମାକାନ୍ତ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ ଧଳ, ପ୍ରାକ୍ତନ ଶିକ୍ଷକ ପୂର୍ଣ୍ଣାନନ୍ଦ ଦାସ, ସୁରେନ୍ଦ୍ର ବେହେରା, ସିଆରସିସି ଚନ୍ଦନ ମଲ୍ଲିକ, ବିପିନ ବେହେରା, ବେଣୁଧର ଦାସ, ହିମାଂଶୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ୬ଷ୍ଠରୁ ୧୦ମ ଶ୍ରେଣୀ ଯାଏଁ ୧ମ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ପ୍ରାକ୍ତନ ଶିକ୍ଷକ ପୂର୍ଣ୍ଣାନନ୍ଦ ଦାସ ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ଅଲେଖ ବେହେରା ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ସତ୍ୟଲିପି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାକୁ ପରିଚାଳନା କରିଥିଲେ ନରେନ୍ଦ୍ର କୁମାର ସିଂ, ମୃତ୍ୟୁଞ୍ଜୟ ବିଶ୍ୱାଳ, ରାଧାକୃଷ୍ଣ ନାୟକ, ରଶ୍ମିରଞ୍ଜନ ବେହେରା, ରମାକାନ୍ତ ମହାନ୍ତି, ଶିକ୍ଷକ ପାର୍ବତୀ ସିଂ, ଅଲିଭା ସିଂ ଓ ସଞ୍ଜୟ କୁମାର ପୃଷ୍ଟି।

## ବରିଷ୍ଠ ନାଗରିକ ପରିଷଦର ପ୍ରତିଷ୍ଠା ଦିବସ ପ୍ରସ୍ତୁତି



ଧାମନଗର,୧୭ ।୧୧(ସମିସ): ଧାମନଗର ବରିଷ୍ଠ ନାଗରିକ ପରିଷଦର ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଅନିଲ କୁମାର ବାରିକଙ୍କ ସଞ୍ଚାଳନାରେ ଆୟୋଜିତ ବୈଠକରେ ଉପସଭାପତି ସୁରଥଚନ୍ଦ୍ର ସେଠୀ,ସାଧାରଣ ସମ୍ପାଦକ ଶଚୀକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ଇଂ ନୃସିଂହ ନାୟକ, ସଦସ୍ୟ ହୃଦାନନ୍ଦ କର, ଅଭିମନ୍ୟୁ ମଲ୍ଲିକ, ସେକ ଅବଦୁଲ ହାକିମ, ଧନଞ୍ଜୟ ଦାସ, ମହେଶ୍ୱର ସ୍ୱାଇଁ, ନିରାକାର ଧଳ, ନରେନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ସାହୁ, ବୁଦ୍ଧିରାମ ବେହେରା, ପ୍ରହ୍ଲାଦ ବେହେରା, ରମଣୀ ରଞ୍ଜନ ଦାଶ, ଗୋଲାମ ଜିଲାନି ହବିବି, ଭୋଳାନାଥ ସାହୁ, ବିଦ୍ୟାଧର ରାଉତ, ବୃନ୍ଦାବନ ମହାନ୍ତି, ଭାବଗ୍ରାହୀ ଖୁଣ୍ଟିଆ, ରବିନ୍ଦ୍ର ସାହୁ ପ୍ରମୁଖ ସଂଗଠନକୁ ବ୍ୟାପକ କରିବା ସମ୍ପର୍କରେ ଆଲୋଚନା କରିବା ସହ ଆସନ୍ତା ଜାନୁୟାରୀ ୧୮ ତାରିଖରେ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ସର୍ବସହମତିରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରିଷଦର ପ୍ରତିଷ୍ଠା ଦିବସକୁ ସଫଳ ରୂପାୟନ ପାଇଁ ଏବେଠାରୁ ସମସ୍ତେ ନିଜ ନିଜ ଅଞ୍ଚଳରେ ପଚାର ପ୍ରସାର କରିବା ପାଇଁ ସଭାପତି ଶ୍ରୀ ବାରିକ ଏବଂ ସମ୍ପାଦକ ଶ୍ରୀ ପଣ୍ଡା ଉପସ୍ଥିତ ସଦସ୍ୟଙ୍କୁ ଆହ୍ୱାନ ଦେଇଥିଲେ।

## ତୁଳସୀପୁର ପ୍ରାଥମିକ ବିଦ୍ୟାଳୟ ବିପଦପୂର୍ଣ୍ଣ



ଦୋଲସାହି,୧୭ ।୧୧(ସମିସ): ତିହିଡ଼ି ବ୍ଲକ୍ କୁବେରା ପଞ୍ଚାୟତରେ ଏକ ପ୍ରାଥମିକ ବିଦ୍ୟାଳୟ ବିପଦପୂର୍ଣ୍ଣ ଅବସ୍ଥାରେ ଚାଲିଛି। ଉକ୍ତ ପଞ୍ଚାୟତର ୧୮ ନମ୍ବର ୱାର୍ଡସ୍ଥିତ ତୁଳସୀପୁର ପ୍ରାଥମିକ ବିଦ୍ୟାଳୟ ଗୃହ ଉପରେ ୧୧ କେଭି ବିଦ୍ୟୁତ ସରବରାହ ଯାଇଛି। ସେହିଭଳି ଏହି ବିଦ୍ୟାଳୟ ପରିସରରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ବସିଥିବା ଦୁର୍ବଳ ହୋଇ ନଇଁ ପଡିଥିବା ସହ ବିପଦଜନକ ଅବସ୍ଥାରେ ରହିଥିଲା ବେଳେ ବିଦ୍ୟାଳୟ ପକ୍ଷରୁ ଏହି ଟ୍ରାନ୍ସଫର୍ମର ହଟାଇବା ପାଇଁ ବାରମ୍ବାର ଅଭିଯୋଗ ବିଦ୍ୟୁତ ବିଭାଗରେ ହେଉଥିବା ସତ୍ତ୍ୱେ ବିଦ୍ୟୁତ ବିଭାଗ କର୍ଣ୍ଣପାତ କରୁ ନଥିବା ନେଇ ଅଭିଭାବକ ତଥା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ପାଇଖାନା ନଥିବା ଦେଖିବାକୁ ମିଳିଥିଲା ବେଳେ ଗୋଟିଏ ଦୁର୍ବଳ ହୋଇ ପଡିଥିବା ପାଇଖାନା ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ବ୍ୟବହାର କରୁଥିବା ଜଣାଯାଇଛି। ସେହିପରି ଏହି ବିଦ୍ୟାଳୟର ପାଚେରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବା ଦେଖିବାକୁ ମିଳିଥିଲା ବେଳେ ଗୋଟିଏ ଶ୍ରେଣୀ ଗୃହର ଆବଶ୍ୟକତା ଥିବା ଜଣାଯାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ବିଦ୍ୟାଳୟର ସମସ୍ୟା ଉପରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ରାଜ୍ୟସ୍ତରୀୟ ପ୍ରତିଯୋଗିତା

# ଗାନ୍ଧୀ ବାଳାଶ୍ରମ ଚାମ୍ପିଅନ୍




ଭଦ୍ରକ,୧୭ ।୧୧(ସମିସ)

ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ରାଜ୍ୟ ଶିଶୁ ସୁରକ୍ଷା ସମିତି ଦ୍ୱାରା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉତ୍ସାହ-୨୦୨୫ରେ ଭଦ୍ରକ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରୁଥିବା ଗାନ୍ଧୀ ଓଡ଼ିଶା ବାଳାଶ୍ରମ ଫୁଟ୍‌ବଲ୍ ଟିମ୍ ଫାଇନାଲକୁ ଉତୀର୍ଣ୍ଣ ହୋଇ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ସମ୍ବଲପୁର ଜିଲ୍ଲା ଫୁଟ୍‌ବଲ୍ ଟିମ୍‌କୁ ୨-୦ ଗୋଲ୍‌ରେ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ଏଥିସହ ୪୦୦ ମିଟର ରିଲେ ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଭଦ୍ରକ ଜିଲ୍ଲାକୁ ଟିମ୍ ଗୌରବାନ୍ୱିତ କରିଛନ୍ତି। ଉତ୍ସବରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୋଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ଅତିରିକ୍ତ ନିର୍ଦ୍ଦେଶିକା ମୋନାଲିସା ଦେବତା, ୟୁନିସେଫ୍ ଓଡ଼ିଶା ମୁଖ୍ୟ ୱିଲିୟମ୍ ହାନଲନ୍, ୟୁକୋ ବ୍ୟାଙ୍କର ଚିଫ୍ ଜେନେରାଲ ମ୍ୟାନେଜର ଗୌତମ ପାତ୍ରଙ୍କଠାରୁ ବାଳାଶ୍ରମ ଟିମ୍ ଚାମ୍ପିୟନ୍ ଟ୍ରଫି ଗ୍ରହଣ କରିଛନ୍ତି। ଏହି ବିଜୟ ପରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷଙ୍କ ସେମତ ସମସ୍ତ ସଭ୍ୟସଭ୍ୟା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ୟୁନିଟ୍‌ର ସମସ୍ତ ପଦାଧିକାରୀ, ବାଳାଶ୍ରମର ସମ୍ପାଦକଙ୍କ ସେମତ ବିଭିନ୍ନ ସଂଗଠନ ଓ ବ୍ୟକ୍ତି ବିଶେଷ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଟିମ୍‌କୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁବ୍ରତ ଦାସ, ମହେଶ ଦାଶ, ଧୀରଜ ବାରିକ, ଦମୟନ୍ତୀ ଦାଶ ଓ ବାଳାଶ୍ରମର ଗୃହପିତା ଚନ୍ଦନ ସାହୁ ପରିଚାଳନା କରୁଥିଲେ।

## ଗାଡ଼ି ଧକ୍କାରେ କନେଷ୍ଟବଳ ଗୁରୁତର



ବାସୁଦେବପୁର, ୧୭ ।୧୧(ସମିସ): ବାସୁଦେବପୁର ବ୍ଲକ ନରସିଂହପୁର ପଞ୍ଚାୟତର ମଖଲପୁର ଶନିମନ୍ଦିର ଛକରେ ଏକ ଅଜଣା ଗାଡ଼ି ଧକ୍କାରେ ପୁଲିସ କନେଷ୍ଟବଳ ସିଦ୍ଧେଶ୍ୱର ଖଟୁଆ ଗୁରୁତର ହୋଇଛନ୍ତି। ବାସୁଦେବପୁର-ଧାମରା ରାସ୍ତାର ପ୍ରତିଦିନ ଶହ ଶହ ଆଇରନ ବୋଝେଇ ଟ୍ରକ ଯାତାୟାତ କରୁଛି। ଜାମୁଝାଡିରୁ ଧାମରା ପର୍ଯ୍ୟନ୍ତ ୬୦ କିମି ରାସ୍ତା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ମରଣଯନ୍ତା ପାଲଟିଛି। ପ୍ରତିଦିନ ଗୋରୁଗାଈଙ୍କଠାରୁ ମଣିଷ ପର୍ଯ୍ୟନ୍ତ କେତେବେଳେ ଖଣ୍ଡିଆ ଖାବରା ହେଉଛନ୍ତି ତ ପୁଣି କେତେବେଳେ ମୁଣ୍ଡ ଗଡୁଛି। ପ୍ରତିଦିନ ଦୁର୍ଘଟଣାର କେହି ନା କେହି ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ସମୟରେ କ୍ଷତିପୂରଣ ପାଇଁ ରାସ୍ତା ଅବରୋଧ ହେଉଛି। ସକାଳ ୯ରୁ ୧୧ଟା ଓ ଅପରାହ୍ନ ୫ରୁ ରାତି ୯ଟା ଯାଏଁ ନୋ ଏଣ୍ଟ୍ରି ଲାଗୁ ହେଲା। ଏହି ଅଞ୍ଚଳ ଦେଇ ବେତଡାକୁ ବାଇକ ଯୋଗେ ଡ୍ୟୁଟି କରିବାକୁ ଯାଉଥିବା ବେଳେ କନେଷ୍ଟବଳ ସିଦ୍ଧେଶ୍ୱରଙ୍କୁ ମଖଲପୁର ଶନି ମନ୍ଦିର ଛକରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ଧକ୍କା ଦେଇଥିଲା। ସ୍ଥାନୀୟଲୋକ ଦେଖିଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ୧୦୮ ଆସିବା ବିଳମ୍ବ ହେବାରୁ ଘରୋଇ ଆମ୍ବୁଲାନ୍ସରେ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ରେଫର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ ଫେରାର ହୋଇଯାଇଛି।

**ଜାମୁଝାଡ଼ି-ଧାମରା ରାସ୍ତା ମରଣଯନ୍ତା**

## ଅବକାରୀ ଅଧିକାରୀ ସମ୍ବର୍ଦ୍ଧିତ



ଦୋଲସାହି, ୧୭।୧୧(ସମିସ): ଭୁବନେଶ୍ୱରଠାରେ ଆୟୋଜିତ ଜାତୀୟ ପ୍ରେସ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବାଚସ୍ପତି ସୁରମା ପାଢୀ ଢେଙ୍କାନାଳ ଜିଲ୍ଲା ଅବକାରୀ ଅଧିକାରୀ ଅମରେନ୍ଦ୍ର ଜେନାଙ୍କୁ ରାଜ୍ୟରେ ବେଆଇନ ମାଦକ ଦ୍ରବ୍ୟ ରୋକିବା ଓ ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ସମ୍ବର୍ଦ୍ଧିତ କରିଛନ୍ତି। ଅମରେନ୍ଦ୍ରଙ୍କ ନିଜ ଘର ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତ ଝାଡ଼ପଡ଼ାରେ। ଗ୍ରାମର ସ୍ୱର୍ଗତ ଶିକ୍ଷକ ବଂଶୀଧର ଜେନାଙ୍କ ପୁତ୍ର ହୋଇଥିବା ବେଳେ ରାଜ୍ୟର ବିଭିନ୍ନ ଜିଲ୍ଲାର ଜଣେ ଦକ୍ଷ ଅବକାରୀ ଅଧିକାରୀ ଭାବେ କାର୍ଯ୍ୟକରି ପ୍ରଶଂସିତ ହୋଇଥିଲେ। ତାଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଅବସରରେ ଗୁଆମାଳ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି।

## ପଙ୍ଗଟାରେ ମେଗା ସ୍ୱାସ୍ଥ୍ୟ ଶିବିର



**ଅସୁରାଳି, ୧୭।୧୧(ସମିସ):** ଧାମନଗର ବ୍ଲକ ହସନାବାଦ ପଞ୍ଚାୟତ ପଙ୍ଗଟା ପ୍ରାଥମିକ ସ୍କୁଲରେ ଭୁବନେଶ୍ୱର ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ସମାଜସେବୀ ପ୍ରସନ୍ନ ରଥଙ୍କ ତତ୍ତ୍ୱାବଧାନରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ହସନାବାଦ ପଞ୍ଚାୟତ ସମେତ ନଦୀଗାଁ, ଅର୍ଜୁନପୁର ଆଦି ପଞ୍ଚାୟତର ପ୍ରାୟ ୫ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବିତରଣ କରାଯାଇଥିଲା। ଶିବିରରେ ବିଭିନ୍ନ ବିଭାଗର ଅଭିଜ୍ଞତା ବିଶେଷଜ୍ଞ ଡାକ୍ତର ଯୋଗଦାନ କରିଥିଲେ। ଶିବିରକୁ ସଞ୍ଚାଳନା କରିଥିଲେ ପଙ୍ଗଟା ନାରାୟଣୀ ଯୁବକ ସଙ୍ଘର ସଭାପତି ସୁଦର୍ଶନ ବେହେରା, ସମ୍ପାଦକ ମାଧବାନନ୍ଦ ସାମଲ, ତ୍ରୈଲୋଚନ ବେହେରା, ସାମ୍ବାଦିକ ରତିକାନ୍ତ ନାୟକ ପ୍ରମୁଖ। ଉକ୍ତ ଶିବିରକୁ ପରିଚାଳନା କରିଥିଲେ ଶିକ୍ଷାବିତ ରମାକାନ୍ତ ମହାଳିକ।

## ରେଳ କର୍ମଚାରୀଙ୍କ ଅକାଳ ବିୟୋଗ



**ବନ୍ତ/ଆଗରପଡ଼ା,୧୭।୧୧(ସମିସ):** ବନ୍ତ ବ୍ଲକ ରାମପୁର ପଞ୍ଚାୟତ ଅଲଉତି ଗ୍ରାମର ରେଳ କର୍ମଚାରୀ (ବିଦ୍ୟୁତ୍ ବିଭାଗ) ଅଶୋକ ସାହୁଙ୍କ (୫୯)ଙ୍କ କିଡ୍‌ନୀଜନିତ ରୋଗରୁ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ବିୟୋଗ ଘଟିଛି। ତାଙ୍କର ସେ ଜଣେ ପରୋପକାରୀ, ଦୟାଳୁ ବ୍ୟକ୍ତି ଥିଲେ। ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସରପଞ୍ଚ ଗିରିଧାରୀ ସାହୁ, ମାଳିରାମ ବେହୁରିଆ, ନିରଞ୍ଜନ ଭୂୟାଁ, ରାଜକିଶୋର ଭୂୟାଁ , ତରଣିସେନ୍ ସୂତାର, କମଳାକାନ୍ତ ରାଉତ୍, ବିରାଜ ଭୂୟାଁ, ସତ୍ୟବାନ୍ ସାହୁ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ କୀର୍ତ୍ତନ ଦଳ ସହ ଗ୍ରାମ ବଜାର ପରିକ୍ରମା କରାଯାଇ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନପୁଅ ସ୍ୱାଗତ ସାହୁ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସମସ୍ତ ଭାଇବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଗର୍ଭିଣୀ ଗାଇ ଜୀବନ୍ତ ଦଗ୍ଧ



**ବନ୍ତ/ଆଗରପଡ଼ା, ୧୭।୧୧ (ସମିସ):** ଗୁହାଳ ଘରେ ନିଆଁ ଲାଗି ଗୋଟିଏ ଗର୍ଭିଣୀ ଗାଇ ଜୀବନ୍ତ ପୋଡ଼ି ଯାଇ ଜୀବନ୍ତ ଦଗ୍ଧ ହୋଇଯାଇଛି। ଅନ୍ୟ ୨ଟି ବାଛୁରି ଓ ଗୋଟିଏ ଗାଇ ଅର୍ଦ୍ଧାଧିକ ପୋଡ଼ି ଯାଇ ଗୁରୁତର ଅବସ୍ଥାରେ ଅଛନ୍ତି। ଆଗରପଡ଼ାସ୍ଥିତ ରାଉତରାପୁର ଗ୍ରାମର କୁଳମଣି ସେଠୀଙ୍କ ଗୁହାଳ ଘରେ ହଠାତ ନିଆଁ ଲାଗି ଯାଇଥିଲା। ଏହାଦେଖି ଲୋକମାନେ ପଶୁମାନଙ୍କୁ ଗୁହାଳରୁ ଉଦ୍ଧାର କରିବାପାଇଁ ଚେଷ୍ଟାକରି ବିଫଳ ହୋଇଥିଲେ। ଯଦ୍ଦ୍ୱାରା ଗୋଟିଏ ଗର୍ଭିଣୀ ଗାଇ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବା ସହ ଗୁରୁତର ଭାବେ ପୋଡ଼ି ଯାଇଥିବା ୨ଟି ବାଛୁରି ଓ ଗୋଟିଏ ଗାଇକୁ ଉଦ୍ଧାର କରିଥିଲା। ବିଦ୍ୟୁତ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ଥାଇପାରେ ବୋଲି ଅନୁମାନ କରାଯାଉଛି। ବିଜେପି ନେତା ଚିନ୍ମୟ ମହାପାତ୍ର, ଶିବାନନ୍ଦ ଦାସ ଅଧିକାରୀ, ଅଶୋକ ପରିଡ଼ା, ବାବୁରାମ ବେହେରା, ମହେନ୍ଦ୍ର ପୁହାଣ, ଟିକନ ବେହେରା, ଲକ୍ଷ୍ମୀଧର ସାହୁ, ପରମାନନ୍ଦ ମହାପାତ୍ର, ବିଜୟ ମହାପାତ୍ର ପ୍ରମୁଖ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି।

**ମାଣିପୁର ସିପୁନ ହତ୍ୟାକାଣ୍ଡ**

# ଅଭିଯୁକ୍ତଙ୍କ ସିନ୍ ରିକ୍ରିଏସନ୍ କରାଇଲା ପୁଲିସ

ଭଦ୍ରକ,୧୭।୧୧(ସମିସ)

ସାଙ୍ଗ ସାଜିଲା ସଇତାନ। କୋଇଲା ଚୋରି କାରବାରକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ସମ୍ପର୍କରେ ତିକ୍ତତା ପରେ ସାଂଗକୁ ଜୀବନରୁ ମାରି ଟ୍ରେନ ଦୁର୍ଘଟଣାର ରୂପ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଗତ ୭ ତାରିଖ ଭଦ୍ରକ ଜିଲ୍ଲା ବାଂଶଡ଼ା ଥାନା ଘଣ୍ଟେଶ୍ୱର ଫାଣ୍ଡି ମାଣିପୁର ଗାଁର ଚଗଲା ଦାସଙ୍କ ପୁଅ ସିପୁନଙ୍କୁ ରାତିରେ ଘରେ ଶୋଇଥିବା ବେଳେ ଡାକି ନେଇ ସେହି ଗ୍ରାମର ପପନ ଦାସ ଏବଂ ଅନ୍ୟ ଦୁଇ ସହଯୋଗୀ ହତ୍ୟା କରିଥିଲେ। ମାଣିପୁର ଗାଁର ୩ଜଣ ଯୁବକ ଏଥିରେ ସାମିଲ ହୋଇଥିଲେ। ଏହି ଅଭିଯୁକ୍ତମାନେ ହେଲେ ମୁଖ୍ୟ ପପନ ଓରଫ୍ ତପନ ନାୟକ, ସହଯୋଗୀ ବିଶୁ ଓରଫ୍ ବିଶ୍ୱରଞ୍ଜନ ଓ ପିଣ୍ଟୁ ମାନସ ରଞ୍ଜନ ଦାସ। ଏହି ମାମଲାରେ ସୋମବାର ପୁଲିସ ଅଭିଯୁକ୍ତଙ୍କୁ ଧରି ଘଟଣାସ୍ଥଳରେ ଅପରାଧର ଦୃଶ୍ୟାବତରଣ (ସିନ୍ ରିକ୍ରିଏସନ୍) କରାଇବା ପରେ କୋର୍ଟ ଚାଲାଣ କରିଛି।

■ ରେଳଧାରଣାରେ ଶବ ରଖି ଆତ୍ମହତ୍ୟାର ରୂପ

■ ଚୋରା କୋଇଲା କାରବାର ଲିଙ୍କ୍‌ରୁ ହତ୍ୟା



ସୂଚନା ଅନୁସାରେ, ସିପୁନଙ୍କ ସହ ମୁଖ୍ୟ ଅଭିଯୁକ୍ତର ପୂର୍ବ ସମ୍ପର୍କ ରହିଥିଲା ଏବଂ ଏହା ପରେ ଶତ୍ରୁତାରେ ପରିଣତ ହୋଇଥିଲା। ହତ୍ୟା କରିବା ପରେ ଏକ ମାଟିବୁହା ଟ୍ରାକ୍ଟର ମଧ୍ୟରେ କିଛି ସମୟ ପାଇଁ ଲୁଚାଇଥିଲେ। ପରେ ବିଳମ୍ବିତ ରାତିରେ ଯୋଜନାବଦ୍ଧ ଭାବେ ମାଣିପୁର ରେଳ ଧାରଣାରେ ଚଳନ୍ତା ଟ୍ରେନ ଆଗରେ ଶୁଆଇ ଦେଇ ଚାଲି ଯାଇଥିଲେ। ହତ୍ୟାକାଣ୍ଡକୁ ଆତ୍ମହତ୍ୟାର ରୂପ ଦେବାକୁ ଏହାଥିଲା ଅଭିଯୁକ୍ତଙ୍କ ଅପଚେଷ୍ଟା। ତେବେ ଗତ ୮ ତାରିଖ ସକାଳେ ଭଦ୍ରକ-ଧାମରା ରେଳ ଧାରଣାରେ ମୃତ ସିପୁନଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତକଙ୍କ ବାପା ଚଗଲା ଓରଫ ଚକ୍ରଧର ଦାସ ତାଙ୍କ ପୁଅକୁ ହତ୍ୟା କରି ଆତ୍ମହତ୍ୟା ରୂପ ଦେବାକୁ ଅଭିଯୁକ୍ତମାନେ ମସୁଧା କରୁଥିବା ଅଭିଯୋଗ କରିଥିଲେ। ବାଂଶଡା ଥାନାଧିକାରୀ ମହମ୍ମଦ ହାଫିଜ ଘଟଣାରେ ଏକ ମାମଲା ରୁଜୁ କରିଥିବା ବେଳେ ଘଣ୍ଟେଶ୍ୱର ଥାନାଧିକାରୀ ରାଜେଶ ସେଠୀ ଏହାର ତଦନ୍ତ କରିଥିଲେ। ସୋମବାର ସିନ-ରିକ୍ରିଏସନ ବେଳେ ମୁଖ୍ୟ ଅଭିଯୁକ୍ତ ସିପୁନଙ୍କୁ କେତେବେଳେ ଓ କେମିତି ମାରିଲା ଗୋଟି ଗୋଟି କରି ବଖାଣିଛି ପୁଲିସ ଆଗରେ। ଏହି ଯୋଜନାବଦ୍ଧ ହତ୍ୟାକାଣ୍ଡ ପଛରେ ପୂର୍ବଶତ୍ରୁତା ରହିଥିଲା। ଧାମରା ରେଳପଥରୁ ଚୋରା କୋଇଲା କାରବାରକୁ ନେଇ ସୃଷ୍ଟି ହୋଇଥିବା ବଚସାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି। ମୃତକ ଓ ହତ୍ୟା ଅଭିଯୁକ୍ତଙ୍କ ନାମରେ କୋଇଲା ଚୋରିନେଇ ପୂର୍ବରୁ ପୁଲିସ ରେକର୍ଡରେ ମାମଲା ରହିଛି।

● ପିତେଇପୁରରେ ମହିଳାଙ୍କୁ ଅପହରଣ ମାମଲା

## ଅଭିଯୁକ୍ତ ନାମରେ ଗୁରୁତର ଅଭିଯୋଗ; ପୁଲିସ ତଦନ୍ତ ଆରମ୍ଭ

ଦୋବଲ, ୧୭।୧୧(ସମିସ): ଧାମନଗର ଥାନା ସୋହଡ଼ା ପଞ୍ଚାୟତର ପିତେଇପୁର ଗାଁରେ ଜଣେ ମହିଳାଙ୍କୁ ଅନ୍ୟ ସଂପ୍ରଦାୟର ବ୍ୟକ୍ତି ନେଇଯିବା ଘଟଣା ରୋଚକ ମୋଡ଼ ନେଇଛି। ବିବାହିତା ମହିଳାଙ୍କୁ ଭିନ୍ନ ସଂପ୍ରଦାୟର କିଛି ବ୍ୟକ୍ତି ବଳପୂର୍ବକ ନେଇଯାଇ ଧର୍ମ ପରିବର୍ତ୍ତନ ପାଇଁ ଚାପ ସୃଷ୍ଟି କରିଥିବା ଗୁରୁତର ଅଭିଯୋଗ ଉଠିଛି। ମହିଳା ଜଣଙ୍କ ୧୪ ତାରିଖ ଧାମନଗର ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ପରେ ଧାମନଗର ଥାନାଧିକାରୀ ରଞ୍ଜନ ସେଠୀ ରବିବାର ପିତେଇପୁରରେ ପହଞ୍ଚି ପଚରାଉଚରା କରିଛନ୍ତି।




ଅଭିଯୋଗ ଅନୁସାରେ, ସେହି ଗ୍ରାମର ରସୁଆ ଖାନଙ୍କ ପୁଅ ସିଦ୍ଦିକ ଖାନ ଚା' ଦୋକାନରେ ଥଣ୍ଡାରେ ନିଶା ଦେଇ ମହିଳାଙ୍କୁ ଅସୁସ୍ଥ କରିଥିଲେ। ପରେ ମେଡିକାଲକୁ ନେବା ବାହାନା କରି ମହିଳାଙ୍କୁ ଅଚେତ ଅବସ୍ଥାରେ ହାଇଦ୍ରାବାଦକୁ ନେଇଯାଇ ଏକ ବନ୍ଦ ଘରେ ରଖିଥିଲେ। ସେଠାରେ ଧର୍ମ ପରିବର୍ତ୍ତନ କରିବାକୁ ଉସୁକାଉଥିବା ସହ ରାଜି ନ ହେଲେ ସ୍ୱାମୀ ଓ ଛୁଆପିଲାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଘଟଣାରେ ସମ୍ପୃକ୍ତ ସେହି ଗ୍ରାମର ସିଦ୍ଦିକ ଖାନ, ସେକ ଖଲିଲ, ସେକ କଲାମ, ରାଜୁ ଖାନଙ୍କ ନାମ ଅଭିଯୋଗରେ ଦର୍ଶାଯାଇଛି। ଏମାନେ ଦଳବଦ୍ଧ ଭାବରେ ମହିଳାଙ୍କୁ ଧମକଚମକ ଦେଇ ଧର୍ମ ପରିବର୍ତ୍ତନ କରାଇ ସମ୍ପର୍କ ସୃଷ୍ଟି ପାଇଁ ଚେଷ୍ଟା କରୁଥିବା ଅଭିଯୋଗରେ ଜଣାଯାଇଛି। ଚାପରେ ଥିବା ମହିଳା ଜଣଙ୍କ ନିରୁପାୟ ହୋଇପଡ଼ିଥିବା ସହ ଶେଷରେ ସିଦ୍ଦିକ ଖାନଙ୍କ ନାମରେ ଅଭିଯୋଗ କରିଛନ୍ତି। ପୂର୍ବ ସୂଚନା ଅନୁସାରେ, ଦୀପାବଳି ପୂର୍ବରୁ ପିତେଇପୁରରେ ଏନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ଲୋକଙ୍କ ଘରେ ଭଙ୍ଗାରୁଜା ହୋଇଥିଲା। ପ୍ରାୟ ୩ଟି ପିକ୍‌ଅପ୍ ଭ୍ୟାନ, ୬ରୁ ଅଧିକ ବାଇକ୍ ଭଙ୍ଗା ଯାଇଥିଲା। ଏହାକୁ ନେଇ ସଂପୃକ୍ତ ବ୍ୟକ୍ତିଙ୍କ ଗାଁରେ ତାଟି କବାଟ ପଡ଼ିଯାଇଥିଲା।

## ଚରମ୍ପା ଷ୍ଟେସନ୍‌ରୋଡ୍ ସଫା



ଭଦ୍ରକ, ୧୭।୧୧(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ଚରମ୍ପା ଷ୍ଟେସନ ରୋଡରେ ସରକାରୀ ଜମିରୁ ଉଚ୍ଛେଦ ଅଭିଯାନର ସୋମବାର ୨ୟ ଦିନରେ ଚରମ୍ପା ଷ୍ଟେସନ ବଜାର ପୁରା ସଫା ହୋଇଯାଇଛି। ଆଜି ୨ଟି ଜେସିବିରେ ପ୍ରାୟ ୭୦ ବହୁ ପୁରୁଣା ପକ୍କା ଦୋକାନ ଘର ଧରାଶାୟୀ ହୋଇଛି। ଏଥିରେ ୪ଟି ୨ମହଲା କୋଠା ଘର ସହ ପୁରୁଣା ଶାନ୍ତି ଜୁଏଲର୍ସର ବିରାଟ କୋଠା ମାଟିରେ ମିଶିଛି। ଏପରିକି ଉକ୍ତ ଜୁଏଲର୍ସର କୋଠା ଭାଙ୍ଗୁ ଭାଙ୍ଗୁ ଗୋଟିଏ ଜେସିବି ମେସିନର ଦାନ୍ତ ଭାଙ୍ଗି ଯାଇଥିଲା। ତହସିଲଦାର ପ୍ରିୟଦର୍ଶନ ସଂଗ୍ରାମ କେଶରୀ ଖୁଣ୍ଟିଆ, ଆଡିସନାଲ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଆଡିସନାଲ ତହସିଲଦାରୀ ସୁକାନ୍ତ କୁମାର ଦାଶ, ତହସିଲ ସୁପରଭାଇଜର ଜ୍ୟୋତିରଂଜନ ପଣ୍ଡା ଓ ରାଜସ୍ୱ ନୀରିକ୍ଷକ ରତ ମହାନ୍ତି ଓ ମନୋରମା ଧଳ ପ୍ରମୁଖଙ୍କ ସହ ପୌର କର୍ମଚାରୀ ଉପସ୍ଥିତ ଥିଲେ। ଏବେ ଚରମ୍ପା ଷ୍ଟେସନ ରୋଡ ଜବରଦଖଲମୁକ୍ତ ହୋଇ ପ୍ରଶସ୍ତ ହେବା ପରେ ଏଠାରେ ତୁରନ୍ତ ଦୁଇଥାକିଆ ରାସ୍ତା କାର୍ଯ୍ୟ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ମା' ବଢ଼ୀ ଜାଗୁଳାଇ ସାଂସ୍କୃତିକ ପରିଷଦ ସମ୍ବର୍ଦ୍ଧିତ

**ଧାମନଗର, ୧୭।୧୧(ସମିସ):** ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତର ବହୁ ପୁରୁଣା ପାଲା ଅନୁଷ୍ଠାନ ମା' ବୁଢ଼ୀ ଜାଗୁଳାଇ ସାଂସ୍କୃତିକ ପରିଷଦର ସମ୍ପାଦକ ସୋମନାଥ ସଙ୍ଖୁଆଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ଭଦ୍ରକ ବାଲେଶ୍ୱର ଜିଲ୍ଲା ଶାଖାର ୨ ଦିନିଆ ୪୫ତମ ବାର୍ଷିକ ସମ୍ମିଳନୀ ବନ୍ତ ବ୍ଲକ ଷେଣ୍ଟିରା ପଞ୍ଚାୟତ ମା' ଅଣ୍ଡିଆ ଶୁଣିଙ୍କ ପୀଠରେ ଉଦଯାପିତ ହୋଇଯାଇଛି। ଜିଲ୍ଲା ସଭାପତି ରାଜକିଶୋର ନାୟକଙ୍କ ପୌରୋହିତ୍ୟରେ ରାଜ୍ୟ ସଭାପତି ମଦନ ମୋହନ ଜେନା, ସମ୍ପାଦକ ବସନ୍ତ ରାଉତ, ଯୁଧିଷ୍ଠିର ପରିଡ଼ା, ସୁଦର୍ଶନ ମହାପାତ୍ର, ନାଟ୍ୟ ସମ୍ରାଟ ପୁରୁଷୋତ୍ତମ ବେହେରା, ଗାୟକ ବାବାଜୀ ଚରଣ ରାଉତ, ସ୍ମିତାଶ୍ରୀ ଦାସ, ଧନେଶ୍ୱର ଖଣ୍ଡାଇ, ସୂର୍ଯ୍ୟମଣି ଘଡ଼ାଇ, ଡ଼ ସନ୍ତୋଷ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ପରିଷଦର ସଭାପତି ସନ୍ତୋଷ ମହାପାତ୍ର, ସମ୍ପାଦକ ସୋମନାଥ ଶଙ୍ଖୁଆ, ଯୁଗ୍ମ ସମ୍ପାଦକ ଶମ୍ଭୁନାଥ ସାହୁ, ଅନିଲ ଜେନା, ବାବାଜୀ ଚରଣ ସେଠୀ, ଶରତଚନ୍ଦ୍ର ମହାପାତ୍ର, ସଦାନନ୍ଦ ପତି, ଗୋବିନ୍ଦ ବେହେରା, ଲକ୍ଷ୍ମୀଧର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।



## ବେଆଇନ ବାଲି ଚାଲାଣ; ତହସିଲଦାରଙ୍କ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି

ଅସୁରାଳି, ୧୭।୧୧(ସମିସ): ଧାମନଗର ବ୍ଲକ ହସନାବାଦ ପଞ୍ଚାୟତ ଅସ୍ତକ ମୌଜାରେ ଲୋକନାଥପୁର ନିକଟସ୍ଥ କୋଚିଲା ନଦୀର ବାମପାର୍ଶ୍ୱରେ ଦିନରାତି ବେଆଇନ ବାଲି ଉଠା ଚାଲିଛି। ଜେସିବି ଲଗାଇ ସହସ୍ର ଟ୍ରାକଟର ମାଧ୍ୟମରେ ଚୋରା ବାଲି ଚାଲାଣ କରାଯାଉଥିବାରୁ ଏହି ଅଞ୍ଚଳରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ବାଲି ଚାଲାଣ ସମୟରେ ରାସ୍ତାରେ ଧୂଳି ଉଡ଼ି ଯାତ୍ରୀଙ୍କ ଯାତାୟାତ ଅସମ୍ଭବ ହୋଇପଡୁଛି।



ବାଟରେ ଯାଉଥିବା ମଣିଷମାନଙ୍କଠାରୁ ଆରମ୍ଭ କରି ଗୃହପାଳିତ ପଶୁ ଯାଏଁ ସମସ୍ତେ ହଇରାଣ ହେଉଛନ୍ତି। ଛୋଟ ମୋଟ ଦୁର୍ଘଟଣା ଘଟୁଛି। ବେଆଇନ ବାଲି ଉଠାରୁ କୋଚିଲା ନଦୀର ପଥ ପରିବର୍ତ୍ତନ ହୋଇ ପରିବେଶ ସମସ୍ୟା ସୃଷ୍ଟି ହୋଇଛି। ପୁଣି ବାଲି ଷ୍ଟକ୍ ରଖି ଅନବରତ ଭାବେ ବାଲି ଉଠା ଚାଲିଛି ଓ ବାରମ୍ବାର ଲୋକେ ଏହି ବେଆଇନ ବାଲି ଚାଲାଣ ଉପରେ ଅବଗତ କରାଇଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ତହସିଲଦାର ସାଇ ଲୋକନାଥ ସେଠୀ ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସେ ଏ ସଂକ୍ରାନ୍ତରେ ଖଣି ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

## ଡିଏଭି ସ୍କୁଲରେ ବାର୍ଷିକ ପ୍ରଦର୍ଶନୀ 'ଆଶାଏଁ'



ଭଦ୍ରକ, ୧୭।୧୧(ସମିସ): କୁଆମରାସ୍ଥିତ ଆଦାନି ଡିଏଭି ପବ୍ଲିକ ସ୍କୁଲରେ ବାର୍ଷିକ ପ୍ରଦର୍ଶନୀ 'ଆଶାଏଁ' ଆୟୋଜିତ ହୋଇଯାଇଛି। ଡିପିସିଏଲ୍ ସିଇଓ ଦେବେନ୍ଦ୍ର ଠକର ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। କୁଆମରା ପ୍ରୋଜେକ୍ଟ ୟୁପିଏସ୍ କ୍ଲଷ୍ଟର ତ୍ରିଲୋଚନ ଦାସ, ଆଦାନି ଡିଏଭି ପବ୍ଲିକ ସ୍କୁଲର ଅଧକ୍ଷା କୃଷ୍ଣପ୍ରିୟା ଷଡ଼ଙ୍ଗୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଭିନ୍ନ ବିଷୟର ମୋଟ ୨୫୦ଟି ପ୍ରକଳ୍ପ ଛାତ୍ରଛାତ୍ରୀ ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ତଥା ଅନ୍ୟାନ୍ୟ ଅତିଥିମାନେ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ପ୍ରାଚୀର ପତ୍ର ମଧ୍ୟ ଉନ୍ମୋଚିତ କରିଥିଲେ। ନିକଟବର୍ତ୍ତୀ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଏହି ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ଛାତ୍ରଛାତ୍ରୀଙ୍କ ବ୍ୟତୀତ ୬୫୦ ଜଣ ଅଭିଭାବକ ବିଦ୍ୟାଳୟର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମସ୍ତ ପ୍ରକଳ୍ପକୁ ସ୍ଥାନୀୟ ବିଦ୍ୟାଳୟର ଅନୁଭବୀ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ଉଚିତ ମାନଦଣ୍ଡ ଏବଂ ମୂଲ୍ୟଯୁକ୍ତ ମାପଦଣ୍ଡ ଅନୁଯାୟୀ ମୂଲ୍ୟାଙ୍କନ କରି ବିଭିନ୍ନ ବର୍ଗର ସର୍ବଶ୍ରେଷ୍ଠ ପ୍ରକଳ୍ପକୁ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ ବିଦ୍ୟାଳୟ ପରିସରରେ ଏକ ପୁସ୍ତକମେଳା ମଧ୍ୟ ଆୟୋଜନ କରାଯାଇଥିଲା।

# 'ଜନସେବା ପ୍ରଶାସନର ପ୍ରାଥମିକତା ହେବା ବିଧେୟ'

ଭଦ୍ରକ, ୧୭।୧୧(ସମିସ)



**ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ୮ମ ସନ୍ଧ୍ୟା**

ସରକାରଙ୍କ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ହେଉ କି ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ ଓ ସୁସ୍ଥ ଭାବେ ପରିଚାଳନା କରିବା ହେଉ, ଜନସେବା ପ୍ରଶାସନର ପ୍ରାଥମିକତା ହେବା ବିଧେୟ ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ୮ମ ସନ୍ଧ୍ୟାରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଖ୍ୟାତ ସମାଜସେବୀ କପିଳ ଚରଣ ଦାସଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ଏହି ମଞ୍ଚରେ "ଜନସେବାରେ ପ୍ରଶାସନର ଭୂମିକା' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହୋତ୍ସବର ଉପଦେଷ୍ଟା ରୋଟାରିୟାନ ଅତିସ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ଭଦ୍ରକର ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ସମାଜସେବୀ ସୀତାକାନ୍ତ ଦାସ ବିଶିଷ୍ଟ ଅତିଥି, ଭଦ୍ରକ ଗାନ୍ଧୀ ବାଳାଶ୍ରମ ସମ୍ପାଦକ ଅଶୋକ କୁମାର ଦାସ, ବରେଣ୍ୟ ଅତିଥି ପୁରୀ ଜଗା ଚାକର ସଙ୍ଘର ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ମୁଖ୍ୟବକ୍ତା ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ, ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନର ସମ୍ପାଦିକା ଅଞ୍ଜନା ମିଶ୍ର, କଣ୍ଠଶିଳ୍ପୀ ଶଶିକଳା ମିଶ୍ର ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। କବୟିତ୍ରୀ ରତିକା ନାୟକ ଅତିଥିଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ରବିନାରାୟଣ ଖିଲାର ଅତିଥି ପରିଚୟ ଓ ସଭାପତି ଇଂ ଅଭୟ ସୂତାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହୋତ୍ସବର ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ପରିଚାଳନା କରିଥିଲେ। ମହୋତ୍ସବ ସହସମ୍ପାଦିକା ମନୋରମା ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ବିଶିଷ୍ଟ ହାସ୍ୟ ଅଭିନେତା ନିମାନନ୍ଦ ସାହୁ ଓ ଦୂରଦର୍ଶନ ଧାରାବାହିକ ଅଭିନେତ୍ରୀ ମିସ୍ ଜୁଲି ସଂଳାପ ପରିବେଷଣ ଓ ମନମୋହନ ସଂଗୀତ ପରିଷଦର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ରୋଭର୍ସ କ୍ଲବ୍‌ରେ ମୁଖତାର ଅହେମଦ ଆଜାଦଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୧୭।୧୧(ସମିସ): ରୋଭର୍ସ କ୍ଲବର ଆଗଧାଡ଼ିର ପରିଚିତ ଖେଳାଳି, ପୂର୍ବତନ ପାରିଷଦ ତଥା ସମାଜସେବୀ ମୁଖତାର ଅହେମଦ ଆଜାଦ ଓରଫ (ମୁମୁ)ଙ୍କ ପରଲୋକରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ପୁରୁଣା ବଜ଼ାର ରୋଭର୍ସ କ୍ଲବ ଆନୁକୂଲ୍ୟରୁ ସନ୍ଧ୍ୟାରେ କ୍ଲବ ପରିସରରେ କ୍ଲବ ସଭାପତି ହାଜି କାସିମ ଖାନଙ୍କ ସଭାପତିତ୍ୱ କରିଥିଲେ। ସମାଜସେବୀ ସୁଧାକର ରାଉତ ଏହାକୁ ସଞ୍ଚାଳନ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ପୌରାଧକ୍ଷ ଗୁଲମକ୍କୀ ଦଲୱାଜି ହବିବ, ସମାଜସେବୀ ଏସ.ଏମ. ଫାରୁକ, ଅଜୟ ନାୟକ, କ୍ଲବ ସମ୍ପାଦକ ହରୀ ପ୍ରସାଦ ନନ୍ଦୀ, କବି ଅବଦୁଲ ଦୟାନ ଜିଆ ଦେବେନ୍ଦ୍ର ମହାନ୍ତି, ହାଜି ଅବଦୁଲ ମୁକିତ ଖାନ, କମଳାକାନ୍ତ ସ୍ୱାଇଁ, ମହମ୍ମଦ ଜକାଉଲ୍ଲା, ଲକ୍ଷ୍ମୀକାନ୍ତ ବାରିକ, ବସୁମିତ୍ରା ସାହୁ, ଡାକ୍ତର ରବି ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ପାରିଷଦ ଯହିରୁଦ୍ଦିନ ଖାନ, ପାରିଷଦ ନାସର ଅଲି, ପୂର୍ବତନ ପାରିଷଦ ଅସରଫ ଅଲି ଖାନ, ସହିଲ ଅହେମଦ, ମହମ୍ମଦ ଫିରୋଜ୍, କବି ମୁସ୍ତାକ ଗୌହର ଓ ତନବିର ଖାନ ପ୍ରମୁଖ ଯୋଗଦାନ କରିଥିଲେ। କ୍ଲବର ସଭ୍ୟ ଶେଖ ନଜିମୁଦ୍ଦିନ, ହାଜି ଅବଦୁଲ ଦୟାନ, ହାଜି ମତଲୁବ ଅଲି, ହାଜି ତବାରକ ଅଲି, ମିର୍ଜା ଇଜ୍‌ଜାଜ ବେଗ, ମିର୍ଜା ଫରୟାଦ ବେଗ, ଜବି ଆପା, ଇଂ ହବିବୁଲ୍ଲା ଖାନ, ହାଜି ଅବୁ ହୋସେନ, ଫାରୁକ ଖାନ, ଇଂ ମନାୱାର ହୋସେନ, ନାଶିର ଅଲି, ସଲିମ ଖାନ, ସମିର ଓ ଲାଲା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସୂଚନାଯୋଗ୍ୟ, ୧୯୮୫ରୁ ୧୯୯୦ ମଧ୍ୟରେ ମୁମୁ ୱାର୍ଡ ନଂ ୧୦ ତଥା ଏବେର କାଜି ମହଲ୍ଲା ୨୭ ନମ୍ବର ୱାର୍ଡର ପାରିଷଦ ରହିଥିଲେ। ପୁରୁଣା ବଜ଼ାର ଅଞ୍ଚଳରେ ମୁମୁ ଭାଇ ନାମରେ ପରିଚିତ ଅହେମଦ ଆଜାଦଙ୍କୁ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଡକାଯାଉଥିଲା। ସୁଦୂର ଆମେରିକାରେ ରହି ନିଜ ରୋଭର୍ସ କ୍ଲବ ପାଇଁ ଅନୁଦାନ ରାଶି ଓ ଭଦ୍ରକର ସାଙ୍ଗସାଥୀଙ୍କ ପାଇଁ ମଧ୍ୟ ଉପହାର ପଠାଉଥିଲେ ଏବଂ ଆଣିକି ମଧ୍ୟ ଦେଇଛନ୍ତି। ଗତ ୧୪ ତାରିଖ ହୃଦଘାତରେ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଛି।



**ଉରୁମୁଣ୍ଡାର ଜନଜାତି ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ମାମଲା**

# ଆଜି ୧୨ ଘଣ୍ଟିଆ କେନ୍ଦୁଝର ବନ୍ଦ ଡକରା

କେନ୍ଦୁଝର/ଯୋଡ଼ା, ୧୭।୧୧(ସମିସ):



କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଉରୁମୁଣ୍ଡା ଗ୍ରାମର ୮ ବର୍ଷର ଦିବ୍ୟାଙ୍ଗ ଜନଜାତି ନାବାଳିକାକୁ ଆସିଫ ଅନବର ଖାନ ନାମକ ଫେରିବାଲା ଶନିବାର ଅପରାହ୍ନରେ ଦୁଷ୍କର୍ମ କରିଥିବାବେଳେ ପୀଡିତା କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗ ସହିତ କେନ୍ଦୁଝରରେ ବଢୁଥିବା ଅନୁପ୍ରବେଶକାରୀଙ୍କ ଅସାମାଜିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦୁଝରରେ ମହିଳାଙ୍କ ଉପରେ ଏହି ଅସାମାଜିକ ବ୍ୟକ୍ତି ଲୋଲୁପ ଦୃଷ୍ଟି ପକାଇ ସେମାନଙ୍କୁ ଅପହରଣ, ଦୁଷ୍କର୍ମ ଓ ହତ୍ୟାର ଅନେକ ଘଟଣା ଘଟି ଚାଲିଥିବାବେଳେ କିଛି ଲୋକଲୋଚନକୁ ଆସୁଥିବାବେଳେ ଅନେକ ଲୋକଙ୍କ ନଜରରୁ ଦୂରେଇ ରହୁଛି। ଏ ବିଷୟରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ପୁଲିସକୁ ପୂର୍ବରୁ ଜଣାଇଥିଲେ ମଧ୍ୟ ସେମାନଙ୍କୁ ଚିହ୍ନଟ କରି କେନ୍ଦୁଝରରୁ ବିଦା କରିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଥିପାଇଁ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଆଜି କେନ୍ଦୁଝର ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିବା ସହିତ ମଙ୍ଗଳବାର ସକାଳ ୬ଟାରୁ ୧୨ ଘଣ୍ଟିଆ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜିଲ୍ଲା ବନ୍ଦ ଡକରା ଦିଆଯାଇଛି। ଏହାକୁ ସମସ୍ତ ହିନ୍ଦୁ ସଂଗଠନ ଓ ହିନ୍ଦୁ ଭାଇଭଉଣୀ ସହଯୋଗ ଓ ସମର୍ଥନ କରିବାକୁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ନିବେଦନ କରାଯାଇଛି।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜନଜାତୀୟ ଗୌରବ ଦିବସ




ଯୋଡ଼ା, ୧୭।୧୧(ସମିସ): ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ, ରୋଇଡ଼ା-ଓ ଓ ଟେନସା ମାଇନ୍ସରେ ଅଞ୍ଚଳରେ ମହାନ ବନବାସୀ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମଦିବସ ତଥା ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। କାଶିଆ ଓ ରୋଇଡ଼ା-ଓ ମାଇନ୍ସ ଅଞ୍ଚଳରେ ସ୍କୁଲ ଛାତ୍ରଛାତ୍ରୀ, ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଓ ସ୍ଥାନୀୟ ଜନଜାତି ସମୁଦାୟ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀ ପାରମ୍ପରିକ ଜନଜାତି ବେଶଭୂଷା ସହ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜନଜାତି ପରମ୍ପରା ଓ ସଂସ୍କୃତିର ନିଦର୍ଶନ ଦେଖିବାକୁ ମିଳିଥିଲା। ଏ ଅବସରରେ କମ୍ପାନୀର ଅଗ୍ନିଶମ ଓ ନିରାପତ୍ତା ବିଭାଗ ଅଧିକାରୀ ଅଗ୍ନି ନିରାପତ୍ତା ଓ ସଡ଼କ ସୁରକ୍ଷା ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କୁ ସଚେତନ କରାଇଥିଲେ। ଏକ ସଚେତନତା ରଥ ପରିକ୍ରମା କରିଥିଲା। ଜିନ୍ଦଲ ଷ୍ଟିଲ୍ ବିକେଟିଆର କ୍ଲଷ୍ଟର ମୁଖ୍ୟ ପ୍ରମୋଦ ପାତ୍ର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶ୍ରୀ ପାତ୍ର ବିର୍ସା ମୁଣ୍ଡାଙ୍କ ଅବଦାନ ସମ୍ପର୍କରେ ସ୍ମରଣ କରିବା ସହ ଜିନ୍ଦଲର ଦାୟିତ୍ୱପୂର୍ଣ୍ଣ ଖଣି ପରିଚାଳନା ନୀତି ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କୁ ଅବଗତ କରାଇଥିଲେ। ଏହି ରଥ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ଦଶଟି ଗ୍ରାମ ପରିକ୍ରମା କରି ଅଗ୍ନି ନିରାପତ୍ତା ଓ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିବ।

ସେହିପରି ଫାଉଣ୍ଡେସନ ପକ୍ଷରୁ ଟେନସା ଜିରୋ ପଏଣ୍ଟରେ ବିର୍ସାମୁଣ୍ଡାଙ୍କ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଥିଲା। ମାଇନ୍ସ ମ୍ୟାନେଜର ଭରଦ୍ୱାଜ ରାଉତ ସ୍ୱାଧୀନତା ସଂଗ୍ରାମରେ ସହିଦ ବିର୍ସା ମୁଣ୍ଡାଙ୍କ ବଳିଦାନ ଓ ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ତାଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଜନଜାତି ସମୁଦାୟ ଯୋଗ ଦେଇଥିଲେ। ଜିନ୍ଦଲ ଷ୍ଟିଲ ତୃଣମୂଳ ସ୍ତରରେ ଜନଜାତି ସମୁଦାୟର ଜୀବନଜୀବିକାରେ ସକରାତ୍ମକ ପରିବର୍ତ୍ତନ ଆଣିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଆସୁଛି। ଜିନ୍ଦଲ ଷ୍ଟିଲର ନିରନ୍ତର ସାମାଜିକ ଉନ୍ନୟନ କାର୍ଯ୍ୟକ୍ରମ, ଏହାର ସମସ୍ତ କାର୍ଯ୍ୟକ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି। ଚିରନ୍ତନ ବିକାଶ, ନୂତନତା ଓ ସାମଗ୍ରିକ ଅଭିବୃଦ୍ଧି ଉପରେ ନିରନ୍ତର ଗୁରୁତ୍ୱ ପ୍ରଦାନ ସହ ସମୁଦାୟକୁ ସଶକ୍ତ କରିବା, ସ୍ୱାସ୍ଥ୍ୟକର ଓ ଚିରନ୍ତନ ଭବିଷ୍ୟତ ନିର୍ମାଣ କରିବାରେ ଜିନ୍ଦଲ ଫାଉଣ୍ଡେସନ ଅବିରତ କାର୍ଯ୍ୟ କରୁଛି।

**■ ସ୍କୁଲରୁ ଗ୍ୟାସ୍ ସିଲିଣ୍ଡର ଚୋରି**

## ମଧ୍ୟାହ୍ନ ଭୋଜନରେ ବିସ୍କୁଟ ଖାଇଲେ ଛାତ୍ରଛାତ୍ରୀ



ହାଟଡିହି,୧୭।୧୧(ସମିସ): ସ୍କୁଲରୁ ଗ୍ୟାସ୍ ସିଲିଣ୍ଡର ଚୋରି କରିନେଇଛନ୍ତି ଦୁର୍ବୃତ୍ତ। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହୋଇ ନ ପାରିବାରୁ ଛାତ୍ରଛାତ୍ରୀ ବିସ୍କୁଟ ଖାଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ହାଟଡିହି ବ୍ଲକ୍ ତରାଗଡ଼ିଆ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ। ଗତକାଲି ରବିବାର ଥିବାରୁ ସ୍କୁଲ ଛୁଟି ଥିବାବେଳେ କେହି ଦୁର୍ବୃତ୍ତ ବିଦ୍ୟାଳୟ ରୋଷେଇ ଘରର ତାଲା ଭାଙ୍ଗି ପରିସରରେ ଥିବା ଦୁଇଟି ଗ୍ୟାସ୍ ସିଲିଣ୍ଡରକୁ ଚୋରି କରି ନେଇଛନ୍ତି। ଆଜି ସ୍କୁଲ ଖୋଲାଯିବା ପରେ ଚୋରି ସମ୍ପର୍କରେ ଜଣାପଡିଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦେବଯାନୀ ଜେନା ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଏପରି ଘଟଣା ପରେ ସ୍କୁଲ କର୍ତ୍ତୃପକ୍ଷ ହଠାତ୍ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କରିପାରି ନ ଥିଲେ। ଫଳରେ ଶିକ୍ଷାଧିକାରୀଙ୍କ ପରାମର୍ଶ କ୍ରମେ ଛାତ୍ରଛାତ୍ରୀଙ୍କୁ ବିସ୍କୁଟ ପ୍ରଦାନ କରିଥିବା ଜଣାଯାଇଛି।

## ହାଡ଼ଭଙ୍ଗା ଶୀତରେ ଥରୁଛି ପାଟଣା ଅଞ୍ଚଳ

ତୁରୁମୁଙ୍ଗା, ୧୭।୧୧(ସମିସ): କେନ୍ଦୁଝର ଜିଲ୍ଲାରେ କିଛିଦିନ ହେବ ଶୀତର ଲହରୀ ଜାରି ରହିଥିବାବେଳେ ଅସହ୍ୟ ଥଣ୍ଡାରେ ଥରୁଛି ପାଟଣା ଅଞ୍ଚଳ। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳରେ ତାପମାତ୍ରା ୪ ଡିଗ୍ରୀ ରହିଥିବାରୁ ଅସହ୍ୟ ଥଣ୍ଡା ଅନୁଭବ ହେଉଛି। ସକାଳୁ ଘରୁ ବାହାରିବା ମୁସ୍କିଲ ହୋଇପଡିଥିବାବେଳେ ପ୍ରାତଃ ଭ୍ରମଣ ସାଙ୍ଗକୁ ଛାତ୍ରଛାତ୍ରୀ ପାଠ ପଢିବାକୁ ଯିବାରେ ସମସ୍ୟା ଦେଖା ଦେଇଛି। ବିଶେଷକରି ବୃଦ୍ଧବୃଦ୍ଧାଙ୍କୁ ଅସହ୍ୟ କଷ୍ଟ ଦେଉଛି ଶୀତ। ପ୍ରବଳ ଥଣ୍ଡା ଯୋଗୁଁ ରାଜପଥରେ ଗାଡ଼ି ଚଳାଚଳରେ ସମସ୍ୟା ଦେଖା ଦେଇଥିବାବେଳେ ସକାଳୁ ସକାଳୁ ଚା' ଦୋକାନରେ ଲୋକଙ୍କ ଭିଡ଼ ଜମିବା ଦେଖା ଦେଉଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ପୁଇଁ ହେଉଥିବାବେଳେ ଚା' ଖଟିରେ ଭିଡ଼ ଜମାଇ ଥଣ୍ଡାର ମଜା ନେଉଛନ୍ତି।



## ରେକୁଟିଆ ନିମ ଛକରେ କାର୍ତ୍ତିକେଶ୍ୱରଙ୍କ ପୂଜା



ଆନନ୍ଦପୁର, ୧୭।୧୧ (ସମିସ): ରେକୁଟିଆ ନିମ ଛକ ପୂଜା ମଣ୍ଡପରେ କାର୍ତ୍ତିକେଶ୍ୱର୍ ପୂଜା ଆରମ୍ଭ ହୋଇଛି। ୧୬ ତାରିଖରେ ପୂଜକ ଚୈତନ୍ୟ ପତି ଓ କୁଳମଣି ପଣ୍ଡାଙ୍କ ମାର୍ଗଦର୍ଶନରେ ପବିତ୍ର ସେନ୍ଦେଇ ନଦୀରୁ କଳସ ବୁଡ଼ା ହୋଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଛି। ସୁବୋଧ କୁମାର ଜେନା ଓ ସହଧର୍ମିଣୀ ସଂକଳ୍ପ କରୁଛନ୍ତି। ଉପଦେଷ୍ଟା କରୁଣାକର ଚକ୍ରଙ୍କ ସହ କମିଟି ସଭ୍ୟ ଦିବାକର ଜେନା, ଅନନ୍ତ ଜେନା, କୁଳ ଚକ୍ର, ସନାତନ ଚକ୍ର, ଅନାମ ଜେନା, ପୂର୍ଣ୍ଣ ଚକ୍ର, ବିଷ୍ଣୁ ଚକ୍ର, ଗୋବିନ୍ଦ ଜେନା, ବିଜୟ ଚକ୍ର, ନିକୁଞ୍ଜ ଜେନା, ପର୍ଶୁରାମ ଜେନା, ଚଗୁଲୁ କେଶି, କାଳନ୍ଦୀ ଜେନା ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ରବିବାର ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯକ୍ରମ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## କନକମଞ୍ଜରୀ ବାଲ୍ ଶିକ୍ଷା ସଂସ୍ଥାନର କ୍ୟାବିନେଟ୍ ଗଠିତ

ଆନନ୍ଦପୁର, ୧୭।୧୧ (ସମିସ): ଆନନ୍ଦପୁର ଉପଖଣ୍ଡ ଘସିପୁରାସ୍ଥ କନକମଞ୍ଜରୀ ବାଲ୍ ଶିକ୍ଷା ସଂସ୍ଥାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କ୍ୟାବିନେଟ୍ ଗଠନ ହୋଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଧର ମହାରଣାଙ୍କ ପରାମର୍ଶକ୍ରମେ ପ୍ରଧାନଆଚାର୍ଯ୍ୟ ମନମୋହନ ଦାସ କ୍ୟାବିନେଟ୍ ଗଠନ କରିଛନ୍ତି। ଏହି କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀ ଭାବେ ପ୍ରଶାନ୍ତ ରାୟ ମନୋନୀତ ହୋଇଥିବାବେଳେ ଉପମୁଖ୍ୟମନ୍ତ୍ରୀ ଭାବେ ମନୀଷା ପ୍ରିୟଦର୍ଶିନୀ ମନୋନୀତ ହୋଇଛନ୍ତି। ସେହିପରି ଶିକ୍ଷାମନ୍ତ୍ରୀ ଭାବେ ଜିଜ୍ଞାସୁ ରାଉତ, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ଭାବେ ବାସୁଦେବ ସାହୁ, ପରିବେଶ ମନ୍ତ୍ରୀ ଭାବେ ସୁଜିତ ନାଥ, ସ୍ୱାସ୍ଥ୍ୟ ଓ ପରିମଳ ମନ୍ତ୍ରୀ ଭାବେ ସଂସ୍କୃତି ମହାରଣା, ଖାଦ୍ୟମନ୍ତ୍ରୀ ଭାବେ ଶ୍ରେୟାଂଶୁ ରାଉତ, ମୀନା ମନ୍ତ୍ରୀ ଭାବେ ଶ୍ରେୟାଂଶୀ ପଣ୍ଡା ମନୋନୀତ ହୋଇଛନ୍ତି। ବିଦ୍ୟାଳୟ ର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ମନୋନୀତ ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଦମକଳ ଗାଡ଼ି ଦୁର୍ଘଟଣାଗ୍ରସ୍ତ; ୬ ଆହତ

ବଡ଼ବିଲ,୧୭।୧୧(ସମିସ): ଗତକାଲି ରାତିରେ ବଡ଼ବିଲ ଅଗ୍ନିଶମ ଗାଡ଼ି ନିଆଁ ଲିଭାଇବା ପାଇଁ ଯାଉଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଗାଡ଼ିରେ ଥିବା ୬ ଜଣ କର୍ମଚାରୀ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ରେଫର କରାଯାଇଛି। ଗତକାଲି ଭାଦ୍ରାସାହିଠାରେ ନିଆଁ ଲାଗିଥିବା ଖବର ପାଇ ଅଗ୍ନିଶମ କର୍ମଚାରୀ ଭଦ୍ରାସାହିକୁ ଯାଉଥିଲେ। ବଡ଼ବିଲ କଲେଜ ନିକଟରେ ଏକ ଟ୍ରକ୍ ଅଗ୍ନିଶମ ଧକ୍କା ହୋଇଥିବା ଜଣାପଡ଼ିଛି। ଧକ୍କା ଦେଇଥିବା ଟ୍ରକ୍ ଫେରାର ହୋଇଯାଇଥିଲା।

## ଆରମ୍ଭ ହେଲା ବ୍ୟାଘ୍ର ଗଣନା

ମହୁଲଡିହା,୧୭।୧୧(ସମିସ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳ ଓ ସାତକୋଶିଆ ବଣ୍ୟପ୍ରାଣୀ ବନାଞ୍ଚଳରେ ବ୍ୟାଘ୍ର ଗଣନା ସୋମବାରଠାରୁ ଆରମ୍ଭ ହୋଇଛି। ଠାକୁରମୁଣ୍ଡା ବନାଞ୍ଚଳରେ ୧୪ଟି ଗ୍ରୁପରେ ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀ ମୁତୟନ ହୋଇଛନ୍ତି। ସେହିପରି ସାତକୋଶିଆ ବଣ୍ୟପ୍ରାଣୀ ବନାଞ୍ଚଳରେ ୧୧ଟି ଗ୍ରୁପରେ ୨୫ରୁ ଅଧିକ କର୍ମଚାରୀ ଗଣନା କାର୍ଯ୍ୟରେ ସାମିଲ ହୋଇଛନ୍ତି। ପ୍ରଥମ ଦିନ ଗଣନାରେ କୌଣସି ହିଂସ୍ର ଜନ୍ତୁଙ୍କ ସୂଚନା ମିଳିନାହିଁ। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଗଣନା ଜାରି ରହିବ ବୋଲି ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ସୂଚନା ଦେଇଛନ୍ତି।

## ଟାଟା ଷ୍ଟିଲ ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସ ପକ୍ଷରୁ ଖଣି ସୁରକ୍ଷା ପ୍ରଶିକ୍ଷଣ



ଯୋଡ଼ା, ୧୭।୧୧(ସମିସ): ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଟାଟା ଷ୍ଟିଲର ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସର ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ ପକ୍ଷରୁ ଖଣି ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୧୫ ତାରିଖରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମବାସୀ ଓ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ ସାମିଲ ହୋଇଥିଲେ। ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍) ଭୁବନେଶ୍ୱର ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଖଣି କ୍ଷେତ୍ର ଓ ଦୈନନ୍ଦିନ ଜୀବନରେ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ଖଣି ସୁରକ୍ଷା ସମେତ ମାଇନିଂ କାର୍ଯ୍ୟକଳାପରେ ପରିବେଶ ଓ ସ୍ଥାନୀୟ ଲୋକଙ୍କ ଉପରେ ପଡୁଥିବା ପ୍ରଭାବ, ଆବଶ୍ୟକ ସୁରକ୍ଷା ପଦକ୍ଷେପ, ଘରେ ବିଦ୍ୟୁତ, ଅଗ୍ନି ଓ ରାସାୟନିକ ସୁରକ୍ଷା ସଚେତନତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ନିୟମିତ ପରୀକ୍ଷଣ ସହ ଜରୁରୀକାଳୀନ ସ୍ଥିତିରେ ସତର୍କତା ଅବଲମ୍ବନ ଉପରେ ସୂଚନା ଦିଆଯାଇଥିଲା। ଏହି ସୁରକ୍ଷା କାର୍ଯ୍ୟକ୍ରମ ତିନୋଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ବିଛାକୁଣ୍ଡିର ମୁଣ୍ଡା ବସ୍ତିରେ ଆୟୋଜିତ କାର୍ଯ୍ୟକ୍ରମରେ ଜୋଡା ୱେଷ୍ଟ ଆଇରନ୍ ମାଙ୍ଗାନିଜ୍ ମାଇନର ସହକାରୀ ପ୍ରବନ୍ଧକ ସୌମ୍ୟରଞ୍ଜନ ପଣ୍ଡା, ଟିଏସଏଫ୍ ପ୍ରବନ୍ଧକ ପ୍ରଦୀପ୍ତ ମାନସିଂହ ଯୋଗ ଦେଇଥିଲେ। ଜୋରିବାର ସ୍କୁଲରେ ବାମେବାରି ଆଇରନ୍ ଓ ମାଙ୍ଗାନିଜ୍ ମାଇନ ପକ୍ଷରୁ ପ୍ରବନ୍ଧକ ଅମୂଲ୍ୟ ପଣ୍ଡା, ସହପ୍ରବନ୍ଧକ ଆଲୋକ ସିଂହ ସରଦାର, ସୁରକ୍ଷା ଅଧିକାରୀ ପୁଷ୍ପେନ୍ଦ୍ର ରାଓ ଓ ଶ୍ରମିକ ସଂଘ ଅଧ୍ୟକ୍ଷ ଅରୁଣ ପ୍ରଧାନ ପ୍ରଶିକ୍ଷଣ ଦେଇଥିଲେ। ବିଡିପି କ୍ୟାମ୍ପ (ପାଲସା)ରେ ଆୟୋଜିତ କାର୍ଯ୍ୟକ୍ରମରେ ତିରିଂପାହାଡ଼ ଆଇରନ୍ ଓ ମାଙ୍ଗାନିଜ୍ ମାଇନ୍ ପ୍ରବନ୍ଧକ ରାକେଶ କୁମାର ଓ ସହକାରୀ ପ୍ରବନ୍ଧକ ଅରିନ୍ଦମ ପାଣି ପ୍ରଶିକ୍ଷଣ ଦେଇଥିଲେ।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଚମ୍ପୁଆ,୧୭।୧୧(ସମିସ): ଚମ୍ପୁଆ ବ୍ଲକ ଅଧୀନସ୍ଥ ବ୍ରହ୍ମପୁର କରଞ୍ଜିଆ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବ୍ଲକର ପ୍ରାଇମେରୀଠାରୁ ଦଶମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ରଞ୍ଜନ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାଲ ବୈଜ୍ଞାନିକ ପ୍ରଦର୍ଶନୀକୁ ବ୍ଲକ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା ଉଦଘାଟନ କରିଥିବାବେଳେ ଅନ୍ୟତମ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ନୟକ, ସୁମିତା ତ୍ରିପାଠୀ, ପୂର୍ବତନ ବିଜ୍ଞାନ ଶିକ୍ଷକ କଳାକର ମହାନ୍ତ, ବିଜୟ ଗିରି, କାଶୀନାଥ ମହାନ୍ତ, ସ୍ଥାନୀୟ ସରପଞ୍ଚ ସୁପ୍ରିୟା ମୁଣ୍ଡା ପ୍ରମୁଖ ଯୋଗଦେଇ ବାଲ ବୈଜ୍ଞାନିକଙ୍କୁ ଦେଶର ଭବିଷ୍ୟତ ବୋଲି ଅଭିହିତ କରିବା ସହିତ ବିଜ୍ଞାନ ସମୃଦ୍ଧ ଭାରତର ନୂତନ ସମ୍ଭାବନା ବୋଲି ମତ ରଖିଥିଲେ। ମୁଖ୍ୟଅତିଥି ବିକଶିତ ରାଷ୍ଟ୍ର ପାଇଁ ବିଜ୍ଞାନର ଭୂମିକା ଅନ୍ୟତମ ବୋଲି ଦର୍ଶାଇବା ସହିତ ଛାତ୍ରଛାତ୍ରୀ ସାଧନା ଜାରି ରଖିଲେ ସଫଳତା ବେଶୀ ଦୂର ନୁହେଁ ବୋଲି ସୂଚନା ଦେଇଥିଲେ। ଏହି ପ୍ରଦର୍ଶନୀରେ ୧୧୬ଟି ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ଅତିଥିମାନେ ପ୍ରକଳ୍ପ ବୁଲିଦେଖିବା ସହିତ ଛାତ୍ରଛାତ୍ରୀଙ୍କୁ ତାଙ୍କ ପ୍ରକଳ୍ପ ବିଷୟରେ ପଚାରି ବୁଝିଥିଲେ। ଦକ୍ଷ ବିଜ୍ଞାନ ଶିକ୍ଷକଙ୍କ ଦ୍ୱାରା କୃତୀ ପ୍ରତିଯୋଗୀ ଚୟନ କରାଯାଇଥିବାବେଳେ ଉଦଯାପନି ଉତ୍ସବରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ରାଇରଙ୍ଗପୁର/ବିଜାତଳା,୧୭।୧୧(ସମିସ): ବିଜାତଳାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଡା ମମତା ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା, ମୁଖ୍ୟବକ୍ତା ଭାବେ ବିଡିଓ ବଂଶୀଧର ଖୋସଲା, ସ୍ୱତନ୍ତ୍ର ଅତିଥି ଭାବେ ସମାଜସେବୀ ନବୀନ ରାମ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଣୀ ମୁର୍ମୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା ସୁଶାନ୍ତ ସିଂହ, ଜିଲ୍ଲା ପରିଷଦ ସଭ୍ୟା ମୀନା ସୋରେନ ଯୋଗ ଦେଇଥିଲେ। ଶ୍ରେଷ୍ଠ ଗୋପାଳକ ଭାବେ ବେରେଲ ସିର୍କା, ଶ୍ରେଷ୍ଠ ଛେଳି ପାଳକ ଦିଲ୍ଲୀପ ମାର୍ଣ୍ଡି, ଶ୍ରେଷ୍ଠ କୁକୁଡ଼ା ପାଳିକା ରାଇମଣି ମୁର୍ମୁ, ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ଭାବେ ମାଆ ସନ୍ତୋଷୀ ଗ୍ରୁପ, ଶ୍ରେଷ୍ଠ ମତ୍ସ୍ୟ ପୋଖରୀ ଯୋଜନାରେ ସୁରାଇ ମୁର୍ମୁ, ଶ୍ରେଷ୍ଠ ମତ୍ସ୍ୟ ଯାଆଁଳା ଚାଷୀ ଶିଖାରାଣୀ ମହାନ୍ତ, ଶ୍ରେଷ୍ଠ ବାୟ ଫ୍ଲୋଗ ଚାଷୀ ଦୁଷ୍ମନ୍ତ ରାୟ, ଶ୍ରେଷ୍ଠ ଏସଏଚଜି ଦଳ ଅଭିରାମ ପରମହଂସ ଏସଏଚଜି ଦଳକୁ ପୁରସ୍କୃତ କରାଯାଇଥିଲା।

**■ ଉଦଳାରେ ଆଦିବାସୀ ହାଟ ଉଦ୍‌ଘାଟନ ପ୍ରହସନ**

## ଆଦିବାସୀଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ

ଗୋପବନ୍ଧୁନଗର/ଉଦଳା,୧୭।୧୧(ସମିସ): ଉଦଳା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଗତ ୨୦୨୪ ମସିହା ମାର୍ଚ୍ଚ ୧୧ ତାରିଖରେ ୧୨ନଂ. ୱାର୍ଡରେ ଏକ ଆଦିବାସୀ ହାଟ ଉଦ୍‌ଘାଟିତ ହୋଇଥିଲା। ହେଲେ ଉଦ୍‌ଘାଟନ ହେବାର ଇତିମଧ୍ୟରେ ଏକ ବର୍ଷ ୮ ମାସ ବିତିଯାଇଥିଲେ ହେଁ ହାଟର କୌଣସି ନାଁଗନ୍ଧ ନାହିଁ। ଫଳରେ ଉକ୍ତ ହାଟ ପଡ଼ିଆଟି ପୂର୍ବ ପରି ଗୋରୁଗାଈଙ୍କ ଚରାଭୂଇଁ ପାଲଟିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆଦିବାସୀଙ୍କୁ ହାଟର ତାଳ, ତେନ୍ତୁଳି ଦେଖାଇ ପ୍ରଶାସନ ଏହି ହାଟ ଉଦ୍‌ଘାଟନ କେବଳ ପ୍ରହସନ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ହାଟ ଉଦ୍‌ଘାଟନ ଉତ୍ସବରେ ବିଧାୟକ ଭାସ୍କର ମଢ଼େଇ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ଏହିସବୁ ରାଜନେତା ଓ ଅଧିକାରୀ ବର୍ତ୍ତମାନ ମଧ୍ୟ କ୍ଷମତାରେ ଅଛନ୍ତି; କିନ୍ତୁ ହାଟ କାର୍ଯ୍ୟକ୍ଷମ ପାଇଁ କୌଣସି ଆନ୍ତରିକତା ଦେଖାଉନାହାନ୍ତି। ଆଗାମୀ ଦିନରେ ଯଦି ଏଠାରେ ହାଟ ନ ବସେ ତାହାହେଲେ ଏକ ବଡ଼ ଧରଣର ଆନ୍ଦୋଳନ ଦାନା ବାନ୍ଧୁଥିବା ସୂଚନା ମିଳିଛି। ତେଣୁ ଉଦଳା ନିୟନ୍ତ୍ରିତ ବଜାର କମିଟିର ଆଦିବାସୀ ହାଟ ଉଦ୍‌ଘାଟନ ଉତ୍ସବ ପ୍ରହସନରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ।



## ଦୁଇ ବାଇକ୍ ମୁହାଁମୁହିଁ; ୩ ଆହତ

ମହୁଲଡିହା,୧୭।୧୧(ସମିସ): ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥ ଘୁଲୁଘୁଲିଆ ଗ୍ରାମରେ ସୋମବାର ସନ୍ଧ୍ୟାରେ ଦୁଇ ବାଇକ ଧକ୍କା ହେବାରୁ ଜଣେ ଗୁରୁତର ହୋଇଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଆନନ୍ଦପୁର ଥାନା ଅନ୍ତର୍ଗତ ସୁନ୍ଦୁରିଆ ଗ୍ରାମର ମାନସ ପିଙ୍ଗୁଆ, ଘନଶ୍ୟାମ ମୁଣ୍ଡା ଓ ବାପି ମୁର୍ମୁ ମହୁଲଡିହା ସାପ୍ତାହିକ ହାଟରୁ ବାଇକ୍‌ରେ ଫେରୁଥିବା ବେଳେ ଘୁଲୁଘୁଲିଆ ଗ୍ରାମରେ ଏହି ଦୁର୍ଘଟଣା ଘଟିଛି। ସୁନ୍ଦୁରିଆ ଗ୍ରାମର ତିନି ଜଣ ଅନ୍ୟ ଏକ ବାଇକ ଭାରସାମ୍ୟ ହରାଇ ଭୁବନେଶ୍ୱରରୁ ଠାକୁରମୁଣ୍ଡା ଆସୁଥିବା ଏକ ବାଇକକୁ ମୁହାଁ ମୁହିଁ ଧକ୍କାରେ ସୁନ୍ଦୁରିଆ ଗ୍ରାମର ବାପି ମୁର୍ମୁଙ୍କ ଡାହାଣ ଗୋଡ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି।

## ସାପ କାମୁଡାଜନିତ ମୃତ୍ୟୁହ୍ରାସ ସଚେତନତା କର୍ମଶାଳା



କରଞ୍ଜିଆ, ୧୭।୧୧(ସମିସ): ସୋମବାର କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡ଼ିହା ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଓ ଓସଡ଼ମା ଆନୁକୂଲ୍ୟରେ ଏକ ସାପ କାମୁଡା ଜନିତ ମୃତ୍ୟୁହ୍ରାସ କର୍ମଶାଳା ଅଧ୍ୟାପକ ଜନ୍ମେଜୟ ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ଼ଃ ଜ୍ୟୋତିର୍ମୟୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଳିପୋଷି ଆୟୁଷ୍ମାନ ଆରୋଗ୍ୟ ଅଧିକାରୀ ମାନରଞ୍ଜନ ବେହେରା ଯୋଗ ଦେଇ ସାପଠାରୁ ନିଜକୁ ସୁରକ୍ଷିତ ରଖିବା ତଥା ସାପ କାମୁଡା ପରେ ତୁରନ୍ତ ଚିକିତ୍ସା ସମ୍ପର୍କରେ ନିଜ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଅନେକ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କାଦଡ଼ିହା ଆଶା କର୍ମୀ ଉର୍ବଶୀ ମହାନ୍ତ ଯୋଗଦେଇ ସାପ କାମୁଡା ପରେ ଅନ୍ଧ ବିଶ୍ୱାସରୁ ଦୂରେଇ ରହି ରୋଗୀକୁ ତୁରନ୍ତ ଡାକ୍ତରଖାନା ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ତପନ କୁମାର ବେହେରା, ଅଯୋଧ୍ୟାନାଥ ମହାନ୍ତ, ଭରତ ଚନ୍ଦ୍ର ମହାନ୍ତ, ଡ଼ଃ ମନୋଜ କୁମାର ସାମଲ ପ୍ରମୁଖ ସାପ କାମୁଡା ଜନିତ ମୃତ୍ୟୁ ହ୍ରାସ ସମର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଅଧ୍ୟାପକ ରଞ୍ଜନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୭ ବାଲି ବୋଝେଇ ଡମ୍ଫର ଜବତ

ମୋରଡ଼ା/ରାସଗୋବିନ୍ଦପୁର,୧୭।୧୧(ସମିସ): ରାସଗୋବିନ୍ଦପୁର ଛକ ଏବଂ ମୂଷାମାରି ଛକ ନିକଟରୁ ସୋମବାର ୭ଟି ବାଲିବୋଝେଇ ଡମ୍ଫରକୁ ଜବତ କରିଛି ପୁଲିସ। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା ମାଙ୍କିଡିଆରୁ ବାଲି ବୋଝେଇ ଡମ୍ଫର ଗୁଡିକ ଶିଖରପୁର ହୋଇ ଯିବାକୁ ଟ୍ରାନଜିଟ ପାସ ଥିବା ବେଳେ ବେଆଇନ ଭାବେ ମୟୂରଭଞ୍ଜ ଜିଲ୍ଲାକୁ ଚାଲାଣ କରୁଥିଲେ। ଖବର ପାଇ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ପାଞ୍ଚଟି ଡମ୍ଫରକୁ ଜବତ କରି ଖଣି ବିଭାଗ ଖବର ଦେଇଥିଲେ। ସେହିପରି ମୋରଡା ପଟୁ ବାଲେଶ୍ୱର ଜିଲ୍ଲାକୁ ବିନା କାଗଜପତ୍ରରେ ବାଲି ନେଇ ଯାଉଥିବା ଦୁଇଟି ଡମ୍ଫରକୁ ପୁଲିସ ଜବତ କରିଥିବାବେଳେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

**୫ ପ୍ରକଳ୍ପର ଶିଳନ୍ୟାସ କଲେ ବିଧାୟକ**

# ୧୯.୩୧କୋଟି ବ୍ୟୟ ବରାଦରେ ହେବ ୫ ସେତୁ

ବିଶୋଇ,୧୭।୧୧ (ସମିସ):




ଗ୍ରାମ୍ୟ ଉନ୍ନୟନ ବିଭାଗର ସେତୁ ବନ୍ଧ ଯୋଜନାରେ ରାଇରଙ୍ଗପୁର ବିଭାଜନର ବିଶୋଇ ଓ ଅସନା ପଞ୍ଚାୟତରେ ସୋମବାର ବହୁ ପ୍ରତୀକ୍ଷିତ ୫ଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସାରସକଣା ବିଧାୟକ ଭାଦବ ଚନ୍ଦ୍ର ହାଁସଦାଙ୍କ କରକମଳରେ ସମୁଦାୟ ୧୯.୩୧ କୋଟି ଟଙ୍କା ବ୍ୟୟ ବରାଦରେ ଏହି ସମସ୍ତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଖଡ଼ମବେଡ଼ା ପଞ୍ଚାୟତର ୩.୨୬ କୋଟି ଟଙ୍କାର କିତାବେଡ଼ା - ଧଡ଼ାସାହି ରାସ୍ତା ସେତୁ, ୩.୨ କୋଟି ଟଙ୍କାରେ ଚୁଆକାଙ୍କର - ବାଡୁଣିଆ ରାସ୍ତା ସେତୁ, ବିଶୋଇ ପଞ୍ଚାୟତରେ ୩.୪୦ କୋଟି ଟଙ୍କାରେ ପିଡ଼ବ୍ଲ୍ୟୁଡି ରାସ୍ତା-ଜାହିରା ମାଝୀସାହି ରାସ୍ତା ସେତୁ, ୪୯ ନଂ ଜାତୀୟ ରାଜପଥରୁ ୫୦ ନଂ ରାଜ୍ୟ ରାଜପଥ ସଂଯୋଗ ପାଇଁ ୫.୧୫ କୋଟି ବ୍ୟୟବରାଦରେ ପାରାଭାଡ଼ି ଗ୍ରାମରୁ ମାଣିଚ-ଢ଼ିପୁସାହୁ ରାସ୍ତା ସେତୁ ଏବଂ ଅସନା ପଞ୍ଚାୟତରେ ୪.୪୭ କୋଟି ଟଙ୍କା ବ୍ୟୟବରାଦରେ ଅସନା - ବାଙ୍କୀଡିହି ବିନ୍ଧାଣିସାହି ରାସ୍ତାରେ ସେତୁ ନିର୍ମାଣ ହେବ। ଦୀର୍ଘବର୍ଷ ଧରି ଏହି ରାସ୍ତା ଯୋଗାଯୋଗ ପାଇଁ ସ୍ଥାନୀୟ ଲୋକଙ୍କ ମୁଖ୍ୟ ଦାବି ରହିଥିଲା। ଏହି ସେତୁ ନିର୍ମାଣ ହେଲେ ପଛୁଆ ଅଞ୍ଚଳର ଗ୍ରାମଗୁଡିକ ବିକାଶ ଧାରାରେ ସାମିଲ ହୋଇପାରିବ ବୋଲି ବିଧାୟକ ଶ୍ରୀ ହାଁସଦା କହିଛନ୍ତି। ଭିତ୍ତିପ୍ରସ୍ତର ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ରାଇରଙ୍ଗପୁର ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜିତ କୁମାର ନାଏକ, ସହକାରୀ ଯନ୍ତ୍ରୀ ବିଶୋଇ ଖଣ୍ଡ ଇଂ ପ୍ରହ୍ଲାଦ ତରେଇ, କନିଷ୍ଠ ଯନ୍ତ୍ରୀ ଛତିଶ କୁମାର ରଣା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସେତୁ ନିର୍ମାଣ ସଂସ୍ଥାର ଶିବପ୍ରସାଦ ମହାନ୍ତ, ବିଜୟାନନ୍ଦ ମଣ୍ଡଳ, ସ୍ୱରୂପ କୁମାର ମହାପାତ୍ର, ତୁଷାରକାନ୍ତ ମଣ୍ଡଳ, ସଚିନ ଅଗ୍ରୱାଲ ସମେତ ବିଶିଷ୍ଟ ସମାଜସେବୀ ସଞ୍ଜୀବ ମହାନ୍ତି, ସମାଜସେବୀ ଜୁରିଲାଲ ମହାନ୍ତ, ଆନନ୍ଦ ରାମ, ବନମାଳୀ ଗିରି, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଗୁରୁବା ମୁର୍ମୁ, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ପଞ୍ଚାୟତ ସମିତିସଭ୍ୟ କାଶୁ ମାଝୀ, ଖଡ଼ମବେଡ଼ା ସରପଞ୍ଚ ସୋମବାରି ସିଂ, ପଞ୍ଚାୟତ ସମିତିସଭ୍ୟା ବାସନ୍ତୀ ହାଁସଦା, ଅସନା ସରପଞ୍ଚ ସାବିତ୍ରୀ ନାଏକ, ଏନ. ବି ପୋଖରିଆ ସରପଞ୍ଚ ଡ଼ମାନ ମୁର୍ମୁ ସମେତ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

**ଆଇନଜୀବୀ ପୀତବାସ ହତ୍ୟା ମାମଲା**

# ଚିଣ୍ଟୁ, ଯୋଗୀ ଓ କୁରୁପତିଙ୍କ ଟିଆଇ ପରେଡ୍

ବ୍ରହ୍ମପୁର, ୧୭।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ଟିଆଇ ପରେଡ୍ ଶେଷ ହୋଇଛି। ପୀତବାସଙ୍କୁ ଗୁଳି କରିଥିବା କୁରୁପତି ଭୂୟାଁ, ବାଇକ୍ ଚଳାଉଥିବା ଚିଣ୍ଟୁ ପ୍ରଧାନ ଏବଂ ହତ୍ୟାକାଣ୍ଡ



ପାଇଁ ସୁଟର୍ ଯୋଗାଡ଼ କରି ରେକିରେ ସହାୟକ ସାଜିଥିବା ଯୋଗେନ୍ଦ୍ର ରାଉତ ଓରଫ୍ ଯୋଗୀଙ୍କର ଆଜି ବ୍ରହ୍ମପୁର ମଣ୍ଡଳ କାରାଗାରରେ ଟିଆଇ ପରେଡ୍ ହୋଇଛି। ସାକ୍ଷୀ ଆକାଶ ବିଷୋୟୀ, ଏନ୍. କିରଣ କୁମାର ସମସ୍ତ ୩ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ବେଳେ ଅନ୍ୟତମ ସାକ୍ଷୀ ଏମ୍. ଲକ୍ଷ୍ମଣ ସେଥିମଧ୍ୟରୁ ୨ଅଭିଯୁକ୍ତଙ୍କୁ ଚିହ୍ନଟ କରିଛନ୍ତି। ଶନିବାର ଓ ସୋମବାର ଦୁଇଟି ପର୍ଯ୍ୟାୟରେ ହୋଇଥିବା ଟିଆଇ ପରେଡ୍‌ରେ ଏମ୍. ଲକ୍ଷ୍ମଣ ସାମିଲ ରହିଥିଲେ। ଆକାଶ ଓ କିରଣଙ୍କୁ ପୁଲିସ ଘଟଣାସ୍ଥଳର ସାକ୍ଷୀ ଦର୍ଶାଇଥିବା ବେଳେ ଏମ୍. ଲକ୍ଷ୍ମଣ ଅଳକାପୁରୀସ୍ଥିତ ଘରେ ଆଶ୍ରୟ ନେଇଥିବା ଅଭିଯୁକ୍ତଙ୍କୁ ଚିହ୍ନିଥିବା ଦର୍ଶାଇ ପୁଲିସ ସାକ୍ଷ୍ୟ ଭାବେ ଗ୍ରହଣ କରିଥିବା ଜଣାପଡ଼ିଛି।

ପୂର୍ବରୁ ଅଭିଯୁକ୍ତ ଚିଣ୍ଟୁ ଓ କୁରୁପତିଙ୍କ ମୁହଁରେ କଳାକନା ବା ମୁଖା ପିନ୍ଧାଇ ଘଟଣାସ୍ଥଳରେ ସିନ୍-ରିକ୍ରିଏସନ୍ କରାଯାଇଥିଲା। ହେଲେ କୋର୍ଟଚାଲାଣ ବେଳେ ସମସ୍ତ ଅଭିଯୁକ୍ତଙ୍କ ମୁହଁ ଖୋଲାଥିବା ଦେଖିବାକୁ ମିଳିଥିଲା। ଯଦ୍ୱାରା ଅଭିଯୁକ୍ତଙ୍କୁ ସମସ୍ତେ ଦେଖିବାର ସୁଯୋଗ ପାଇଥିଲେ। ସୋମବାର ଟିଆଇ ପରେଡ୍ ପାଇଁ ଭିନ୍ନଭିନ୍ନ ସ୍ଥାନରୁ ଆସିଥିବା ଉପରୋକ୍ତ ୩ ସାକ୍ଷୀ ଏକ ଦାମୀ କାର୍‌ରେ ପୁଲିସ ସୁରକ୍ଷା ମଧ୍ୟରେ ଜେଲକୁ ଆସିଥିବା ଦେଖିବାକୁ ମିଳିଥିଲା। ସାକ୍ଷୀଙ୍କ ମୁହଁରେ ମାସ୍କ ଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ

- ଦାମୀ ଗାଡ଼ି ଓ ପୁଲିସ ସୁରକ୍ଷା ମଧ୍ୟରେ ଆସିଲେ ସାକ୍ଷୀ
- ଟିଆଇ ପରେଡ୍‌ର ଯଥାର୍ଥତା ଉପରେ ପ୍ରଶ୍ନ ଉଠାଇଲେ ଆଇନଜୀବୀ

ଚାଲିଥିବା ଟିଆଇ ପରେଡ୍‌କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କାରଣ ଅଭିଯୁକ୍ତଙ୍କ ମୁହଁ ଘୋଡ଼ାଇବା ନିୟମ ଥିବା ବେଳେ ସେମାନଙ୍କ ମୁହଁକୁ ଖୋଲି ସାର୍ବଜନୀନ କରାଯାଇଥିବା ବେଳେ ସେମାନଙ୍କୁ ଚିହ୍ନଟ କରିବାକୁ ଆସିଥିବା ସାକ୍ଷୀ ନିଜ ମୁହଁକୁ ଘୋଡ଼ାଇବା ସମସ୍ତଙ୍କୁ ଚକିତ କରିଛି। ଏଭଳି ସ୍ଥିତିରେ ପୁଲିସ ପକ୍ଷରୁ ଚାଲିଥିବା ଟିଆଇ ପରେଡ୍‌ର ଯଥାର୍ଥତାକୁ ନେଇ ପ୍ରଶ୍ନ ଉଠାଛନ୍ତି ଆଇନଜୀବୀ ଦୀପକ ପଟ୍ଟନାୟକ।

ସୋମବାର ପ୍ରତ୍ୟକ୍ଷଦର୍ଶୀମାନେ ଅଭିଯୁକ୍ତଙ୍କୁ ଚିହ୍ନଟ ପ୍ରକ୍ରିୟାରେ ସାମିଲ ହୋଇ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ନିଜ ମତ ରଖିଥିଲେ। ଏହି ହତ୍ୟା ମାମଲାରେ ଗିରଫ ମୋଟ ୧୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ କେବଳ ପୂର୍ବତନ ମେୟର୍ ଶିବଶଙ୍କର ଦାଶଙ୍କୁ ଫୁଲବାଣୀ କାରାଗାରକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ୧୫ ଜଣ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି।

**ବିଡିଓଙ୍କ ପିସି କାରବାରରେ ଅତିଷ୍ଠ ଶ୍ରମିକ**

# ସାମ୍ବାଦିକ ସମ୍ମିଳନୀରେ ସମୂହ ଗର୍ଜିଲେ ସରପଞ୍ଚ

## ଅନ୍ୟତ୍ର ବଦଳି କରାନଗଲେ ଧାରଣା ଚେତାବନୀ

ବହଳଦା/ରାଇରଙ୍ଗପୁର, ୧୭।୧୧(ସମିସ): ପିସି ନ ପାଇଲେ ବାବୁଙ୍କ କଲମ ଚାଲୁନି। ଟେବୁଲ୍ ଉପରେ ଫାଇଲ ପଡ଼ିପଡ଼ି ଧୂଳି ଜମିଯାଉଛି, ହେଲେ ପିସି ନମିଳିବା ପର୍ଯ୍ୟନ୍ତ ବାବୁ ତାକୁ ଆଡ଼ ଆଖିରେ ବି ଚାହୁଁନାହାନ୍ତି। ମନରେଗା ଯୋଜନାରେ ବି ଗରିବ, ଖଟିଖିଆଙ୍କ ମଜୁରି ଉପରେ ବାବୁଙ୍କ ଆଖି। ୨ ପ୍ରତିଶତ ପିସି ନଦେଲେ ବିଲ୍ ପାସ୍ ହେଉନି। ବହଳଦା ବ୍ଲକ୍ ଉନ୍ନୟନ ଅଧିକାରୀ(ବିଡିଓ) ଶରତ କୁମାର ମଲ୍ଲିକଙ୍କ ବିରୋଧରେ ଏପରି ସାଂଘାତିକ ଅଭିଯୋଗ ଆଣି ୧୨ଟି ପଞ୍ଚାୟତର ସରପଞ୍ଚ ଆଜି ଯୁଦ୍ଧଂଦେହୀ ଡାକରା ଦେଇଛନ୍ତି। ଶୀଘ୍ର ବିଡିଓଙ୍କୁ ଅନ୍ୟତ୍ର ବଦଳି କରାନଗଲେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ସମସ୍ତ ସରପଞ୍ଚ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଚେତାବନୀ ଦେଇଛନ୍ତି। ଏ ସଂପର୍କରେ ଜିଲ୍ଲା ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲାପାଳଙ୍କୁ ସେମାନେ ଲିଖିତ ଅଭିଯୋଗ କରିଛନ୍ତି।

ସରପଞ୍ଚମାନଙ୍କ ଅଭିଯୋଗ ହେଲା, ବିଡିଓ ଶ୍ରୀ ମଲ୍ଲିକ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) କାର୍ଯ୍ୟର ପାରିଶ୍ରମିକ ପୈଠ ପାଇଁ ମଧ୍ୟ ୨ପ୍ରତିଶତ ଲାଞ୍ଚ ମାଗୁଛନ୍ତି। ଲାଞ୍ଚ ନ ଦେଲେ ସଂପୃକ୍ତ ଉନ୍ନୟନ ପ୍ରକଳ୍ପର ଫାଇଲକୁ ଜାଣିଶୁଣି ପକାଇ ରଖୁଛନ୍ତି। ଖାଲି



ସେତିକି ନୁହେଁ, ପ୍ରତ୍ୟେକ ଏନ୍‌ଆରଜିଏସ୍ ପ୍ରକଳ୍ପରେ କେବଳ ୨୫ଜଣ ଶ୍ରମିକ କାର୍ଯ୍ୟ କରିପାରିବେ ବୋଲି ବିଡିଓ ଶ୍ରୀ ମଲ୍ଲିକ ନିଜେ ନିୟମ ଲାଗୁ କରିଛନ୍ତି। ୨୫ରୁ ଅଧିକ ଶ୍ରମିକ କାମରେ ଲାଗିଲେ, ଶ୍ରମିକ ପିଛା ୧୦୦୦ଟଙ୍କା ଲାଞ୍ଚ ମାଗୁଛନ୍ତି। ଏଥିଯୋଗୁଁ ଗ୍ରାମାଞ୍ଚଳର ଗରିବ ଶ୍ରମିକ କାମ ପାଇବାରୁ ବଞ୍ଚିତ ହେବା ସହ ଅଭାବ ଅନଟନରେ ଚଳିବାକୁ ବାଧ୍ୟ ହେଉଛନ୍ତି। ଏପରିକି, କାମ ଅନ୍ୱେଷଣରେ ସେମାନେ ବାହାର ରାଜ୍ୟକୁ ଦାଦନ ଖଟି ଯିବାକୁ ବାଧ୍ୟ ହେଉଛନ୍ତି। ପ୍ରକଳ୍ପର ଫାଇଲ ବିଡିଓଙ୍କ ପାଖରେ ଦୀର୍ଘଦିନ ପଡ଼ି ରହିବା ଫଳରେ ପାରିଶ୍ରମିକ ପାଇଁ ଶ୍ରମିକମାନେ ସରପଞ୍ଚଙ୍କ ଦ୍ୱାରସ୍ଥ ହେଉଛନ୍ତି। ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟରେ ବହଳଦା ବିଡିଓ ଲାଞ୍ଚ ନେଉଛନ୍ତି। ପ୍ରତ୍ୟେକ ଫାର୍ମପଣ୍ଡ ପୋଖରୀ ଖୋଳାରେ ୫୦୦ ଟଙ୍କା ଏବଂ ଲ୍ୟାଣ୍ଡ ଡେଭେଲପମେଣ୍ଟ (ଚାଷଜମି ସମତଳ) ପ୍ରକଳ୍ପରେ ସେ ୩୦୦ଟଙ୍କା ଲେଖାଏଁ ଲାଞ୍ଚ ନେଉଥିବା ସରପଞ୍ଚମାନେ ଅଭିଯୋଗ କରିଛନ୍ତି। ଏଭଳି ଦୁର୍ନୀତିଖୋର୍ ଅଧିକାରୀଙ୍କ କାର୍ଯ୍ୟକଳାପରେ ସମସ୍ତେ ଅତିଷ୍ଠ ହୋଇପଡ଼ିଲେଣି। ତେଣୁ ଦୁର୍ନୀତି ନିବାରଣ ଆଇନ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏଠାରୁ ତାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯିବାକୁ ସେମାନେ ଦାବି କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଗମ୍ଭାରିହା ସରପଞ୍ଚ ବୈଦେହୀ ହେମ୍ବ୍ରମ, ଭିତରମଡା ସରପଞ୍ଚ ଖତ୍ରୀ କିସ୍କୁ, ବାସିଙ୍ଗି ସରପଞ୍ଚ ମାହି ମୁର୍ମୁ, ଅଁଳାଯୋଡ଼ା ସରପଞ୍ଚ ସଲମା ମାଝୀ, ବହଳଦା ସରପଞ୍ଚ ଲକ୍ଷ୍ମୀ ହାଁସଦା, ବଡ଼ପଇସା ସରପଞ୍ଚ ଗୀତରାଣୀ ହାଁସଦା, ଅସନା ସରପଞ୍ଚ ବାଲେଶ୍ୱର ମୁର୍ମୁଙ୍କ ସମେତ ଅନ୍ୟାନ୍ୟ ସରପଞ୍ଚ ଉପସ୍ଥିତ ଥିଲେ। ଏ ନେଇ ବିଡିଓ ଶ୍ରୀ ମଲ୍ଲିକଙ୍କ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି।


**ତରିକୁନ୍ଦରେ ବୁଲିଲା ବୁଲଡୋଜର**

# ମାଟିରେ ମିଶିଲା ବେହେରାମପୁର ବସ୍ତି

ଜଗତସିଂହପୁର, ୧୭।୧୧(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରିକୁନ୍ଦ ବେହେରାମପୁର ବସ୍ତିରେ ଗତକାଲି ମାରଣାସ୍ତ୍ର ମିଳିବା ପରେ ଆଜି ବସ୍ତିରେ ବୁଲିଛି ବୁଲ୍‌ଡୋଜର। ଫଳରେ ମାଟିରେ ମିଶିଯାଇଛି ଏହି ବସ୍ତିରେ ଥିବା ୩୦ରୁ ଊର୍ଦ୍ଧ୍ୱ ଘର। ଗତକାଲି ସନ୍ଧ୍ୟାରେ ପୁଲିସ ଚଢ଼ଉ କରି ୨ଜଣ ମହିଳାଙ୍କୁ ଗିରଫ କରିଥିଲା। ରାତିରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି। ସେହିପରି ଅନ୍ୟ କିଛି ପୁରୁଷ ଓ ମହିଳାଙ୍କୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ତେବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସିକନ୍ଦର ଆଲାମଙ୍କ ସହିତ ଅନ୍ୟ ୮/୧୦ ଜଣ ପୁଲିସ ଚଢ଼ଉ ଖବର ପାଇ ଫେରାର ହୋଇଯାଇଛନ୍ତି। ଚଢ଼ଉ ସମୟରେ ପୁଲିସ ସହିତ ଧସ୍ତାଧସ୍ତି ହେବାରୁ ଜଣେ ମହିଳା କନଷ୍ଟେବଳ ଆହତ ହୋଇଥିବା ପୁଲିସ୍ ସୂଚନା ଦେଇଛି।

ବିଶ୍ୱସ୍ତ ସୂତ୍ରରୁ କିଛି ସନ୍ଦିଗ୍ଧ ଆଚରଣ ସଂପର୍କରେ ସୂଚନା ପାଇ ଏଏସ୍‌ପି ସତ୍ୟ ଦାଶଙ୍କ ନେତୃତ୍ୱରେ ସଦର ଥାନା ପୁଲିସ ଏହି ବସ୍ତିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଗୋଟିଏ ଦେଶୀ ବନ୍ଧୁକ, ୫/୬ଟି





ବଡ କଟୁରି ଏବଂ ଅନ୍ୟ ହାତହତିଆର ପୁଲିସ ଜବତ କରିଥିଲା। ସରକାରୀ ଜାଗାରେ ଏହି ଗୃହ ନିର୍ମାଣ କରାଯାଇଥିବା ଜଣାପଡିବା ପରେ ଆଜି ବୁଲ୍‌ଡୋଜର ଲଗାଇ ସମସ୍ତ ଘରକୁ ଭାଙ୍ଗି ଦିଆଯାଇଛି। ଜିଲ୍ଲାପାଳ ଜେ. ସୋନାଲ ଏବଂ ଏସ୍‌ପି ଅଙ୍କିତ ବର୍ମା ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ଆଜି ସନ୍ଧ୍ୟାରେ ଡିଆଇଜି ସତ୍ୟଜିତ ନାୟକ ଜଗତସିଂହପୁର ଗସ୍ତରେ ଆସି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ସବିଶେଷ

- ଆଧାର କାର୍ଡ ସହିତ ବିଭିନ୍ନ କାଗଜପତ୍ର ଜବତ
- ସନ୍ଦିଗ୍ଧଙ୍କ ପ୍ରକୃତ ବାସସ୍ଥାନ ସଂପର୍କରେ ଚାଲିଛି ଅନୁସନ୍ଧାନ

ତଥ୍ୟ ଉପସ୍ଥାପନ କରିଛନ୍ତି। ଯେଉଁମାନେ ଚଢ଼ଉ ସମୟରେ ଫେରାର ହୋଇଯାଇଛନ୍ତି ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିବା ଡିଆଇଜି ସୂଚନା ଦେଇଥିଲେ। ୩ ଜଣ ସନ୍ଦିଗ୍ଧ ବାଙ୍ଗଲାଦେଶୀଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ବେଳେ ସମଗ୍ର ଜିଲ୍ଲାରେ ଏହି ସର୍ଚ୍ଚ ଅପରେସନ ଜାରି ରହିଛି ଏବଂ ଅଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅନୁପ୍ରବେଶକାରୀ ବାଙ୍ଗଲାଦେଶୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଚାଲିଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ରହୁଥିବା ସନ୍ଦିଗ୍ଧ ପରିବାରଙ୍କ ଉପରେ ନଜର ରଖାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଜେ.ସୋନାଲ ସୂଚନା ଦେଇଛନ୍ତି। ବେହେରାମପୁର ବସ୍ତିରୁ ଜବତ ହୋଇଥିବା ସମସ୍ତ କାଗଜପତ୍ର ଅନୁସନ୍ଧାନ କରାଯାଉଛି ଏବଂ ଅଟକ ଥିବା ସନ୍ଦିଗ୍ଧମାନେ ପଶ୍ଚିମବଙ୍ଗର ଯେଉଁ ଜିଲ୍ଲାର ବାସିନ୍ଦା ବୋଲିଏ ଦର୍ଶାଉଛନ୍ତି ସେହି ଜିଲ୍ଲା ପ୍ରଶାସନକୁ ଏ ସଂପର୍କରେ ଅବଗତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ନିଆଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

କଟକ, ୧୭।୧୧(ସମିସ): ଜଣେ ୯ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଅଭିଯୁକ୍ତକୁ କଟକସ୍ଥିତ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକସୋ ଆଇନ ଧାରା ୬ ଅନୁସାରେ ଅଭିଯୁକ୍ତ ତଥା କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ବାହାବଳପୁର ମହାଜନପୁର ଗ୍ରାମର ବାସିନ୍ଦା ମୁନା ସିଂହ (୨୨)କୁ ୨୦ବର୍ଷ ସଶ୍ରମ ଜେଲ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ଅଦାଲତ କହିଛନ୍ତି। ସେହିଭଳି, ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ଗତ ୨୦୨୫ ମେ' ୨ ତାରିଖ ଦିନ ୨ଟା ସମୟରେ ପୀଡ଼ିତା ନାବାଳିକାଜଣଙ୍କ ଘରେ ଏକୁଟିଆ ଥିବା ସୁଯୋଗରେ ଆସାମୀ ଜଣକ ଘରେ ପଶି ଜୋରଜବରଦସ୍ତ ଦୁଷ୍କର୍ମ ଉଦ୍ୟମ କରିଥିଲା। ତେବେ ନାବାଳିକା ଜଣକ ଚିତ୍କାର କରିବାରୁ ପିଉସୀ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିଲା। ନାବାଳିକା ଜଣକର ଜେଜେ ମା ଘରକୁ ଫେରିବା ପରେ ଘଟଣା ବିଷୟରେ ପୀଡିତା କହିଥିଲା। ଗତ ୨୦୨୫ ମେ୬ରେ ପୀଡିତାଙ୍କ ଜେଜେମା ଏକ ଏତଲା ଦେଇଥିଲେ। ମେ'୮ ତାରିଖରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା ବେଳେ ଗତ ଜୁଲାଇ୪ରେ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତ ଗତ ୨୦୨୫ ନଭେମ୍ବର ୧୧ ତାରିଖରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ତେବେ ଆଜି ସାକ୍ଷୀଙ୍କ ବୟାନ ରେକର୍ଡ ଓ ପ୍ରମାଣ ଦସ୍ତାବିଜ ଆଧାରରେ ଅଦାଲତ ଆସାମୀକୁ ୨୦ ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି।

# କମ୍ପୁପାଣି ପାଢ଼ୀ ରାଜ୍ୟ ଆଇନଜୀବୀ ପରିଷଦର ନୂତନ ସଦସ୍ୟ ନିର୍ବାଚିତ

କଟକ, ୧୭ ।୧୧(ସମିସ): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଖାଲି ପଡ଼ିଥିବା ଏକ ସଦସ୍ୟ ପଦ ପାଇଁ ହୋଇଥିବା ନିର୍ବାଚନରେ ଟିଟଲାଗଡର ଆଇନଜୀବୀ କମ୍ପୁପାଣି ପାଢୀ ନିର୍ବାଚିତ ହୋଇଛନ୍ତି। ଉକ୍ତ ନିର୍ବାଚନରେ



ଶ୍ରୀ ପାଢ଼ୀଙ୍କ ବିପକ୍ଷରେ କଟକର ଆଇନଜୀବୀ ଆଭାସ ମହାନ୍ତି ପ୍ରାର୍ଥୀ ଥିଲେ। ଆଇନଜୀବୀ ପରିଷଦର ମୋଟ ୨୪ ଜଣଙ୍କ ମଧ୍ୟରୁ ୧୬ଜଣ ଶ୍ରୀ ପାଢ଼ୀଙ୍କୁ ସମର୍ଥନ ଜଣାଇ ମତଦାନ କରିଥିବାରୁ ସେ ନିର୍ବାଚିତ ହୋଇଛନ୍ତି। ଆଜି ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ନବନିର୍ବାଚିତ ସଦସ୍ୟ ଶ୍ରୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଥାଉକି ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଥିବା ପୀତବାସ ପଣ୍ଡାଙ୍କ ନିଧନ ପରେ ଏହି ପଦ ଖାଲି ପଡ଼ିଥିଲା। ଶ୍ରୀ ପଣ୍ଡାଙ୍କୁ ଗତ ଅକ୍ଟୋବର ୬ତାରିଖ ଦିନ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ଖାଲି ପଦ ପୂରଣ ପାଇଁ ଗତ ଅକ୍ଟୋବର ୨୨ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇ ନଭେମ୍ବର ୧୬ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

ଭଦ୍ରକ/ତିହିଡି, ୧୭।୧୧(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ସାହାପୁର ପଞ୍ଚାୟତ ଅଧୀନ ଜାଫରାବାଦ ଗ୍ରାମରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁଦ୍ୱୟ ହେଲେ, ଜାଫରାବାଦ ଗ୍ରାମର ବୁଲୁ ବାରିକଙ୍କ ପୁଅ ଅନନ୍ତଦେବ (୩) ଏବଂ ସିମୁଳିଆ ଥାନା ଅଧୀନ ଫୁଲଗଡ଼ ଗ୍ରାମର ଜୟନ୍ତ ସାହୁଙ୍କ ପୁଅ ହିମାଂଶୁ (୪)। ହିମାଂଶୁ ତାଙ୍କ ବାପାଙ୍କ ସହ ଜାଫରାବାଦ ଗ୍ରାମସ୍ଥିତ ବନ୍ଧୁ ଘରକୁ ଆସିଥିଲେ। ମଧ୍ୟାହ୍ନ ୧ଟା ବେଳେ ହିମାଂଶୁ ଏବଂ ଅନନ୍ତ ସାଙ୍ଗ ହୋଇ ଖେଳୁଥିବା ବେଳେ ଗ୍ରାମସ୍ଥିତ ଏକ ପୋଖରୀରେ ପଡ଼ିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକେ ପୋଖରୀରେ ଖୋଜାଖୋଜି କରି ଦୁହିଁଙ୍କୁ ଉଦ୍ଧାର କରିଥିଲେ। ଦୁହିଁଙ୍କୁ ପ୍ରଥମେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଶିଶୁଦ୍ୱୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଅଘଟଣକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଅଧିସୂଚନା**

No. RDM-LAB-GM-0015-2025- 20959 / R&DM, Dated. 11 JUN 2025

XII-13: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାର ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ମୌଜା-ଛଣମେରି, ଥାନା- ପାଟପୁର, ତହସିଲ-ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ୦.୫୧୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାର ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି)।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା–୩୪୮୮୪, ତାରିଖ : ୦୮.୧୦.୨୦୨୪ରେ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ
୬. ଜମିର ବିବରଣୀ

**ଜମିର ବିଶଦ ବିବରଣୀ**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ଛଣମେରି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୫୪୫ | ଏ. ୦.୫୧୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- (ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

**ଛଣମେରି ଗ୍ରାମର ଜମିର ବିବରଣୀ**

ମୌଜା - ଛଣମେରି, ତହସିଲ - ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ

| ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମ ପିତାଙ୍କ ନାମ | ମୋଟ ଏରିଆ (ଏକର) | ଶ୍ରେଣୀ ବିଭାଜନ | ଅର୍ଜିତ ହେବାକୁ ଥିବା ଜମିର ପରିମାଣ (ଏକର) | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୨୭୩ | ୧୪୯୮ | ଶ୍ରୀ କପିଳେଶ୍ୱର ମହାଦେବ ବିଜେ ନିଜଗାଁ ମାର୍ଫତ ଛଣମେରି ଗ୍ରାମବାସୀ ତରଫେ ଟ୍ରଷ୍ଟି | ୧.୨୦୦ | ବିଲ ଅଣଜଳସେଚିତ ଦୁଇ | ୦.୨୪୦ | |
| | ୧୫୨୮ | | ୦.୨୬୦ | | ୦.୦୩୦ | |
| | ୧୫୩୧ | | ୦.୫୮୦ | | ୦.୦୧୫ | |
| | ୧୫୩୭ | | ୦.୨୪୫ | | ୦.୦୫୦ | |
| | ୧୫୨୬ | | ୦.୧୩୫ | | ୦.୦୯୦ | |
| | ୧୫୨୭ | | ୦.୧୨୫ | | ୦.୮୫ | |
| | | | | | ମୋଟ - ୦.୫୧୦ ଏକର | |

Sd/-
Spl. L.A. Cum-R & R.O. (M.I.P),
Mahendragada, (Gajapati)

**କୁଆଡ଼େ ଗଲା ସଂସ୍କୃତି ସୁରକ୍ଷା ନିର୍ଦ୍ଦେଶାବଳୀ?**

# ନିଜ ପିଠି ଥାପୁଡ଼ାଇ ଚୁପ୍ ବସିଗଲେ ସରକାର

ଭୁବନେଶ୍ୱର, ୧୭।୧୧(ସମିସ): ଦର୍ଶକ ସଂଖ୍ୟା ବୃଦ୍ଧି କରିବା ନିଶାରେ ଓଡ଼ିଆ ସଂସ୍କୃତି, ପରମ୍ପରାକୁ ଭୁଲି ଯାଉଛନ୍ତି ଯାତ୍ରା କମିଟି ଓ ଯାତ୍ରା କଳାକାର। ଟଙ୍କା ପାଇଁ ହଜାରହଜାର ଦର୍ଶକଙ୍କ ସାମ୍ନାରେ ଅର୍ଦ୍ଧନଗ୍ନ ହେବାକୁ ପଛାଉ ନାହାନ୍ତି। ଆଇଟମ୍ ଡ୍ୟାନ୍ସ ନାଁରେ ଯେଭଳି ନୃତ୍ୟ ହେଉଛି, ପରିବାର ସହ ଯାଉଥିବା ଲୋକେ ମୁଣ୍ଡଟେକି ମଞ୍ଚକୁ ଚାହିଁ ପାରୁନାହାନ୍ତି। ବାରମ୍ବାର ଏଭଳି ଘଟଣା ଘଟିବା ପରେ ଲୋକଙ୍କ ଚାପରେ ସରକାର ନୂଆ ମାର୍ଗଦର୍ଶିକା(ଏସ୍‌ଓପି) ଆଣିବେ ବୋଲି କହିଥିଲେ। ଏଥିପାଇଁ ଥରକୁ ଥର ବୈଠକ ବି ହେଲା, ଗଣମାଧ୍ୟମରେ ବି ମନ୍ତ୍ରୀ ବୟାନବାଜି କରି ନିଜ ପିଠି ଥାପୁଡ଼େଇଲେ। କିନ୍ତୁ, କିଛି ଦିନ ଚର୍ଚ୍ଚାରେ ରହିବା ପରେ ପୂରା ପ୍ରସଙ୍ଗ କୁଆଡ଼େ ହଜିଗଲା। ମନ୍ତ୍ରୀ ବି ଭୁଲିଗଲେ। ମାର୍ଗଦର୍ଶିକା ଜାରି ହେବା ତ ଦୂରର କଥା, ତା'ର ନାଁ ଗନ୍ଧ ମଧ୍ୟ ନାହିଁ। ସେପଟେ, ମଞ୍ଚରେ ପୂର୍ବଭଳି ସେମିତି ନଗ୍ନତାର ତାଣ୍ଡବ ଜାରି ରହିଛି। ଯାତ୍ରାରେ ଅଶ୍ଳୀଳତା ଦିନକୁ ଦିନ ସୀମା ଟପୁଥିବା ବେଳେ ଏ ଦିଗରେ ସରକାର କୌଣସି ପଦକ୍ଷେପ ନ ନେବା ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି।

ରାମାୟଣଭଳି ପବିତ୍ର କଥାବସ୍ତୁରେ ବି ଏବେ ଅଶ୍ଳୀଳତା ଧସେଇ ପଶିଛି। ସୀତାହରଣ ଦୃଶ୍ୟରେ ଅଶ୍ଳୀଳତା ସବୁ ସୀମା ଲଂଘିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ଦିଗପହଣ୍ଡି ଅଞ୍ଚଳର ମୌଳଭଣଜା ଗାଁରେ। ଦୁଇ ଦଳ ମଧ୍ୟରେ ରାମାୟଣ ନାଟକ ପରିବେଷଣ କରାଯାଇଥିଲା। ପୂର୍ବରୁ ଗୋଟିଏ ଦଳ ପକ୍ଷରୁ ଜଣେ ଚର୍ଚ୍ଚିତ ଆଇଟମ୍ ଡ୍ୟାନସରଙ୍କୁ ନିଆଯାଇଥିଲା। ସେଠାରେ ସେ ଅର୍ଦ୍ଧନଗ୍ନ ହୋଇ ନୃତ୍ୟ ପରିବେଷଣ କରିଥିବା ବେଳେ ଆଉ ଏକ ଦଳ ପକ୍ଷରୁ ତାଙ୍କ ସହ ପ୍ରତିଯୋଗିତା କରି ସୀତା ହରଣ ଦୃଶ୍ୟରେ ଅତ୍ୟନ୍ତ ଅଶ୍ଳୀଳତା

- ମଞ୍ଚରୁ ଯାଇ ପୁରାଣରେ ପହଞ୍ଚିଲା ଅଶ୍ଳୀଳତା
- ବାଦ୍ ପଡ଼ିଲାନି ପବିତ୍ର ରାମାୟଣ
- ସୀମା ଟପୁଛନ୍ତି ଆଇଟମ୍ ଡ୍ୟାନସର୍ ଓ କଳାକାର

ପ୍ରଦର୍ଶନ କରିଥିଲେ। ଏଭଳି ଏକ ମହାନ ସଂସ୍କୃତି, ପରମ୍ପରା ଆଧାରିତ ଆଧ୍ୟାତ୍ମିକ ଓ ପୌରାଣିକ କଥାବସ୍ତୁକୁ ଏଭଳି କଦର୍ଥ କରାଯାଇଥିବାରୁ ସାରା ରାଜ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି।

ଅନ୍ୟପଟେ, ଏଭଳି ସ୍ଥିତିରେ ସରକାରଙ୍କ ଭୂମିକା ଓ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଦୁଇ ଗୁରୁତ୍ୱପୂର୍ଣ୍ଣ ବିଭାଗର ୨ଜଣ ମନ୍ତ୍ରୀ ଯଥା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସଂସ୍କୃତି ସୁରକ୍ଷା ପାଇଁ ଏକ କଡ଼ା ଏସ୍‌ଓପି ଅଣାଯିବ ବୋଲି କହିଥିଲେ। ଏହି ଏସ୍‌ଓପି ଜରିଆରେ ରାଜ୍ୟରେ ଯାତ୍ରା ପେଣ୍ଡାଲ ହେଉ ଅବା ଅନ୍ୟ ସ୍ଥାନରେ ଯେପରି ଅଶ୍ଳୀଳତା ପ୍ରଦର୍ଶନ କରାଯାଇ ନ ପାରିବ ତାହା ସୁନିଶ୍ଚିତ ହେବ ବୋଲି ଦୁଇ ମନ୍ତ୍ରୀ କହିଥିଲେ। ହେଲେ ଓଡ଼ିଆ ଅସ୍ମିତାର କଥା କହି ସରକାରକୁ ଆସିଥିବା ଦଳ ଓ ରାଜ୍ୟରେ ଏହି ଦୁଇ ଦକ୍ଷ ମନ୍ତ୍ରୀଙ୍କ କଥାକୁ ପ୍ରାୟ ବର୍ଷଟେ ବିତିଯାଇଥିଲେ ମଧ୍ୟ ସେଭଳି କୌଣସି ଏସ୍‌ଓପି ଆସିପାରିନାହିଁ। ଯାହାର ପରିଣାମ ସ୍ୱରୂପ ରାଜ୍ୟରେ ପ୍ରତ୍ୟେକ ଦିନ ବିଭିନ୍ନ ଜିଲ୍ଲାରେ ମଞ୍ଚଗୁଡ଼ିକରେ କଳକାରମାନେ ଅଶ୍ଳୀଳତାର ସୀମା ଟପୁଛନ୍ତି। ନୂଆ ନିୟମ ବଳରେ ଦ୍ୱି-ଅର୍ଥବୋଧକ ଶବ୍ଦଠାରୁ ଆରମ୍ଭ କରି ଯେଉଁମାନେ ଯାତ୍ରା ମାଧ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତିକୁ ଅପଭ୍ରଂଶ କରିବାକୁ ପ୍ରଚେଷ୍ଟା କରିବେ, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଥାନ୍ତା।

ନିକଟରେ ଏକ ଯାତ୍ରା ମଞ୍ଚରେ ଜଣେ ଆଇଟମ ଡ୍ୟାନସର ଦର୍ଶକଙ୍କ ଆଗରେ ପୋଷାକ ଖୋଲିବା ସହ ଅନ୍ତଃବସ୍ତ୍ର ମଧ୍ୟ ଖୋଲି ଦେଇଥିଲେ। ଯାହାର ଭିଡିଓ ସାମାଜିକ ଗଣମାଧ୍ୟରେ ଘୂରି ବୁଲୁଥିବା ବେଳେ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଏଭଳି ହେବା ଦ୍ୱାରା ସମାଜ ଉପରେ କୁ-ପ୍ରଭାବ ପଡ଼ିବା ସହ ସପରିବାର ଏକାଠି ବସି ଯାତ୍ରା ବା ମଞ୍ଚ ନାଟକ ଦେଖିବା ସମ୍ଭବ ହୋଇପାରୁନାହିଁ।

ଏଭଳି ଘଟଣାକୁ ଓଡ଼ିଶା ଯାତ୍ରା କମିଟି ମହାସଂଘ ପକ୍ଷରୁ ମଧ୍ୟ ନିନ୍ଦା କରାଯାଇଛି। ମଞ୍ଚ ଉପରେ ଯେଉଁଭଳି ଭାବେ ନଗ୍ନତା ପ୍ରଦର୍ଶନ କରାଯାଉଛି, ତାହା ମୋବାଇଲ ଖୋଲିବା ମାତ୍ରେ ସାମାଜିକ ଗଣମାଧ୍ୟମରେ ବି ଶିରୋନାମା ପାଲଟୁଛି। ଯାତ୍ରାକୁ ପ୍ରୋତ୍ସାହନ ବଦଳରେ ବ୍ୟବସାୟୀକରଣ କରାଇଥିବା ଏବଂ ଯାତ୍ରାରେ ଅଶ୍ଳୀଳତା, ଦ୍ୱିର୍ଥବୋଧକ ଶବ୍ଦ ଓ ସମାଜ ପ୍ରତି ଖରାପ ପ୍ରଭାବ ପକାଉଥିବା କିଛି ନାଟକକୁ ବିରୋଧ କରିବା ଆବଶ୍ୟକ। ଏହାସହ ସରକାର ଯାତ୍ରା ପରିବେଷଣ ପାଇଁ ଏକ ସ୍ୱତନ୍ତ୍ର ନିୟମାବଳୀ ଆଣିଲେ ଏହି ଅଶ୍ଳୀଳତାରେ ଅଙ୍କୁଶ ଲଗାଯାଇପାରିବ। ଏଥିପାଇଁ ଆଇନମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କ ସହ ଯାତ୍ରା ମାଲିକ ସଂଘ ଏବଂ ଯାତ୍ରା କମିଟି ସୁରକ୍ଷା ମଞ୍ଚ ସହ ଆଲୋଚନା କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିଲାନାହିଁ। ଏଥିପାଇଁ ସରକାର ଖୁବଶୀଘ୍ର କଠୋର ନିୟମ ଆଣିବା ଉଚିତ୍। ନଚେତ୍ ସଂସ୍କୃତି ଏଭଳି ଭାବେ ଅପଭ୍ରଂଶ ଆଡ଼କୁ ଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

# ଗୌହାଟୀ ଯିବେ ନାହିଁ ଗିଲ୍



କୋଲକାତା, ୧୭।୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକାଠାରୁ ପ୍ରଥମ ଟେଷ୍ଟ ହାରିଯିବା ପରେ ଅଧିନାୟକ ଶୁବମନ ଗିଲ୍‌ଙ୍କ ଅନୁପସ୍ଥିତି ଭାରତୀୟ ଦଳରେ ଅନୁଭୂତ ହୋଇଥିଲା। ଭାରତର ପ୍ରଥମ ଇନିଂସରେ ୩ଟି ବଲ୍‌ରୁ ୪ ରନ୍ କରିବା ପରେ ଗିଲ୍ ପଡ଼ିଆ ଛାଡ଼ିଥିଲେ। ତାଙ୍କ ବେକ ପଛପଟେ ଯନ୍ତ୍ରଣା ହେବାରୁ ସେ ଏହି ଟେଷ୍ଟରେ ଆଉ ଖେଳି ପାରି ନ ଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ଲାଗି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ଆଜି ତାଙ୍କୁ ମେଡିକାଲରୁ ଛାଡି ଦିଆଯାଇଛି। କିନ୍ତୁ ନଭେମ୍ବର ୨୨ରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ତାଙ୍କର ଖେଳିବା ନେଇ ଆଶଙ୍କା ରହିଛି। ଆସନ୍ତାକାଲି ବା ମଙ୍ଗଳବାର ଭାରତୀୟ ଦଳ ଇଡେନ୍‌ରେ ଅଭ୍ୟାସ କରିବ। ବୁଧବାର ସକାଳେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଗୌହାଟୀ ଯାତ୍ରା କରିବ। କିନ୍ତୁ ବେକରେ ଆଘାତ ଲାଗିଥିବା ବ୍ୟକ୍ତିଙ୍କୁ ବିମାନରେ ଯାତ୍ରା କରିବାର ନିୟମ ନାହିଁ। ଏବେ ସେ ବିସିସିଆଇ ମେଡିକାଲ ଟିମ୍‌ର ତତ୍ତ୍ୱାବଧାନରେ ରହିଛନ୍ତି। ଯାହା ଫଳରେ ବୁଧବାର ଦଳ ସେ ଗୌହାଟୀ ଯାଇ ପାରିବେ ନାହିଁ ବୋଲି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ସେ ଯଦି ଦ୍ୱିତୀୟ ଟେଷ୍ଟରେ ଖେଳିବାକୁ ସମର୍ଥ ନ ହୁଅନ୍ତି, ତେବେ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ, ବି. ସାଇ ସୁଦର୍ଶନ ଓ ଦେବଦତ୍ତ ପାଡିକଲଙ୍କ ମଧ୍ୟରୁ ଜଣେ ଖେଳିବାର ସୁଯୋଗ ପାଇପାରନ୍ତି।

# ଇଡେନ୍ ପିଚ୍‌କୁ ନେଇ ବିତର୍କ ଜୋର୍‌ଦାର୍

କୋଲକାତା,୧୭।୧୧(ଏଜେନ୍ସି): ସ୍ଥାନୀୟ ଇଡେନ ଗାର୍ଡେନଠାରେ ଦକ୍ଷିଣ ଆଫ୍ରିକା ଠାରୁ ଭାରତ ୩୦ ରନ୍‌ରେ ପ୍ରଥମ ଟେଷ୍ଟ ହାରିଯିବା ପରେ ପିଚ୍‌କୁ ନେଇ ଆଲୋଚନା, ସମାଲୋଚନା ଓ ବିତର୍କ ଜୋର ହୋଇଛି। ଦଳର ପରାଜୟ ପରେ ମଧ୍ୟ ଏହି ପିଚ୍‌କୁ ଭାରତୀୟ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର ଓ ସୁସ୍ଥ ହେବା ପରେ ଅଧିନାୟକ ଶୁବମନ ଗିଲ୍ ସମର୍ଥନ କରିଛନ୍ତି। ପିଚ୍ ନିର୍ମାତା ସୁଜନ ବାନାର୍ଜୀ ତାଙ୍କ ପରାମର୍ଶ ଅନୁଯାୟୀ ସହାୟତା ଯୋଗାଇଦେଇଛନ୍ତି। ଏଣୁ ପିଚ୍‌କୁ ଦୋଷ ଦେଇହେବ ନାହିଁ ବୋଲି ଗମ୍ଭୀର କହିଛନ୍ତି। ପ୍ରଥମ ଦିନରୁ ଇଡେନ୍ ପିଚ୍‌ରେ ଅନ୍ ଇଭିନ ବାଉନ୍ସ ହୋଇଥିଲା। ଯାହା ଫଳରେ ଭାରତୀୟ ପେସର ଫାଇଦା ଉଠାଇ ୭ଟି ୱିକେଟ ନେଇଥିଲେ। ଏହା ପରେ ଦ୍ୱିତୀୟ ଦିନରେ ଅନ୍‌ଇଭିନ ବାଉନ୍ସ ସାଙ୍ଗକୁ ପିଚ୍ ଟର୍ଣ୍ଣ ନେଇଥିଲା। ଯାହା ଫଳରେ ବ୍ୟାଟିଂ କରିବା କଷ୍ଟକର ହୋଇଥିଲା। ମ୍ୟାଚ୍‌ର ତୃତୀୟ ଦିନରେ ବଲ ଅଧିକ ଟର୍ଣ୍ଣ ହୋଇଥିଲା। ଯାହାକୁ ଭାରତୀୟ ବ୍ୟାଟର ମୁକାବିଲା କରି ପାରି ନ ଥିଲେ। ଶୁବମନ ଗିଲ ଅନୁପସ୍ଥିତ ଥିଲାବେଳେ ଅନ୍ୟ ୯ ଜଣଙ୍କ ମଧ୍ୟରୁ ଦକ୍ଷିଣ ଆଫ୍ରିକାର ସ୍ପିନରମାନେ ୭ଟି ୱିକେଟ ନେଇଥିଲେ। ଏଣୁ ଟର୍ଣ୍ଣ ନେଉଥିବା ପିଚ୍‌ରେ ଭାରତୀୟ ବ୍ୟାଟର ଯେ ଖେଳିବାକୁ ଅସମର୍ଥ ତାହା ପୁଣିଥରେ ପ୍ରମାଣିତ ହୋଇଛି। କିଛି ଦିନ ଆଗରୁ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଉପସ୍ଥିତି ସତ୍ତ୍ୱେ ଭାରତୀୟ ଟର୍ଣ୍ଣିଂ ପିଚ୍‌ରେ ଭାରତ ନ୍ୟୁଜିଲାଣ୍ଡ ନିକଟରୁ କ୍ରମାଗତ ୩ଟି ମ୍ୟାଚ୍‌ରେ ହାରିଯାଇଥିଲା। ବିଶେଷ କରି ଡାହାଣହାତୀ ବ୍ୟାଟରଙ୍କୁ ବାମହାତୀ ସ୍ପିନର ଓ ବାମହାତୀ ବ୍ୟାଟରଙ୍କୁ ଅଫ୍ ସ୍ପିନର ଅତି ସହଜରେ ଆଉଟ କରିଦେଇଥିଲେ। ଅନ୍ୟପକ୍ଷରେ କହିବାକୁ ଗଲେ ଟର୍ଣ୍ଣିଂ ପିଚ୍‌ରେ ଭାରତୀୟ ବ୍ୟାଟିଂର ଦୁର୍ବଳତା ପଦାରେ ପଡ଼ିଥିଲା। ନିଜ ମାଟିରେ ଟେଷ୍ଟ ହାରିବା ସମର୍ଥକଙ୍କର ଆଦୌ ହଜମ ହେଉନାହିଁ। ଦକ୍ଷିଣ ଆଫ୍ରିକା ଏବେ ବିଶ୍ୱ ଟେଷ୍ଟ ଚାମ୍ପିଅନ ହୋଇଥିଲେ ମଧ୍ୟ ସ୍ପିନରକୁ ମୁକାବିଲା କରିବାରେ ଦକ୍ଷତା ନ ଥିଲା। ଦ୍ୱିତୀୟ ଇନିଂସରେ ଅଧିନାୟକ ତେମ୍ବା ବଭୁମାଙ୍କ ଅପରାଜିତ ଅର୍ଦ୍ଧଶତକ ସବୁକିଛି ବଦଳାଇଦେଇଥିଲା। ଏବେ ଦୁଇଟି ପ୍ରଶ୍ନ ସମର୍ଥକଙ୍କୁ ଆନ୍ଦୋଳିତ କରୁଛି। ଗୋଟିଏ ହେଲା ଇଡେନ ପିଚ୍ ଟେଷ୍ଟ ଲାଗି ଏବଂ ଦ୍ୱିତୀୟଟି ହେଉଛି ଭାରତ ଲାଗି ଉପଯୁକ୍ତ କି ନୁହେଁ। ଭାରତ ଟେଷ୍ଟ ହାରିଯିବା ପରେ ଇଡେନ୍ ପିଚ୍‌କୁ ନେଇ ଦୀର୍ଘଦିନ ବିତର୍କ ଜାରି ରହିବ।

କିଟ୍ ରଣଜୀ ଲଢ଼େଇ

# ଅନିଲଙ୍କ ଶତକ; ଓଡ଼ିଶା ଇନିଂସ ଅଗ୍ରଣୀ

ଭୁବନେଶ୍ୱର, ୧୭ ।୧୧ (ସମିସ)

ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ନାଗାଲାଣ୍ଡ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଘରୋଇ ଓଡ଼ିଶା ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଛି। ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୨୭୫ ରନ ଜବାବରେ ନାଗାଲାଣ୍ଡ ୧୬୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ୧୧୪ ରନରେ ଅଗ୍ରଣୀ ହାସଲ କରିଥିବା ଓଡ଼ିଶା କିନ୍ତୁ ଦ୍ୱିତୀୟ ଇନିଂସ ଆରମ୍ଭରୁ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସୋମବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସରେ ୬.୫ ଓଭର ଖେଳି ୨ ୱିକେଟ ହରାଇ ୧୬ ରନ ସଂଗ୍ରହ କରିଛି। ସ୍ୱସ୍ତିକ ସାମଲ ୯ ରନ କରି ଅପରାଜିତ ରହିଛନ୍ତି। ଓପନର୍ ଗୌରବ ଚୌଧୁରୀ ୭ ରନରେ ଆଉଟ୍ ହୋଇଛନ୍ତି। ସେହିଭଳି ଏଠାରେ ପଦାର୍ପଣ କରିଥିବା ୱିକେଟ୍‌କିପର ସାୱନ ପହରିଆ ଦ୍ୱିତୀୟ ଇନିଂସରେ ମଧ୍ୟ ନିରାଶ କରି ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ପ୍ରଥମ ଇନିଂସରେ ପହରିଆ ମାତ୍ର ୧ ରନ କରିଥିଲେ। ଆଠ ୱିକେଟ ବଳକା ଥାଇ ଓଡ଼ିଶା ଏବେ ମୋଟ୍ ଉପରେ ୧୩୦ ରନରେ ଅଗ୍ରଣୀ ଲାଭ କରିଛି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାରୁ ଫଳାଫଳ ବାହାରିବା ନିଶ୍ଚିତ ହୋଇଛି।



### ଅନିଲଙ୍କ ଶତକ; ବୋଲରଙ୍କ ମିଳିତ ସଫଳତା

ପୂର୍ବ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୪୩/୭ରୁ ସୋମବାର ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୨ ରନ ଯୋଡ଼ି ଅଲ୍‌ଆଉଟ୍ ହୋଇଯାଇଥିଲା। ନିଜର ଦ୍ୱିତୀୟ ମ୍ୟାଚ୍ ଖେଳୁଥିବା ଯୁବ ବ୍ୟାଟର ଅନିଲ ପରିଡ଼ା ୧୧୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ମହାନ୍ତି ୧୪ ଏବଂ ବାଦଲ ବିଶ୍ୱାଳ ଓ ତାପସ ଦାସ ଖାତା ଖୋଲି ନ ପାରି ଆଉଟ୍ ହୋଇଥିଲେ। ଅନିଲଙ୍କ ଏହା ପ୍ରଥମ ପ୍ରଥମଶ୍ରେଣୀ ଶତକ ଥିଲା। ଗତ ସିଜନରେ ସେ ସର୍ଭିସେସ ବିପକ୍ଷ ପଦାର୍ପଣ ମ୍ୟାଚରେ ଅପରାଜିତ ୯୯ ରନ କରିବା ସହ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ବୋଲିଂରେ ନାଗାଲାଣ୍ଡ ପକ୍ଷରୁ ରୋନିତ ମୋରେ, ଅଧିନାୟକ ରଙ୍ଗସେନ ଜୋନାଥନ ଓ ଲମଲିୱତି ଲେମତୁର ୩ଟି ଲେଖାଏ ୱିକେଟ୍ ନେଇଥିଲେ।


ଏହାପରେ ପ୍ରଥମ ପାଳି ଆରମ୍ଭ କରିଥିବା ନାଗାଲାଣ୍ଡ ଓପନିଂ ୱିକେଟରେ ୫୨ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲା। କିନ୍ତୁ ଏହାପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ୧୬୧ରେ ସୀମିତ ରହିଥିଲା। ଓପନର୍ ଡେଗା ନିଶ୍ଚଳ ସର୍ବାଧିକ ୭୨, ରୋନିତ ୨୫ ଓ ଜୋନାଥନ ୧୬ ରନ କରିଥିଲେ। ଘରୋଇ ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି, ସମ୍ବିତ ବରାଳ ଓ ସ୍ପିନ ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର ୩ଟି ଲେଖାଏ ୱିକେଟ୍ ନେଇ ଦଳକୁ ଅଗ୍ରଣୀ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଓଡ଼ିଶା ପ୍ରଥମ ଇନିଂସ:** ୨୭୫/୧୦, ୧୦୪.୪ ଓଭର।
**ନାଗାଲାଣ୍ଡ ପ୍ରଥମ ଇନିଂସ:** ୧୬୧/୧୦, ୫୭.୩ ଓଭର
**ଓଡ଼ିଶା ଦ୍ୱିତୀୟ ଇନିଂସ:** ୧୬/୨, ୬.୫ ଓଭର (ସ୍ୱସ୍ତିକ- ଅପରାଜିତ- ୯, ଗୌରବ- ୭, ଲେମତୁର- ୧/୪)

● ଏଟିପି ଫାଇନାଲ୍ସ

# ଟାଇଟଲ୍ ସହ ୪୪.୯ କୋଟି ଜିତିଲେ ସିନ୍ନର୍



ତୁରିନ୍, ୧୭ ।୧୧ (ଏଜେନ୍ସି): ପୁରୁଷ ଟେନିସ ଇତିହାସର ଅନ୍ୟତମ ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଏଟିପି ଫାଇନାଲ୍ସରେ ଏଥର ମଧ୍ୟ ଇଟାଲୀ ତାରକା ଜାନ୍ନିକ ସିନ୍ନର ଚାମ୍ପିଅନ ହୋଇଛନ୍ତି। ଗତକାଲି ରାତିରେ ଖେଳାଯାଇଥିବା ଫାଇନାଲରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ସିନ୍ନର ୭-୬ (୪), ୭-୫ ସେଟ୍‌ରେ ଶୀର୍ଷ ମାନ୍ୟତା କାର୍ଲୋସ ଆଲ୍‌କାରାଜଙ୍କୁ ହରାଇ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଘରୋଇ ମାଟିରେ ଏହି ସମ୍ମାନଜନକ ଟ୍ରଫି ଜିତିବା ସହ ସିନ୍ନର ରେକର୍ଡ ୫.୦୭୧ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪୪ କୋଟି ୯୨ ଲକ୍ଷ) ପୁରସ୍କାର ବାବଦରେ ହାସଲ କରିଛନ୍ତି। ଯାହାକି ପୁରୁଷ ଟେନିସ ଇତିହାସରେ ସର୍ବକାଳୀନ ସର୍ବାଧିକ ପୁରସ୍କାର ରାଶି। ସେହିଭଳି ରନର୍ସଅପ୍ ହୋଇଥିବା ଆଲ୍‌କାରାଜ ୨.୭ ମିଲିୟନ ଡଲାର (୨୩ କୋଟି ୯୫ ଲକ୍ଷ ଟଙ୍କା) ବିଜୟୀ ହୋଇଛନ୍ତି।

# ଓଡ଼ିଶା ବୋଲର ନିରାଶ; ମହାରାଷ୍ଟ୍ର ୫୨୮

କୁଚ ବିହାର ଟ୍ରଫି

କଟକ,୧୭।୧୧(ସମିସ): ନାଗୋଥାନେର ରିଲାଏନ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଉଥିବା କୁଚବିହାର ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଘରୋଇ ମହାରାଷ୍ଟ୍ର ଦଳ ଦୃଢ଼ ସ୍ଥିତିରେ ରହିଛି। ମହାରାଷ୍ଟ୍ରର ପ୍ରଥମ ପାଳି ୫୨୮ ରନରେ ସୀମିତ ରହିବା ପରେ ସୋମବାର ମ୍ୟାଚର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୩ ୱିକେଟ ହରାଇ ୧୩୪ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇ ଦିନ ବାକି ରହିଛି। ଅସମାପ୍ତ ପ୍ରଥମ ପାଳି ୨୯୯/୫ରୁ ଆଜି ମହାରାଷ୍ଟ୍ର ବ୍ୟାଟିଂ ଆରମ୍ଭ କରିଥିଲା। ୪୮ ରନରେ ଅପରାଜିତ ଥିବା ଏସ୍ ଜଗତପ ୧୧୭ରନର ପାଳି ଖେଳିଥିଲେ। ନିମ୍ନକ୍ରମର ବ୍ୟାଟର ଆରକମ୍ ସୟଦଙ୍କ ୬୨ରନ ଏବଂ ଶୁଭମ କଦମଙ୍କ ୪୮ ରନ ଯୋଗୁଁ ମହାରାଷ୍ଟ୍ରର ସ୍କୋର ୫୦୦ ଟପିଥିଲା। ଓଡ଼ିଶା ପକ୍ଷରୁ ଅର୍ପିତ ମହାନ୍ତି ୫ଟି ୱିକେଟ ଦଖଲ କରିଥିଲେ।

### ନିଖିଳ ଓଡ଼ିଶା ବିଲିଆର୍ଡ୍‌ସ ଓ ସ୍ନୁକର

# ସୁବ୍ରତ-ଆଶୁତୋଷ ଫାଇନାଲ

ଭୁବନେଶ୍ୱର,୧୭।୧୧(ସମିସ): ରାଜ୍ୟର ଦୁଇ ପ୍ରତିଷ୍ଠିତ ଖେଳାଳି ସୁବ୍ରତ ଦାସ ଓ ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ସିନିଅର ବିଲିଆର୍ଡ୍ସ ଟାଇଟଲ ଲାଗି ମୁକାବିଲା ହେବ। ପଟିଆ ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ଚାଲିଥିବା ୩୧ତମ ରାଜ୍ୟ ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିନରେ ଚିରଞ୍ଜୀବ ସିଂହଙ୍କୁ ୩-୦ ଫ୍ରେମ୍‌ରେ ହରାଇ ଆଶୁତୋଷ ଓ ସମୀର ଅଲିଙ୍କୁ ୩-୦ରେ ହରାଇ ସୁବ୍ରତ ବିଲିଆର୍ଡ୍‌ସ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ କୁନାଲ ଅଗରୱାଲଙ୍କୁ ୨-୧ରେ ହରାଇ ଆଶୁତୋଷ ସେମିରେ ପ୍ରବେଶ କରିଥିଲେ। ଆସନ୍ତାକାଲି ଫାଇନାଲ୍ ଖେଳାଯିବ।

ଷ୍ଟେଟ-ଏ' ଟ୍ରଫି

# ଆସାମକୁ ହରାଇ ଓଡ଼ିଶାର ଚତୁର୍ଥ ବିଜୟ



କଟକ,୧୭।୧୧(ସମିସ): ଚଳିତ ୨୩ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ (ଲିଷ୍ଟ-ଏ) ଟ୍ରଫିରେ ଓଡ଼ିଶା ୪ର୍ଥ ବିଜୟ ହାସଲ କରିଛି। ଆଜି ବରୋଦାର ମୋତିବାଗ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଦଳ ଅନ୍ତିମ ୱିକେଟରେ ଆସାମକୁ ପରାସ୍ତ କରିଥିଲା। ଲିଗ୍ ପର୍ଯ୍ୟାୟରେ ୫ଟି ମ୍ୟାଚ୍‌ରୁ ୪ଟି ବିଜୟ, ଗୋଟିଏ ପରାଜୟ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନରେ ରହିଛି। ୧୯ ତାରିଖରେ ମୁମ୍ବଇ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ। ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୮ ୱିକେଟ ବିନିମୟରେ ୨୫୭ରନ ସଂଗ୍ରହ କରିଥିଲା। ଓପନର ସୌରଭ ଢ଼ିଙ୍ଗିଆ ଅପରାଜିତ ୧୩୪ରନ କରିଥିଲେ। ଓଡ଼ିଶାର ମହମ୍ମଦ ଡାନିସ ଏବଂ ଆୟୁଷ ବାରିକ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ତେବେ ୪୯ ଓଭରରେ ୯ ୱିକେଟ ହରାଇ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଛି। ସୁଜଳ କୁମାର ସିଂହ ୫୪ବଲରୁ ୭୬ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ୱିକେଟକିପର ଆଶୀର୍ବାଦ ସ୍ୱାଇଁ ୬୭ରନ କରିଥିଲେ।

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ

ବିତର୍କ ପ୍ରତିଯୋଗିତା ୨୦୨୫

ଭାଷା: ଓଡ଼ିଆ

5th Anniversary

Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

In Association with:
CBSE-XI & XII
SRI VINAYAKA Concept School
BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେ.ଏନ୍ ସାମନ୍ତରାୟ - ୯୪୩୭୪୫୬୫୬୬ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୬୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୬୭୧୯ |
| କଟକ | ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିରିଂ ବୈଷିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୨୫୬୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୨୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଢୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS